ନଜୀର ଅକବରାବାଦୀ

ମୋହମ୍ମଦ ହସନ



OR
819.18
N 23 M

ଭାରତୀୟ
ସାହିତ୍ୟସ୍ରଷ୍ଟା
ଗ୍ରନ୍ଥମାଳା

OR
819.18
N 23 M



INDIAN INSTITUTE
OF
ADVANCED STUDY
LIBRARY, SHIMLA

ନଜୀର ଅକବର୍‌ବାଦୀ

ଏହି ପୁସ୍ତକର ଅନ୍ତଃପ୍ରଚ୍ଛଦରେ ଆନୁମାନିକ ଖ୍ରୀଷ୍ଟୀୟ ଦ୍ୱିତୀୟ ଶତକରେ ରଚିତ ଭାସ୍କର୍ଯ୍ୟର ପ୍ରତିଲିପି ମୁଦ୍ରିତ ହୋଇଛି । ନାଗାର୍ଜୁନକୋଣ୍ଡାର ଏହି ଧ୍ୱଂସାବଶେଷ ବର୍ତ୍ତମାନ ନୂଆଦିଲ୍ଲୀର ନ୍ୟାସନାଲ ମ୍ୟୁଜିୟମରେ ରକ୍ଷିତ । ଏହି ଭାସ୍କର୍ଯ୍ୟର ବିଷୟ : ରାଜା ଶୁଦ୍ଧୋଦନଙ୍କ ରାଜସଭାରେ ତିନିଜଣ ଜ୍ୟୋତିଷୀ ଭଗବାନ ବୁଦ୍ଧଙ୍କ ଜନନୀ ମାୟାଦେବୀଙ୍କ ସ୍ୱପ୍ନର ତାତ୍ପର୍ଯ୍ୟ ବ୍ୟାଖ୍ୟା କରୁଛନ୍ତି । ଜ୍ୟୋତିଷୀମାନଙ୍କ ଆସନ ନିକଟରେ ଲିପିକାର ବସି ସେମାନଙ୍କ ବକ୍ତବ୍ୟ ଲେଖି ଚାଲିଛନ୍ତି । ଅନୁମାନ, ଏହା ଭାରତର ଲିଖନକଳାର ପ୍ରାଚୀନତମ ଚିତ୍ରରୂପ ।

ଭାରତୀୟ ସାହିତ୍ୟସ୍ରଷ୍ଟା ଗ୍ରନ୍ଥମାଳା

ନଜୀର୍ ଅକବରାବାଦୀ

ମୋହମ୍ମଦ ହସନ

ଅନୁବାଦ
ସାତକଡ଼ି ହୋତା

ସାହିତ୍ୟ ଅକାଦେମି

NAZIR AKBARABADI : Oriya translation by Satkadi Hota of the same title in English by Mohammad Hasan. Sahitya Akademi, New Delhi, 1994. Price : Rs 15.00

© ସାହିତ୍ୟ ଅକାଦେମି

ପ୍ରଥମ ପ୍ରକାଶ : ୧୯୯୪

ISBN : 81-7201-252-7

OR
819.18
N 23 M

ସାହିତ୍ୟ ଅକାଦେମି

ରବୀନ୍ଦ୍ର ଭବନ, ୩୫, ଫିରୋଜଶାହ ରୋଡ୍, ନୂଆଦିଲ୍ଲୀ ୧୧୦୦୦୧

ବିକ୍ରୟ କେନ୍ଦ୍ର :

'ସ୍ୱାତି', ମନ୍ଦିର ମାର୍ଗ, ନୂଆଦିଲ୍ଲୀ ୧୧୦୦୦୧

'ଜୀବନତାରା ଭବନ,' ୨୩ଏ/୪୪ଏକ୍ସ, ଡାଇମଣ୍ଡ ହାରବର ରୋଡ୍, କଲିକତା ୭୦୦ ୦୫୩

'ଗୁନା ଭବନ', ଦ୍ୱିତୀୟ ମହଲା, ୩୦୪-୩୦୫, ଆନା ସାଲାଇ, ତେୟନାମ୍ପେଟ୍, ମାଡ୍ରାଜ ୬୦୦ ୦୧୮

୧୭୨ ମୁମ୍ବାଇ ମାରାଠୀ ଗ୍ରନ୍ଥ ସଂଗ୍ରହାଳୟ ମାର୍ଗ, ଦାଦାର, ବମ୍ବେ ୪୦୦୦୧୪

ଏଡିଏ ରଙ୍ଗମନ୍ଦିର, ୧୦୯ ଜେ. ସି. ରୋଡ୍, ବାଙ୍ଗାଲୋର ୫୬୦୦୦୨

ମୂଲ୍ୟ : ୧୫-୦୦

ମୁଦ୍ରାକର :

ଡଗର ପ୍ରେସ୍

ଡ୪, କାନ୍ତକୁଟୀର, ଲେବର କଲୋନୀ,
ୟୁନିଟ୍-୩, ଖାରବେଳ ନଗର
ଭୁବନେଶ୍ୱର ୧

Indian Institute of Advanced Study
117789
21/12/94
SHIMLA

Library IIAS, Shimla
OR 819.18 N 23 M
00117789

ବିଷୟ ସୂଚୀ

ଭୂମିକା	୧
ଜୀବନ ଚିତ୍ର	୪
ଐତିହାସିକ ପରିବେଶ	୨୩
କାବ୍ୟ ପ୍ରତିଭା	୩୩
ଉପସଂହାର	୭୦
ସଂକେତସୂତ୍ର	୭୩
ଗ୍ରନ୍ଥସୂଚୀ	୭୯

ଉତ୍ସର୍ଗ

ଅଧ୍ୟାପକ ଖ୍ୱାଜା ଅହମ୍ମଦ ଫାରୁକୀଙ୍କୁ

ତାଙ୍କର ବଦାନ୍ୟତା ପାଇଁ

ଶ୍ରଦ୍ଧା ଓ କୃତଜ୍ଞତା ସହ ।

ପ୍ରାପ୍ତି ସ୍ୱୀକାର

ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ପ୍ରେସ୍ ଦ୍ୱାରା ପ୍ରକାଶିତ ମୁହମ୍ମଦ ସାଦିକ୍‌ଙ୍କର 'ଉର୍ଦ୍ଦୁ ସାହିତ୍ୟର ଇତିହାସ'ରୁ କେତେକ ଅଂଶ ଏହି ପୁସ୍ତକରେ ସନ୍ନିବେଶିତ କରାଯାଇ ଥିବାରୁ ଏବଂ ଡକ୍ଟର ରାମ ବାବୁ ସାକ୍‌ସେନାଙ୍କ ଦ୍ୱାରା ଲିଖିତ 'ଉର୍ଦ୍ଦୁ ସାହିତ୍ୟର ଇତିହାସ" କଲିକତାସ୍ଥ ଓ୍ୱାଇ.ଏମ୍.ସି.ଏ ପବ୍ଲିସିଂ ହାଉସ ଦ୍ୱାରା ପ୍ରକାଶିତ। ଡକ୍ଟର ଗ୍ରାହାମ ବେଲିଙ୍କ 'ଉର୍ଦ୍ଦୁ ସାହିତ୍ୟ' ଏବଂ ଯେଉଁ ସମସ୍ତ ପ୍ରକାଶକ ଓ ଲେଖକମାନଙ୍କର ପ୍ରକାଶିତ ଗ୍ରନ୍ଥ-ଗୁଡ଼ିକର ଅଂଶ ବିଶେଷ ବା ଉକ୍ତି ଏଠାରେ ଉଦ୍ଧାର କରାଯାଇଛି ସେମାନଙ୍କର ସୌଜନ୍ୟତା ଲେଖକ କୃତଜ୍ଞତାର ସହିତ ସ୍ୱୀକାର କରୁଛି ।

ଭୂମିକା

ଊନବିଂଶ ଶତାବ୍ଦିରେ ଉର୍ଦ୍ଦୁରେ କବିତା ଲେଖୁଥିବା ଜଣେ ସୁନାମଧନ୍ୟ କବିଙ୍କୁ ଇଂରାଜୀ ଜାଣିଥିବା ଭାରତୀୟ ଓ ବିଦେଶୀ ପାଠକମାନଙ୍କ ସହିତ ପରିଚିତ କରାଇଦେବା ପାଇଁ ତାଙ୍କ ସମ୍ପର୍କରେ ଏହି କ୍ଷୁଦ୍ର ବିବରଣୀ ଲିପିବଦ୍ଧ କରିବା ପ୍ରଧାନ ଉଦ୍ଦେଶ୍ୟ । ଦିଲ୍ଲୀରେ ଜନ୍ମଗ୍ରହଣ କରିଥିଲେ ମଧ୍ୟ ତତ୍କାଳୀନ ମୋଗଲ ଭାରତର ରାଜଧାନୀ ଆଗ୍ରାଠାରେ ଜଣେ କବିଭାବରେ ନଜୀର ଅକବରାବାଦୀ ପ୍ରସିଦ୍ଧି ଲାଭ କରିଥିଲେ ।

ନଜୀର ଅକବରାବାଦୀ ତାଙ୍କ ଜୀବନ କାଳରେ ଏକ ଲୋକ କଥାରେ ପରିଣତ ହୋଇଥିଲେ ଏବଂ ସାହିତ୍ୟର ଇତିହାସ ତାଙ୍କୁ ବିଳମ୍ବରେ ସ୍ୱୀକୃତି ଦେଇଥିଲେ ମଧ୍ୟ ହାଟ ଓ ବଜାର, ଗଳି ଉପଗଳି, ପର୍ବପର୍ବାଣୀ ଏବଂ ମେଳାମହୋତ୍ସବରେ କବିଙ୍କର କବିତାର ମଧୁର ଝଙ୍କାର ପ୍ରତିଧ୍ୱନିତ ହେଉଥିଲା । ପ୍ରଥମଥର ପାଇଁ ସାହିତ୍ୟ ସମାଲୋଚକମାନଙ୍କର କାବ୍ୟ ପ୍ରତିଭା ମୂଲ୍ୟାଙ୍କନ କରିବାର ନିୟମଗୁଡ଼ିକୁ ପୁନର୍ବାର ସଂଶୋଧନ କରିବା ପାଇଁ ସେ ବାଧ୍ୟ କରିଥିଲେ । ଜନସାଧାରଣଙ୍କ ଗୃହର ସମ୍ମୁଖୀନ ହୋଇ ଏବଂ ପ୍ରକୃତ ଶାସକମାନଙ୍କ ନିକଟରେ ତାଙ୍କର ଲୋକପ୍ରିୟତାର ପରିପ୍ରେକ୍ଷୀରେ ଉର୍ଦ୍ଦୁ ସାହିତ୍ୟର ଶ୍ରେଷ୍ଠ କବିମାନଙ୍କ ମଧ୍ୟରେ ନଜୀର ଯେ ଅନ୍ୟତମ ଏହା ସମାଲୋଚକ ଏବଂ ସର୍ବସାଧାରଣ ଘୋଷଣା କରିଥିଲେ ।

ନଜୀର ଅକବରାବାଦୀ ତାଙ୍କ ସମୟରେ କବିଜଗତ ସହିତ ଝାପ ଖାଉ ନଥିଲେ । ଗୋଟିଏ ବିଖ୍ୟାତ ଆରବୀ ପ୍ରବଚନ ଅନୁସାରେ ଲୋକମାନେ ସେମାନଙ୍କର ଶାସକଙ୍କର ପଦାଙ୍କ ଅନୁସରଣ କରନ୍ତି । ବହୁକାଳଯାଏ, ଶାସକ ଓ ସମ୍ଭ୍ରାନ୍ତ ଲୋକମାନେ ବଂଶୀ-ବାଦକମାନଙ୍କୁ, 'ହାତୀ ନେ ଘୋଡ଼ାନେ, ମୋ ପେଁକାଳି ବଜାଇ ଦେ', ଗୀତରେ ବ୍ୟବହାର କରୁଥିଲେ ଏବଂ ନିଜେ ନିଜେ ସମକାଳୀନ ସଂସ୍କୃତି ଓ ସାହିତ୍ୟର ପୃଷ୍ଠପୋଷକତା କରିବାର ଦାୟିତ୍ୱ ବହନ କରିଥିଲେ । ଏପରିକି ଯେଉଁ ସବୁ ଭାଷା, ଅଦାଲତର ରାଜଦରବାର ଏବଂ ସମ୍ଭ୍ରାନ୍ତମାନଙ୍କର ବୈଠକଖାନାର ଭାଷା ଭାବରେ ସମ୍ମାନ ଅର୍ଜନ କରି ନ ଥିଲେ, ସେହି ସବୁ ଭାଷାରେ ଲିଖିତ କବିତାର ଗଠନ ଢାଞ୍ଚା

ହେବ ତାହା ସେମାନେ ସ୍ଥିର କରୁଥିଲେ । କବିମାନେ ପ୍ରଧାନତଃ ରାଜସଭାରେ ଗୃହକାରର ମର୍ଯ୍ୟାଦା ଅର୍ଜନ କରିବା ପାଇଁ ଲାଳାୟିତ ଥିଲେ ଏବଂ ସେଇ ସମୟର ପ୍ରଶାସନ ଆଗରେ ନିଜର ସ୍ଥିତି ସୁଦୃଢ଼ କରିବାପାଇଁ ଶାସନକର୍ତ୍ତାମାନଙ୍କ ମାନଦଣ୍ଡରେ ନିଜନିଜର ମର୍ଯ୍ୟାଦା ବୃଦ୍ଧି କରିବା ସେମାନଙ୍କର ମୁଖ୍ୟ ଚିନ୍ତା ଥିଲା ।

ଅନ୍ୟ ପକ୍ଷରେ ସାଧାରଣତଃ ତାଙ୍କ ଗୋଷ୍ଠୀର କବିମାନେ ଯେପରି ଚଳୁଥିଲେ ନଜୀର ଆକବରାବାଦୀ ସେପରି ନକରି ନିଜକୁ ସେଥିରୁ ନିବୃତ୍ତ କରୁଥିଲେ । ଏହା ସତ୍ୟ ଯେ ଆକବର ଓ ସାହାଜାହାନଙ୍କ ସମୟର ସମୃଦ୍ଧ ସମାଜରେ ସେ ରହୁନଥିଲେ । ଆଗ୍ରା ସେତେବେଳକୁ ଏହାର ଗୌରବ ହରାଇ ସାରିଥିଲା । ଏପରିକି ସାମନ୍ତମାନଙ୍କ ଦ୍ୱାରା ପ୍ରଶଂସିତ ଓ ଦରବାରଦ୍ୱାରା ସମ୍ମାନିତ ହୋଇଥିବା କବିମାନେ ଦାରିଦ୍ର୍ୟର ଦୟନୀୟ ଅବସ୍ଥାକୁ ଖସିଆସିଥିଲେ ଏବଂ ସେମାନଙ୍କ ମଧ୍ୟରୁ ଅନେକ ଅନିଚ୍ଛାସତ୍ତ୍ୱେ ଜୀବିକାର୍ଜନ କରିବା ପାଇଁ ଅପେକ୍ଷାକୃତ ସମୃଦ୍ଧ ଅବଧ ରାଜଦରବାରର ପୋଷକତା ପାଇବା ଆଶାରେ ସେଠାକୁ ଚାଲିଯାଇଥିଲେ ।

ଗୋଟିଏ ଦିଗରୁ ଏହି ସମୟ ଖରାପ ଥିଲେ ମଧ୍ୟ ଆଉ ଗୋଟିଏ ଦିଗରୁ ଏହା ସର୍ବାପେକ୍ଷା ଭଲ ସମୟ ଥିଲା । ସବୁଠାରୁ ଖରାପ ସମୟ କାରଣ ବହୁ ସଂଖ୍ୟକ ବିଦେଶୀ ଲୁଣ୍ଠନକାରୀ ଅଲକ୍ଷିତ ଓ ଅବିରାମ ଭାବରେ ଏହି ଦେଶକୁ ଲୁଣ୍ଠନ ଓ ଧ୍ୱଂସ କରିବାରେ ଲାଗିପଡ଼ିଥିଲେ । ସେମାନଙ୍କର ଆକ୍ରମଣ ପରେ ପରେ ଦାରିଦ୍ର୍ୟ ଓ ଦୟନୀୟ ଅବସ୍ଥା କେବଳ ବ୍ୟାପିଯାଇ ନଥିଲା, ଅତୀତରେ ଯୁଗଯୁଗଧରି ସମାଜ ବ୍ୟବସ୍ଥାକୁ ଲାଳନ କରିଥିବା ସଂସ୍କୃତିର ଘୋର ବିପର୍ଯ୍ୟୟ ଘଟିଥିଲା । ଧ୍ୱଂସର ଏହି ତୀବ୍ର ଯନ୍ତ୍ରଣା ସମୟରେ ପୁରାତନ ବ୍ୟବସ୍ଥାର ଦାନ କରିବା ଲାଗି ବେଶୀ କିଛି ନ ଥିଲା । କିନ୍ତୁ ଏହା ସତ୍ତ୍ୱେ ଏହି ସାମାଜିକ ସଙ୍କଟ ଭାଙ୍ଗି ପଡ଼ୁଥିବା ଯୁଗର ସର୍ବାପେକ୍ଷା ଭଲ ସମୟ ଥିଲା । ମୂଲ୍ୟବୋଧର ଅବକ୍ଷୟ ନେଇ ଯୁଗର ସର୍ଜନାତ୍ମକ ପ୍ରତିଭା ଆଗରେ ଆହ୍ୱାନ ସ୍ୱରୂପ ଦେଖାଦେଇଥିଲା ଯାହା ସର୍ବଶ୍ରେଷ୍ଠ କୃତି ପ୍ରକାଶିତ ହେବାରେ ସାହାଯ୍ୟ କରୁଥିଲା । ମୃତ୍ୟୁର, ଧ୍ୱଂସର ଏବଂ ସଙ୍କଟର ଏହି ଦୃଶ୍ୟ ମୀରଙ୍କ ସୂକ୍ଷ୍ମ କାରୁଣ୍ୟ, ସଉଦାଙ୍କର ଅସହ୍ୟ ଅଥଚ ଚହଉଦ୍ଭ୍ରମ ଓ ତୀବ୍ର ବ୍ୟଙ୍ଗୋକ୍ତି, ଏବଂ ନଜୀର ଅକବରାବାଦୀଙ୍କର ଆନନ୍ଦ ଉଚ୍ଛ୍ୱାସକୁ ଜନ୍ମ ଦେଇଥିଲା ।

ନଜୀର ଅକବରାବାଦୀ ସମ୍ଭବତଃ ଜଣେ ମାତ୍ର କବି ଯିଏ ସମୟର ଏହି ଆହ୍ୱାନର ପ୍ରତିକ୍ରିୟା ଭିନ୍ନ ଭାବରେ ପ୍ରକାଶ କରିଥିଲେ ଏବଂ ତାଙ୍କର ଅନ୍ତର୍ନିହିତ ଶକ୍ତିର ଭଣ୍ଡାର ଉପରେ ନିର୍ଭର କରୁଥିଲେ । ରାଜକୀୟ ଶକ୍ତି ଓ ସମ୍ଭ୍ରାନ୍ତମାନଙ୍କ ସହିତ ସାମିଲ ହେବା ଲାଗି ସେ ଇଚ୍ଛା କରୁନଥିଲେ ଏବଂ ତାଙ୍କ ଯୁଗର ସୃଜନଶୀଳ କଳାକାରମାନେ

ଯେଉଁ ପ୍ରଚଳିତ ଜୀବନଧାରା ଅନୁସରଣ କରୁଥିଲେ ସେଥିରୁ ସେ ନିଜକୁ ସମ୍ପୂର୍ଣ୍ଣ ଭାବେ ମୁକ୍ତ କରି ସାଧାରଣ ମଣିଷକୁ ଆପଣାର କରିନେଇ ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ ସୃଷ୍ଟି କରିଥିଲେ ।

ନଜୀର ଅକବରାବାଦୀ ଜନଗଣଙ୍କର କବି । ପ୍ରାୟ ସେ ହେଉଛନ୍ତି ଜଣେ ମାତ୍ର କବି ଯିଏ କୌଣସି ଧାର୍ମିକ ଭିକ୍ଷୁକ ବା ରହସ୍ୟବାଦୀ ପଥଗୃହୀ ନ ହୋଇ ମଧ୍ୟ ଲୋକମାନଙ୍କର ଓ ଲୋକମାନଙ୍କ ପାଇଁ ଗୀତ ଗାଉଥିଲେ । ତାଙ୍କୁ ବୁଝିବାକୁ ହେଲେ ଲୋକମାନଙ୍କର ସକଳ ଅନୁଭୂତିର ଭଣ୍ଡାରରୁ, ସେମାନଙ୍କର ଆନନ୍ଦ ଉଲ୍ଲାସର ମୁହୂର୍ତ୍ତ ଗୁଡ଼ିକରୁ ଏବଂ ସେମାନଙ୍କର ଅଗ୍ନିପରୀକ୍ଷା ଓ କଠୋର ଦୁଃଖ ଦୁର୍ଦ୍ଦଶାରୁ ଅଂଶ ଗ୍ରହଣ କରିବା ଦରକାର । ଅମର ତାଜମହଲର ପୃଷ୍ଠ ଭୂମିରେ ନଜୀର ଲୋକମାନଙ୍କ ପାଇଁ . ଏବଂ ସେମାନଙ୍କର ବନ୍ଧୁ ଚିରାକର୍ଷକ ଜୀବନର ଉଲ୍ଲାସପାଇଁ ଚିରନ୍ତନ ପ୍ରେମର ସଙ୍ଗୀତ ଗାନ କରିଥିଲେ । ତାଙ୍କର କବିତା ଗୁଡ଼ିକହିଁ ତାଜମହଲର ନମ୍ରରୂପ ଯାହା ଜନସାଧାରଣଙ୍କ ପାଇଁ ତାଙ୍କ ପ୍ରେମର ନିଦର୍ଶନ ଭାବରେ ଚିରକାଳ ରହିଥିବ । ଏହାହିଁ ତାଙ୍କୁ ଏକ ଅନନ୍ୟ ମର୍ଯ୍ୟାଦାର ଆସନ ପ୍ରଦାନ କରିଛି ।

ତାଙ୍କ ସମ୍ପର୍କିତ ଏହି ରଚନାରେ ନିମ୍ନୋକ୍ତ ପ୍ରୟାସ କରାଯାଇଛି :

(କ) ନଜୀର ଅକବରାବାଦୀଙ୍କୁ ପରିଚୟ କରାଇବା ଏବଂ ତାଙ୍କ ଯୁଗର ପୀଡ଼ା ଓ ବାଧାବିଘ୍ନ ପ୍ରତି ତାଙ୍କର ପ୍ରତିକ୍ରିୟା;

(ଖ) ତାଂକ କବିତ୍ୱର ସାର୍ଥକତା ନିର୍ଣ୍ଣୟ କରିବା ଯାହା କେବଳ ତାଂଙ୍କର ସୃଜନଶୀଳ ଅନୁଭୂତିକୁ ଲିପିବଦ୍ଧ କରିନାହିଁ ବରଂ ସମୟସୀମା ଡେଇଁ ବର୍ତ୍ତମାନ ସମୟ ପର୍ଯ୍ୟନ୍ତ ସେସବୁରେ ପ୍ରାସଙ୍ଗିକତା ଅବ୍ୟାହତ ରଖିଛି;

(ଗ) ଏବଂ ତାଂକ କବିତାବଳୀରୁ କେତେକ ସୁନିର୍ବାଚିତ କବିତା ଉପସ୍ଥାପିତ କରିବା ।

ତାଂକର ଜୀବନ ବୃତ୍ତାନ୍ତ ତିନିଭାଗରେ ବିଭକ୍ତ; ଯଥା—ଜୀବନୀ, ସାମାଜିକ ଅବସ୍ଥା, ତାଂକ କବିତାର ସମାଲୋଚନା ଓ ମୂଲ୍ୟାଂକନ ସହିତ କେତେକ କବିତାର ଅନୁବାଦ ବା କିୟଦଂଶ ପ୍ରକାଶ ।

ଜୀବନଚରିତ

ନଜୀରଙ୍କ ବ୍ୟକ୍ତିତ୍ୱ ଓ ଜୀବନ ସମ୍ପର୍କରେ ଆମ ପାଖରେ ଯେଉଁ ତଥ୍ୟ ଅଛି ତାହା ଅତି ଅଳ୍ପ । କବିମାନଙ୍କର ବା ତାଜକିରା(୧)ର କାଳକ୍ରମରୁ ପ୍ରାୟ ସମ୍ପୂର୍ଣ୍ଣରୂପେ ସଂଗୃହୀତ ଏହି ତଥ୍ୟ ପର୍ଯ୍ୟାପ୍ତ ବା ନିର୍ଭରଯୋଗ୍ୟ ନୁହେଁ । ତାଜକିରାରେ ଯେଉଁସବୁ ସୂଚନା ଦିଆଯାଇଛି ତାହା ସର୍ବଦା ପରିପୂରକ ନୁହେଁ, କାରଣ ନଜୀର ଏକ ଭିନ୍ନ ପ୍ରକାର କବିଥିଲେ । ପାରଂପରିକ ପଥରେ ଚାଲିବାଲାଗି ସେ ପ୍ରତ୍ୟାଖ୍ୟାନ କରିଥିଲେ ଏବଂ ସେଥିପାଇଁ ଜଣେ ଶ୍ରେଷ୍ଠ ଶିଳ୍ପୀ ଭାବରେ ବା ଦକ୍ଷ କଳାକାର ଭାବରେ ତାଙ୍କ ସମକାଳୀନ କବିମାନଙ୍କ ଦ୍ୱାରା ସ୍ୱୀକୃତ ହୋଇ ନଥିଲେ । ଏହା ସତ୍ତ୍ୱେ ତାଙ୍କ ସଂପର୍କରେ ଯେଉଁସବୁ ବିଶ୍ୱାସଯୋଗ୍ୟ ତଥ୍ୟ ମିଳେ ତାହା ସଂପୂର୍ଣ୍ଣରୂପେ ନିରପେକ୍ଷ ନୁହେଁ ।

ସେ ଦିଲ୍ଲୀରେ ୧୭୩୫ ମସିହାରେ ଜନ୍ମଗ୍ରହଣ କରିଥିଲେ ଏବଂ ତାଙ୍କ ପିତା ମହମ୍ମଦ ଫାରୁକଙ୍କର ତ୍ରୟୋଦଶ ସନ୍ତାନ ଥିଲେ । ତାଙ୍କ ପିତା ଆଗ୍ରାର କିଲ୍ଲାଦାର ନବାବ ସୁଲତାନ ଖାଁଙ୍କ କନ୍ୟାଙ୍କୁ ବିବାହ କରିଥିଲେ ଏବଂ ଆଜିମାବାଦ (ପାଟଣା)ର ଜନୈକ ନବାବଙ୍କର ବେତନଭୋଗୀ କର୍ମଚାରୀ ଥିଲେ । ନଜୀର ପିତାମାତାଙ୍କର ଏକମାତ୍ର ପୁତ୍ର ଥିଲେ । ସ୍ନେହଯତ୍ନ ମଧ୍ୟରେ ସେ ବଡ଼ ହୋଇଥିଲେ ଏବଂ ତାଙ୍କ ଉପରେ ଯେପରି ମନ୍ଦ ପ୍ରଭାବ ନ ପଡ଼ୁ ସେଥିପାଇଁ ଜଣେ ଫକୀରଙ୍କ ପ୍ରସ୍ତାବ ଅନୁସାରେ ସେ ଦୁଇଟି କାନମୁଦି (ଇଆରିଙ୍ଗ) ପିନ୍ଧୁଥିଲେ । ତାଙ୍କୁ ଯେତେବେଳେ ଚାରିବର୍ଷ, ନାଦିର ଶାହା ଦିଲ୍ଲୀ ଆକ୍ରମଣ କରିଥିଲେ । ଏହା ପରେ ପରେ ଆହମ୍ମଦ ଶାହା ଅବ୍ଦାଲି ୧୭୪୮ ରୁ ୧୭୫୭ ମଧ୍ୟରେ ତିନଥର ଆକ୍ରମଣ କରି ସହରର ପ୍ରଭୂତ ଧ୍ୱଂସ ସାଧନ କରିଥିଲେ । ଅନ୍ୟ ଅନେକଙ୍କ ସହିତ ନଜୀର ନିଜ ମା ଓ ଆଈଙ୍କ ସହିତ ବାଇଶ ବା ତେଇଶ ବର୍ଷ ବୟସରେ ଦିଲ୍ଲୀ ଛାଡ଼ି ଆଗ୍ରା ଚାଲିଯାଇଥିଲେ । ତାପରେ ଆଗ୍ରାର ନୁରିଦରଓ୍ୱାଜା ନିକଟରେ ସେମାନେ ବସବାସ କଲେ । ଦିଲ୍ଲୀର ସୈନ୍ୟ ବିଭାଗର ଜଣେ ଅଫିସର ଅବଦୁଲ ରହମାନ ଖାଁ ଛଗତାଇଙ୍କ ନାତୁଣୀ

୧—ସବୁ ଟିପ୍ପଣୀ ବହି ଶେଷରେ ଦିଆ ଯାଇଛି ।

ଏବଂ ଦିଲ୍ଲୀରୁ ପଳାଇ ଆସିଥିବା ମହଲ୍ଲା ତାଜଗଞ୍ଜର ଅଧିବାସୀ ମହମ୍ମଦ ରହମାନଙ୍କ କନ୍ୟାଙ୍କୁ ସେ ବିବାହ କରିଥିଲେ । ଏକମାତ୍ର ପୁତ୍ର ଗୁଲଜାର ଅଲ୍ଲୀ ଏବଂ ଏକମାତ୍ର କନ୍ୟା ଇମାମି ବେଗମ ପାଇଁ ସେ ଗର୍ବ କରୁଥିଲେ । ଇମାମି ବେଗମ ମୀର ନାଜଫ ଅଲ୍ଲୀ ମୀରଜା ଜାନଙ୍କୁ ବିବାହ କରିଥିଲେ ଏବଂ ତାଙ୍କର କନ୍ୟା ବିଲାୟତି ବେଗମ ନଜୀରଙ୍କ ଜୀବନୀ ଲେଖକ ଅଧ୍ୟାପକ ସାହବାଜଙ୍କ ତଥ୍ୟର ଆଧାର ଥିଲେ । ତାଙ୍କ ସାହାଯ୍ୟରେ ସେ ନଜୀରଙ୍କ ଜୀବନୀ ଲେଖିଥିଲେ ।

ନିଜ ଉପରେ ନଜୀର ପ୍ରାଞ୍ଜଳ ଭାବରେ ପ୍ରଶଂସନୀୟ ବର୍ଣ୍ଣନା ଚିତ୍ରଣ କରି ଯାଇଛନ୍ତି ଯେଉଁଥିରୁ ଆମେ ଜାଣୁ ଯେ ସେ ସାଧାରଣ ଉଚ୍ଚତା ଥିବା ବ୍ୟକ୍ତି ଥିଲେ ଏବଂ ତାଙ୍କର ବର୍ଣ୍ଣ ଗହମ ରଙ୍ଗର ଥିଲା, ତାଙ୍କର ଦାଢ଼ି ନଥିଲା, କିନ୍ତୁ ନିଶ ଓ ଲମ୍ବା ବାଳ ଥିଲା ଏବଂ ତାଙ୍କ ଆଖି ଓ ଆଖିପତା ମଝିରେ ଗୋଟିଏ କଳା ତିଳ ଚିହ୍ନ ଥିଲା । ଶିକ୍ଷାଦାନ କରିବା ଓ କବିତା ଲେଖିବା ପାଇଁ ତାଙ୍କର ଆଗ୍ରହ ଥିଲା, କିନ୍ତୁ ସେ କେବେହେଲେ ନିଜକୁ ପଣ୍ଡିତ ବା ବୁଦ୍ଧିଜୀବି ଭାବରେ ପରିଚିତ କରାଇ ନଥିଲେ ଏବଂ ଆଗ୍ରା ଓ ମଥୁରାଠାରେ ଘରୋଇ ଭାବରେ ଶିକ୍ଷାଦାନ କରି ଜୀବିକାର୍ଜନ କରୁଥିଲେ ।

ସେ ସୁଖ ଓ ସନ୍ତୋଷରେ ଜୀବନ ଅତିବାହିତ କରୁଥିଲେ ଏବଂ ରାଜକବି ବା ରାଜସଭାର ଅମାତ୍ୟ ହେବା ଲାଗି ତାଙ୍କର ଅଭିଳାଷ ନଥିଲା । ଭରତପୁରର ରାଜା ଏବଂ ଅବଧର ରାଜା ଅଜଦ୍ ଅଲ୍ଲୀ ସାହାଙ୍କ ଦ୍ୱାରା ଆମନ୍ତ୍ରିତ ହୋଇ ମଧ୍ୟ ସେ ଆଗ୍ରା ଛାଡ଼ି ଯିବାପାଇଁ ରାଜି ହୋଇ ନଥିଲେ ଏବଂ ଚିନ୍ତାଶୂନ୍ୟ ଭାବରେ ଜୀବନ ଯାପନ କରୁଥିଲେ । ସେ ଆଠଟି ଭାଷା ଜାଣିଥିଲେ ଏବଂ ସୁନ୍ଦର ହସ୍ତାକ୍ଷର, ଅଶ୍ୱାରୋହଣରେ ନିପୁଣତା, ଭେଷଜବିଦ୍ୟା, ବାଗ୍ମିତା ଓ ଜ୍ୟୋତିର୍ବିଦ୍ୟା ପ୍ରତି ତାଙ୍କର ଅତ୍ୟଧିକ ମମତା ଥିଲା । ବାସ୍ତବରେ ବିଭିନ୍ନ ତାଜକିରା ଗୁଡ଼ିକରୁ ଏବଂ ଅନ୍ୟାନ୍ୟ ସମସାମୟିକ ସୂତ୍ରରୁ ଏସବୁ ତଥ୍ୟ (୩) ବାହାର କରାଯାଇଛି । ଏହି ସଂକ୍ଷିପ୍ତ ବର୍ଣ୍ଣନାରେ ଯେଉଁସବୁ ଠିକଣଣି ତଥ୍ୟ ରହିଛି ତାହା ଅଧ୍ୟାପକ ଶାହବାଜ ତାଙ୍କର 'ଜିନ୍ଦ୍‌ଗାନୀ ଏ ବେନାଜୀର' (୪) ପୁସ୍ତକରେ ଲିପିବଦ୍ଧ କରିଛନ୍ତି ।

ନଜୀର ଅକବରାବାଦୀଙ୍କ ଅତୀତମାନଙ୍କ ସଂପର୍କରେ ଅଧ୍ୟାପକ ଶାହବାଜ ଯେଉଁ କାହାଣୀ ଲେଖିଛନ୍ତି ତାହା ପରୀରାଜ୍ୟର ଗଳ୍ପ ପରି ଲାଗେ । ତାଙ୍କ କବିତ୍ୱରେ ମୁଗ୍ଧ ହୋଇ ନଜୀରଙ୍କୁ ଆବିଷ୍କାର କରିବାର ଅଭିଯାନ ସେ ନିଜେ ଚଳାଇଥିଲେ । ତାଙ୍କ ଜୀବନ ଓ ପରିବାର ସଂପର୍କରେ ଅତି ଅଳ୍ପ ତଥ୍ୟ ମିଳୁଥିବାରୁ ଅନ୍ୟାନ୍ୟ ସବୁ ସୂତ୍ରରୁ ଅଧିକ ତଥ୍ୟ ସଂଗ୍ରହ କରିବା ପାଇଁ ସେ ସିଦ୍ଧାନ୍ତ କରିଥିଲେ ଏବଂ ସେ ନଜୀରଙ୍କ

ସମେତ ଅନେକ ନେତୃସ୍ଥାନୀୟ ଗୁଣୀ ବ୍ୟକ୍ତି ସାହିତ୍ୟ ଜଗତରେ ପରିଚିତ କରାଇ-ଥିବା ଲକ୍ଷ୍ନୌର ବିଖ୍ୟାତ ପ୍ରକାଶକ ମୁନ୍‌ସି ନୱଲ୍ କିଶୋରଙ୍କଠାରୁ ଅନେକ ତଥ୍ୟ ସଂଗ୍ରହ କରିଥିଲେ । ତାଙ୍କର ବ୍ୟକ୍ତିଗତ ସଚିବ ମୁନସୀ ଜଲବା ପ୍ରସାଦଙ୍କ ଠାରୁ ନଜୀର ଫାରୁଖାବାଦକୁ ମଧ୍ୟେ ମଧ୍ୟେ ଆସୁଥିବାର ବିଷୟ ଜାଣିପାରିଥିଲେ ଏବଂ ସେଠାରେ ଜନୈକ ହାକିମ ଅସଗର ହୁସେନଙ୍କ ଜାମାତା ଅହମ୍ମଦ ଅଲ୍ଲୀ ଖାଁ ତାଙ୍କୁ ନଜୀରଙ୍କ ଜାମାତା ମିରଜା ନୱାବ ଅଲିବେଗଙ୍କ ସହିତ ପରିଚୟ କରାଇ ଦେଇଥିଲେ ଯିଏ ତାଙ୍କୁ ନଜୀରଙ୍କ ନାତୁଣୀଙ୍କ ନିକଟକୁ ୧୮୯୧ ମସିହାରେ ନେଇଯାଇଥିଲେ । ଏହି ସୂତ୍ରରୁ ସେ କେବଳ କେତେକ ଅପ୍ରକାଶ୍ୟ ତଥ୍ୟ ସଂଗ୍ରହ କରିନଥିଲେ, କବିଙ୍କ ଜୀବନ ଓ ସମୟ ସଂପର୍କରେ ପ୍ରତ୍ୟକ୍ଷଦର୍ଶୀ ବିବରଣୀ ସଂଗ୍ରହ କରିଥିଲେ । ଏହି ଅନୁସନ୍ଧାନ ଫଳବତୀ ହୋଇଥିଲା । ଭ୍ରମଣରତ ପେଶାଦାର ଚିତ୍ତବିନୋଦନ-କାରୀ, ଫକୀର ଏବଂ ପରିବ୍ରାଜକମାନଙ୍କ ଠାରୁ ତଥା ବହୁ ସୂତ୍ରରୁ ମହତ୍ତ୍ୱପୂର୍ଣ୍ଣ ତଥ୍ୟ ସବୁ ସେ ସଂଗ୍ରହ କରିଥିଲେ । ଅଧ୍ୟାପକ ଶାହବାଜ ଏହିସବୁ ବିକ୍ଷିପ୍ତ ସଂଗୃହୀତ ତଥ୍ୟକୁ ଏକତ୍ର ସଂକଳିତ କରିଥିଲେ ।

ଶାହବାଜଙ୍କ ଦ୍ୱାରା ଲିଖିତ ଏହି ପ୍ରଶଂସନୀୟ ଜୀବନ ବୃତ୍ତାନ୍ତ 'ଜିନ୍ଦ୍‌ଗାନୀ-ଏ-ବେନାଜୀର' ନିସଂନ୍ଦେହରେ ଏକ ପଥ ପ୍ରଦର୍ଶକ ପ୍ରଚେଷ୍ଟା ଏହାର ମୋହିତ କରି ଶୈଳୀ ସୁଖପାଠ୍ୟ ଓ ପ୍ରାଞ୍ଜଳ; କିନ୍ତୁ ଏହା ସତ୍ତ୍ୱେ କବିଙ୍କ ଜୀବନ ସଂକ୍ରାନ୍ତରେ ଅତି ଅଳ୍ପ ମୂଲ୍ୟବାନ ତଥ୍ୟ ଏଥିରୁ ମିଳେ ।

ମହମ୍ମଦ ସାହଙ୍କ ଯୁଗରେ ଏହି ଦୃଶ୍ୟର ଆରମ୍ଭ । ସ୍ଥାନ—ଦିଲ୍ଲୀ । ସେତେ-ବେଳର ଦିଲ୍ଲୀ ଦୁର୍‌ରାନୀ ଓ ଆବଦାଲି ଆକ୍ରମଣ ଦ୍ୱାରା ବିପର୍ଯ୍ୟସ୍ତ ଓ ରାଜନୈତିକ ଅସ୍ଥିରତା ଦ୍ୱାରା ଆତଙ୍କିତ ହୋଇମଧ୍ୟ ମଧୁ ଝଙ୍କାର ଓ ଆନନ୍ଦ ମୁଖରିତ ଥିଲା । ଏକଦା ପ୍ରାଚୂର୍ଯ୍ୟପୂର୍ଣ୍ଣ ଗୋଟିଏ ଘରର ଏକ କୋଣରେ ଏକତ୍ର ରହୁଥିବା ଦୁଇଜଣ ମହିଳାଙ୍କ ମଧ୍ୟରୁ କପାଳ କୁଂଚିତ ହୋଇଯାଇଥିବା ଜଣେ ବୟସ୍କା ଏବଂ ଅନ୍ୟଜଣେ ତରୁଣୀ କିନ୍ତୁ ଦୁଃଖରେ ମ୍ରିୟମାଣ ଥିଲେ । ନାତିର ଜନ୍ମପାଇଁ ଉତ୍କଣ୍ଠାର ସହିତ ଅପେକ୍ଷା କରୁଥିବା ନଜୀରଙ୍କ ଆଈ ଥିଲେ ସେହି ବୟସ୍କା ମହିଳା । ସେ ଉତ୍କଣ୍ଠାରେ କାଳ କାଟୁଥିଲେ କାରଣ ଏହା ପୂର୍ବରୁ ତାଙ୍କର ବାଆର ଜଣ ନାତିନାତୁଣୀଙ୍କର ଶୈଶବରେ ମୃତ୍ୟୁ ହୋଇଥିଲା । ଫକୀର ଏବଂ ଭିକ୍ଷୁକ ମାନଙ୍କ ଠାରୁ ମଙ୍ଗଳ ପାଇଁ କବଚ ଆଣିବା ବା ସେମାନଙ୍କୁ ଦୁଃଖ ଦୁର୍ଦ୍ଦଶାର ଅନ୍ତପାଇଁ ପ୍ରାର୍ଥନା କରିବାଲାଗି କହିବା ସକାଶେ ପରିଚାରିକା ମାନଙ୍କୁ ପଠାଯାଉଥିଲା । ଫକୀରମାନଙ୍କ ମଧ୍ୟରୁ ଯାହାଙ୍କ ସହିତ ତାଂକର ଜାମାତା ମହମ୍ମଦ ଫାରୁକ୍ ସଂପର୍କ ସ୍ଥାପନ କରିଥିଲେ ସେ ତାଙ୍କୁ ପାଞ୍ଚୋଟି ଫୁଲ ଦେଇଥିଲେ । ଏହି ଫୁଲ ଗୁଡ଼ିକ ଶୁଂଘିବା ପରେ ଜମୁନାର ପାଣି

ଭିତରକୁ ଫିଙ୍ଗି ଦବାର କଥା ଥିଲା । ଗୁରୁଙ୍କ ଫୁଲ ଓଲଟି ପଡ଼ିଲା କିନ୍ତୁ ଗୋଟିଏ ଭାସିବାକୁ ଲାଗିଲା । ଏହି ଶୁଭ ସଙ୍କେତ ଦେଖିବା ପରେ ଗୋଟିଏ ପୁଅ ଜନ୍ମ ହେଲା । ତାଙ୍କ ନାମ ନଜୀର । ତାଙ୍କର ଦୁଇକାନ ନାକ ଫୋଡ଼ା ହୋଇଥିଲା ଏବଂ ମନ୍ଦଶକ୍ତିକୁ ଘଉଡ଼ାଇଦବାଲାଗି ତାଙ୍କ ନାକରେ ଓ କାନରେ ଫାସିଆ ଲଗାଇ ଦିଆଯାଇଥିଲା ।

ତାଙ୍କ ଜନ୍ମ ସମୟ ନିଶ୍ଚୟ ଆନନ୍ଦ ଓ ସଂଗୀତ ମୁଝରିତ ହୋଇଥିବ । ପରିବାରର ସମସ୍ତ ଲୋକ ଏହା ପାଳନ କରିବା ପାଇଁ ଏକତ୍ରିତ ହୋଇଥିବେ । ମହିଳାମାନେ ଗୃହାଙ୍ଗନରେ ଏକତ୍ରିତ ହୋଇଥିବେ ଏବଂ ମୀରାନ୍‌ସ (ବ୍ୟବସାୟ ପାଇଁ ଗାଉଥିବା ମହିଳା ସଂଗୀତ ଶିଳ୍ପୀମାନେ) ନବଜାତକଙ୍କୁ ସ୍ୱାଗତ ଜଣାଇ ଏକ ବିଶେଷ ପ୍ରକାର ଯାଚଛା ଗିତସ (Zachacha) ଗାନ କରିଥିବେ । ଦଲେ ହିଂଜଡ଼ା ଗାୟକ ଗୀତ ଗାଇ ଗାଇ ଦିବାନଖାନା ଦେଇ ଯାଉଥିବା ବେଳେ ଭାଟ ଓ ଭାଗତୀୟମାନେ ସେମାନଙ୍କ ସହିତ ଯୋଗ ଦେଇଥିବେ । ଭଗବାନ କୃଷ୍ଣଙ୍କର ବା କାହ୍ନାୟାର ଜନ୍ମ ବର୍ଣ୍ଣନା କଲାବେଳେ ନଜୀର ନିଜେ ଏସବୁ ଉତ୍ସବର ବର୍ଣ୍ଣନା କରିଥିଲେ ।

ସବ୍‌ନାରି ଆୟୀ ଗାବନ କୋ ଓ୍ୱେ ପାସ
ପଡ୍‌ଗୋଶନ ଆ ବୈଠୀ
କୁଛ୍‌ ଢୋଲ ମଜରେ ଲାତି ଥିଁ
କୁଛ୍‌ ଗୀତ ଜଗ୍ଗେକେ ଗାତି ଥିଁ
କୁଛ୍‌ ହରଦମ୍‌ ମୁହିଁ ଉସ୍‌ ବାଲକ କା
ବଲହାରି ହୋକର ଦେଖରହିଁ
କୁଛ୍‌ ଆଲ ଫଜୀର କେ ରଖତିଁ ଥିଁ
କୁଛ୍‌ ଧୌଠ ସଁଠେଗ୍ ଜରତି ଥିଁ ।
କୁଛ୍‌ କହତି 'ହମ ତୋ ବୈଠେଁ ହେଁ
ନେଗ୍‌ ଆଜ କେ ଦିନ୍‌ କା ଲେନେ କୋ'
କୁଛ୍‌ କହତି 'ହମ୍‌ ତୋ ଆୟେହେଁ
ଆନନ୍ଦ ବଧାଓ୍ୱା ଦେନେ କୋ' । *

ପୁନର୍ବାର—

କୋଇ ଘୁଟି ବୈଠି ଗରମ କରେ
କୋଇ ଡାଲେ ଷନ୍ଦ ଅଉର ଭୂସି

କୋଇ ଲଇ ହଁସି ଅନ୍ଦ ଖାରଭେ, କୋଇ
କୁର୍ତ୍ତି, ଟୋପି, ମେଓ୍ୱା, ଘି,
କୋଇ ଦେଖେ ରୂପ ଉସ ବାଲକ କା, କୋଇ
ମଥା ଚୂମେ ମେହର ଭର ।
କୋଇ ଭବନ କୀ ତାରଫ୍ କରେ, କୋଇ
ଆଖୋଁକୀ, କୋଇ ପଲକୋଁ କୀ,
କୋଇ କୋଠି, ବାୟ୍ୟା ବନ୍ଧୁ ଲଓ
ଇସ ଆସ ମର୍ଦ୍ଦେଁ । ଓ୍ୱାଲେକୀ । (୬)

ନଜୀରଙ୍କ ବାଲ୍ୟକାଳରେ ସେହି ସମୟର ସାଂସ୍କୃତିକ ଜୀବନର ଲକ୍ଷଣ ତାଙ୍କଠାରେ ପ୍ରତିଫଳିତ ହୋଇଥିଲା । ତାଙ୍କୁ ମନ୍ଦ ପ୍ରଭାବରୁ ରକ୍ଷା କରିବା ସକାଶେ ସମସ୍ତ ପ୍ରକାର ସାବଧାନତା ଅବଲମ୍ବନ କରାଯାଇଥିଲା । ତାଙ୍କ ମଣିବନ୍ଧରେ କଳା ସୂତା ବାନ୍ଧି ଦିଆ ହୋଇଥିଲା ଏବଂ ତାଙ୍କ ପାଦରେ ମଧ୍ୟ କଳା ଚିହ୍ନ ଶୋଭା ପାଉଥିଲା । ସେ ଢ଼ିଲା କୁର୍ତ୍ତା ଓ ଗ୍ଲେଟ ଟୋପି ପିନ୍ଧୁଥିଲେ, ବାପା ମା ଓ ଅଜା ଆଈଙ୍କର ପ୍ରିୟ ଥିଲେ । ଏପରିକି ଅଳ୍ପ ବୟସରେ ସେ ପରିପୂର୍ଣ୍ଣ ଅବାଧ ଜୀବନ-ଯାପନ କରୁଥିଲେ । ବାଲ୍ୟ କାଳର ବର୍ଣ୍ଣନା କରି ନଜୀର ଲେଖିଛନ୍ତି:—

କ୍ୟା ବଖତ୍ ଥାଓ୍ୱେ ହମ୍ ଥେ ଯବ୍
ଦୂଧ କେ ଚଟୋରେ,
ହର ଆନ ଆଁଚଲୋକେ ମା'
ମାମୂରଥେ କଟୋରେ ।
ପାଓମେଁ କାଲେ ଟୀକେ, ହାଥୋଁ
ମେଁ ମୈଲେ ଡୋ଼ରେ,
ଯ୍ୟା ଗୁନ୍ଦସି ଥୀ ସୁରତ,
ଯ୍ୟା ଧୂଁବଲେ ଓ୍ୱ ଗୋରେ,
କ୍ୟା ସଇର ଦେଖତେ ହେଁ ଯ୍ୱେ
ତଫନ୍ତ୍ ଶିରଖୋରେ ।
ଗ୍ଲେଟାହୀ କୋଇ ଉନ୍କା କୁର୍ତ୍ତା
ନଜଲ୍ତା ହୈ,

ସ୍ୱା ଗ୍ରେଟୀ ଗ୍ରେଟୀ ଟୋପି ସର ପର

ସମ୍ଭାଲତା ହୈ,

ମାଁ ଦୁଧ ହେଁ ପିଲାତା ଔର

ବାପ ପାଲତା ହୈ

ନାନା ଗଲେ ଲଗାଓେ, ଦା

ଦା ବହଲତା ହୈ

କ୍ୟା ସଇର ଦେଖତେ ହୈଁ ସ୍ୱେ

ଛଫତ୍ ଶିରଖୋରେ । (୭)

ତାଙ୍କ ସମୟରେ ଦିଲ୍ଲୀରେ ଯେଉଁ ଆନନ୍ଦ ଲହରୀ ଖେଳୁଥିଲା ତାହା ତାଙ୍କ କୈଶୋରକୁ ନିଶ୍ଚିତ ଭାବରେ ପ୍ରଭାବିତ କରିଥିବ । ମେଲାମହୋତ୍ସବ ନହୋଇ ଗୋଟିଏ ଦିନବି ଅତିବାହିତ ହେଉନଥିଲା କହିଲେ ଚଳେ । ବୁଲାବିକାଳି ଓ ଫେରିବାଲା ମାନେ ସୁନ୍ଦର ଗୀତ ଗାଇ ବା ପଦ ମିଳାଇ କେବଳ ଫଳ, ଜଳଖିଆ ଓ ସବୁ ପ୍ରକାର ଜିନିଷ ବିକ୍ରୀ କରୁ ନଥିଲେ, ବୟସ୍କ ଓ ଶିଶୁ ସମସ୍ତଙ୍କର ମନୋରଞ୍ଜନ ମଧ୍ଯ କରୁଥିଲେ । ଦୀପାବଳୀ ଉତ୍ସବରେ ମାଟିତିଆରି ଦୀପଗୁଡ଼ିକର ଉଜ୍ଜ୍ୱଳ ଜ୍ୱଳନ୍ତ ଶିଖା, ଚିନିରେ ତିଆରି ନାନା ପ୍ରକାର ଜୀବର ମୂର୍ତ୍ତି ଓ ବହୁ ପ୍ରକାର ମିଷ୍ଟାନ୍ନ ଦ୍ୱାରା ସଜ୍ଜିତ ଦୋକାନ ସବୁ ନିଶ୍ଚୟ ତାଙ୍କର ଦୃଷ୍ଟି ଆକର୍ଷଣ କରିଥିବ । ଚିନିରେ ତିଆରି ଗାଈ, ଘୋଡ଼ା, ଏବଂ ସିଂହ ସହିତ ଭଗବାନ ରାମ ଓ ଲକ୍ଷ୍ମଣଙ୍କର ମାଟିରେ ତିଆରି ସୁନ୍ଦର ମୂର୍ତ୍ତି ସବୁ ମିଳୁଥିଲା । ସେତେବେଳେ ଭାରତୀୟ ମୁସଲମାନ ମାନଙ୍କର ଉତ୍ସବ ଶାହ-ଇ-ବରାତରେ ଆତସବାଜି ଓ ନାନା ପ୍ରକାର ଉତ୍ସବ ସମସ୍ତ ପରିବେଶକୁ ଆନନ୍ଦ ମୁଖରିତ ଓ ଉଜ୍ଜ୍ୱଳ କରିଦେଉଥିଲା । ଘନଚକ୍କର (ଏକପ୍ରକାର ଆତସବାଜି) ଘୂରି ଘୂରି ଚତୁର୍ଦ୍ଦିଗରେ ବଳୟ ସୃଷ୍ଟି କରୁଥିଲା ଏବଂ ସେତେବେଳେ ସବୁପ୍ରକାର ଲଚ୍ଛୁ, ତୋଡେ, ଚୁଚୁନ୍ଦର, ପଟାକା, ଚୁଲ୍‌କାରି, ଡ଼ାଲିମ୍ବ ଏବଂ ହାତ ଫୁଲ ସୁନ୍ଦର ଦେଖାଯାଉଥିଲା । ଇଦ୍ ଉତ୍ସବ ଆଉ ଏକ ଆନନ୍ଦ ଉଲ୍ଲାସ ସମୟ ଯେତେବେଳେ ଅନେକ ପ୍ରକାର ଖେଳଣା, ବାହକମାନଙ୍କ ଦ୍ୱାରା ବୁହା ଯାଉଥିବା ବାଉଁଶରେ ନିର୍ମିତ ପାଲିଙ୍କି ଏବଂ ଅଭ୍ର ଦ୍ୱାରା ତିଆରି ଧରଦା, କାଗଜ ତିଆରି ଲଣ୍ଠନ, ପଂଖା, ରୁପେଲି ଓ ସୁନେଲି କାଗଜରେ ସଜ୍ଜିତ ବାଉଁଶ ତିଂବାରି ଦେଖିବାକୁ ମିଳୁଥିଲା । ଆଉ ଗୋଟିଏ ଆନନ୍ଦ ଉଲ୍ଲାସର ପର୍ବ ହେଲା ହୋଲି । ଆନନ୍ଦ ଓ ରଙ୍ଗର ଏହି ପର୍ବ, ଯୌବନରେ ସେ ପ୍ରାଣଭରି ଉପଭୋଗ କରୁଥିଲେ । ରଂଗ ପକାଇବା, ମନ ଉଚ୍ଚାଟନ କରୁଥିବା ସଂଗୀତ ନୃତ୍ୟ ଓ ଉଲ୍ଲାସ କରିବାର ସ୍ପୃହା ପ୍ରତ୍ୟେକ ଘରସଂସାରକୁ ପୂର୍ଣ୍ଣ କରି ଦେଇଥିଲା । ଆନନ୍ଦଉଲ୍ଲାସ କରୁଥିବା ଲୋକମାନଙ୍କ ଦ୍ୱାରା ରାସ୍ତାଘାଟ ପୂରି ଯାଉଥିଲା । ଏହିପରି

ବହୁ ପ୍ରକାର ରଙ୍ଗର ଶୋଭା ଏବଂ ସଂଗୀତର ମଧୁର ଝଂକାର ମଧ୍ୟରେ ନର୍ତ୍ତକୀର ତାଙ୍କର ସର୍ବଶ୍ରେଷ୍ଠ ସଂଗୀତ ଗାନ କରିଥିଲେ ।

ତାପରେ ବହୁପ୍ରକାର ଖେଳ ଦେଖାଉଥିବା ଲୋକ ଗଳି ଗଳି ବୁଲୁଥିଲେ । ଲମ୍ବା, କୁଂଚିତ, ଅମସୃଣ ଲୋମଭର୍ତ୍ତି ଭାଲୁ ସହିତ ଭାଲୁବାଲା, ଡୁଗ୍‌ଡୁଗି (ଗୋଟିଏ ଛୋଟ ହାତବଜା ଡ୍ରମ୍) ବଜାଇ ଡୁଗ୍‌ଡୁଗି ବାଲା ଆସୁଥିଲା ବେଳେ ଦଳେ ପିଲା ସେମାନଙ୍କ ପଛେ ପଛେ ବୁଲୁଥିଲେ । କେବଳ କହିଲମାନେ ଜଣେ ଅହିଲ ମଲ୍ଲ-ଯୋଦ୍ଧାର କୌଶଳ ବ୍ୟବହାର କରି ସେ ତାର ଭାଲୁ ସହିତ ମଲ୍ଲଯୁଦ୍ଧ କରୁଥିଲା । ତାପରେ ପେଡ଼ିରେ ସାପ ନେଇ ଆସୁଥିଲା ସାପୁଆକେଳା । ସେ ମଧୁର ସ୍ୱରରେ ବିନ୍ (ଏକ ପ୍ରକାର ବଂଶୀ) ବଜାଇ ସାପକୁ ଏପରି ମୁଗ୍ଧ କରି ଦେଉଥିଲା ଯେ ସାପ ଫଣା ଟେକି ତାଳ ଦେଇ ନାଚୁଥିଲା । ତାପରେ ଆସୁଥିଲା ବାସ୍ତୁପକ୍ଷୀ ବାଲା ଯାହାର ପକ୍ଷୀ ତା ଆଗରେ ପକାଯାଉଥିବା ପ୍ରତ୍ୟେକ କଉଡ଼ି ଉଠାଇ ନେଇପାରୁଥିଲା ଏବଂ ଗୁଣ୍ଡୁଚି ମୂଷା ଖେଳାଳୀ ଅଦ୍ଭୁତ ଖେଳ ପ୍ରଦର୍ଶନ କରୁଥିଲା । ଛିଣ୍ଡା ଅଙ୍ଗରଖା (ଲମ୍ବା ଘୋଡ଼େଇହବା ପୋଷାକ) ପିନ୍ଧି ଏବଂ ମଥାରେ ପଗଡ଼ି ବାନ୍ଧି ଖେଳକୌଶଳ ଦେଖାଉଥିବା ସେହି ନିପୁଣ ଖେଳାଳୀ ଥିଲା ସେ ସମୟରେ ହତାଶା ଓ ଅଭାବଗ୍ରସ୍ତ ଜୀବନର ପ୍ରତିଛବି । ତାର ଛଳ ଛଳ ଆଖି, ଦାଢ଼ିଭର୍ତ୍ତି ଗାଲ ଏବଂ ମ୍ଳାନ ମୁହଁ ଅକଥିତ ଦୁଃଖକଷ୍ଟର କାହାଣୀ କହୁଥିଲା ।

ଓ୍ୱେ ଦେଖେ ତୋ ବୁଷ୍ଟ ସୁରତ
ବୁସ୍ ହାଲ ଔର ଫଟେ କପଡ଼େ
ବଢ଼େ ଦାଢ଼ୀ କେ ବାଲ ଔର
ଜର୍ଦ ମୁହଁ, ଆଁଖୋ ମେ ଆଁସୁସେ,
ବଂଧି ମୈଲୀସି ପଗଡ଼ି ସରପେ,
ଔର ଟୁକ୍‌ଡ଼େ, ଅଙ୍ଗ ରଖେକ୍ରେ ।
ଓ୍ୱ କପଡ଼େ ଗୋ ଫଟେ ଥେ,
ପର ହମ ଅପନେ ଫନ ମେଁ ଥେ ପୁରେ,
ଲଗା ରଖତେ ଥେ ଐସେ ବକ୍ତ ପର,
ବଚା ଗିଲହସ କା । (୮)

ଏବଂ ସେହି ସବୁ ଗଲନ୍ଦର (ଖେଳ ଦେଖାଇ ଘୂରି ବୁଲୁଥିବା ଯାଯାବର)ମାନଙ୍କର ଛୋଟ ଛୋଟ ଚଡ଼ିଆଖାନା ଥିଲା । ପ୍ରଶିକ୍ଷଣ ପାଇଥିବା ସାରସ, ଲାଲପକ୍ଷୀମାନଙ୍କ

ସହିତ ଯୁଦ୍ଧ କରିବା କୌଶଳ ଜାଣିଥିବା ଶୁଆ, ଲାଲପକ୍ଷୀ ଓ ମାଂକଡହା ମାନଂକର ଯୁଦ୍ଧ, ମାଛ ଓ ପ୍ରଜାପତି ଦେଖି ଅବସର ବିନୋଦନ କରିବାଲାଗି ପିଲାମାନେ ଠୁଳ ହେଉଥିଲେ । ଜେଜେମା ବା କେହି କେହି ବୟସ୍କା ମହିଳା ପିଲାମାନଙ୍କୁ ସେମାନଂକର ଶୋଇବା ସମୟରେ ଅସଂଖ୍ୟ ଗଳ୍ପ ଓ ପ୍ରହେଳିକାମୟ ବିଷୟ ଶୁଣାଇ ସେମାନଂକର ଚିତ୍ତବିନୋଦନ କରୁଥିଲେ ।

ନଜୀର ପଶୁପକ୍ଷୀମାନଂକ ସଂପର୍କରେ ଅତିବେଶୀ ଆଗ୍ରହୀ ଥିଲେ ଏବଂ ଏଇ ସବୁ ଅଜବ କାହାଣୀ ଆନନ୍ଦର ସହିତ ଶୁଣୁଥିଲେ ।

କ୍ୟା ବୁଲ୍‌ବୁଲେ କାମରି ଓ୍ୱ
ସ୍ୱହେ ପଦରି ଓ୍ୱ ପରଂଡ଼େ,
ଚଣ୍ଡୋଲ, ଅଗନ, ଲାଲ୍, ବୟେ,
ଅବଲକୋ-ଓ-ଭୁଚେ
କ୍ୟା ଭୁତୀ-ଓ-ମୈନା ଓ ବୟେ
ତିତର ଓ ଶିକରେ
ତେରେ ହେଁ ଗରଜ ବାଜ-ଓ-
ଅଶଗଲ କେ ଜଉନେ,
କ ଗୌର ତୋ ହୈ ସବ୍ ମେଁ
ସରଫରାଜ କବୁତର । (୯)

ଏହି ସମୟରେ ଯେତେବେଳେ କେବଳ ଜୀବନଧାରଣ କରିବା ଅତି କଷ୍ଟସାଧ୍ୟ ଥିଲା, ସେତେବେଳେ ଜୀବନର ଶ୍ରେଷ୍ଠ ଶ୍ରେଷ୍ଠ ବିଷୟରୁ ନଜୀର କେତେ ନିର୍ମଳ ଆନନ୍ଦ ପାଉଥିଲେ ତାହା ବୁଝି ହୁଏ । ତାଙ୍କ କବିତାରେ ଉଦାହରଣ ସ୍ୱରୂପ କେତେକ ପକ୍ଷୀ ଓ ପଶୁଙ୍କ ସମ୍ପର୍କରେ ଯାହା ଉଲ୍ଲେଖ କରା ଯାଇଛି, ସେ ବିଷୟରେ ଏତିକି କହିଲେ ଯଥେଷ୍ଟ ହେବ ।

ସ୍ୱଣ୍ଡୋଲ, ଆଗନ, ଅବଲକ, ଚପନ, ବାୟା, କାଲକଲ୍ୟାଣ, ବଗୁଲା, ତୋତା, ବୁଲବୁଲ, କୋକିଲ, କୋକଲୀ, ଖଞ୍ଜନା, ସି ମୁର୍ଗ, ଗରଫାକ, ସାରସ, ଅବାସିଲ, ଗିଧ, ବାଜ, ଜୁରରୀ, ଶାହୀନ, ବହଟରି ଶିକରା, ସବ୍‌ଜକ, ବଙ୍‌ନାକେ, ବୁକ୍‌ଗେ ପିଡ଼ାଖୀ, କମରୀ, ବାରବୋରୀ, ଘଂଘଇ, ଲଟୋରେ, ପପୀହା, ଦଲ, ଚଡ଼େ, ପଡ଼ୋଇଲ, ପିଦ୍ଦେ, ପିଦଷ୍ଟି, ବଟେର, ଲଓ୍ୱେ, ତିତର, କବ୍‌କ, ଡଉ଼ରବ, ହୁଦହୁଦ, ବୁଧା, କୁଆ, ଚିଲ,

ଭୁଢ, ମୟୂର, କପୋତ, ଶଁପାରେ, ଘମ୍ପୁ, ହରଅଲ, ଘାରୁ, ମୁରଗୀ, ଚୁଗଦ, ପେଗୁ, ପଙ୍ଖେହଓ୍ୱା, ହାଷ୍ପି- ଫକଲ, ଢର, ପାଙ୍ଗ, ଟେହୁ, ଚକୋର, ଲମ୍ବଦକ, ମାମୋଲ, କର୍ରା ଲଘଡ଼ ଓ ଗୃହେ । ଏମାନଂକର ସଂଖ୍ୟା ଆହୁରି ବେଶୀ, କିନ୍ତୁ ସେମାନଂକ ପ୍ରତି ନଜୀରଂକ ଆଗ୍ରହର ଅନ୍ତ ନାହିଁ ।

ମଣିଷର ଜୀବନ ପ୍ରତି ତାଂକର ଆଗ୍ରହ ମଧ୍ୟ କମ ନୁହେଁ ତାଙ୍କର କବିତା ଓ ଅନ୍ୟାନ୍ୟ ଯେତିକ ପ୍ରକାଶିତ ହୋଇଛି ତାହା ତାଂକର ପଶୁପକ୍ଷୀଙ୍କ ପ୍ରତି ଆଗ୍ରହ ଠାରୁ ଯେ ବେଶୀ ଏହା କୁହାଯାଇ ପାରେ । ସେ ସବୁ ପ୍ରକାର ଜୀବନକୁ ଭଲ ପାଉଥିଲେ । ଗୋଷ୍ଠି ଜୀବନରେ ସେ ବିଶେଷ ଆଗ୍ରହୀ ଥିଲେ । ମଣିଷ ଜୀବନର ଚମତ୍କାରିତା ତାଙ୍କୁ ଅଭିଭୂତ କରୁଥିଲା । ମେଲା ମହୋତ୍ସବରେ ଏହାର ରୂପାନ୍ତର ସେ ଦେଖିବାକୁ ପାଉଥିଲେ । ଏଥିରେ ପ୍ରତ୍ୟେକ ସ୍ତରର ପୁରୁଷ ଓ ମହିଳା (କେବଳ ସମ୍ଭ୍ରାନ୍ତ ଓ ସାମନ୍ତଙ୍କୁ ଛାଡ଼ି) ଜୀବନର କ୍ଷୋଭ ଓ ଯନ୍ତ୍ରଣାରୁ ମୁକ୍ତ ପାଇବା ପାଇଁ ଗୋଟିଏ ପ୍ରକାର ଅବାରିତ ଜୀବନ ଉପଭୋଗ କରୁଥିଲେ ।

ତାଙ୍କର କୈଶୋର ସମୟରେ ସେ ସାମୟିକ, ସାମାଜିକ ଓ ଧର୍ମ ସମ୍ପର୍କିତ ଉତ୍ସବ ପ୍ରତି ଆକୃଷ୍ଟ ଥିଲେ । ଏ ସବୁର ବାହ୍ୟ ପାର୍ଥକ୍ୟ ସବୁକୁ ଉପେକ୍ଷା କରି ସବୁ ଉତ୍ସବରେ ପ୍ରକଟିତ ମାନବିକ ବୈଶିଷ୍ଟ୍ୟ ପ୍ରତି ନଜୀର ଅଧିକ ସଚେତନ ଥିଲେ । ସମସ୍ତ ଦୋଷ ତ୍ରୁଟି ସତ୍ତ୍ୱେ ଆଦାମଙ୍କର ପୁତ୍ର ଓ କନ୍ୟା ମାନଙ୍କର ଏକ ବାଧାହୀନ ମୁକ୍ତ ମାନବ ସମାଜ ଥିଲା ନଜୀରଙ୍କର ଜଗତ । ତାଙ୍କ ପାଇଁ ଜୀବନ ନଥିଲା ଇତର, ନିସ୍ତେଜ, ଅତି ଗୁରୁତର ଭାବେ କାର୍ଯ୍ୟବ୍ୟସ୍ତ ; କିନ୍ତୁ ତାହା ଥିଲା ଚମତ୍କାରିତା, ଉତ୍ତେଜନା ପୂର୍ଣ୍ଣ ଅତ୍ୟନ୍ତ ଉପଭୋଗ୍ୟ ଏକ ବିସ୍ତୃତ ଇଲାକା । ସେ ଗୀତ ଗାଉଥିବା ପକ୍ଷୀମାନଙ୍କ ମଧ୍ୟରେ ଏବଂ ପଦାନସ ନାମକ ଶ୍ରେଷ୍ଠ ଶ୍ରେଷ୍ଠ ପକ୍ଷୀ ମାନଂକ ମଧ୍ୟରେ ଲଢ଼େଇ ଦେଖି ଆନନ୍ଦରେ ବିଭୋର ହୋଇ ଯାଉଥିଲେ ଏବଂ ପାରି ଉଡ଼ାଇବାର ଓ ଆଗ୍ରା ନିକଟରେ ଯମୁନା ନଦୀରେ ପହଁରିବାର ଅନୁଭୂତି ବର୍ଣ୍ଣନା କରିବାକୁ ଭଲ ପାଉଥିଲେ ।

ପରିବାରର ଏକମାତ୍ର ସନ୍ତାନ ଭାବରେ ସେ ଅତ୍ୟଧିକ ପ୍ରଶ୍ରୟ ପାଇଥିବା ସତ୍ତ୍ୱେ, ସ୍ଥାନୀୟ ପାଠଶାଳାରେ ତାଂକର ଶିକ୍ଷାର ପ୍ରଗତି ପ୍ରଶଂସନୀୟ ଥିଲା । ଚାରିବର୍ଷ ବୟସ ସମୟରେ ତାଙ୍କୁ ପଢ଼ାଇବା ପାଇଁ ଜଣେ ମୌଲବୀଙ୍କୁ ନିଯୁକ୍ତ କରି ଯାଇଥିଲା । ସମ୍ପର୍କୀୟ ପଡ଼ୋଶୀମାନେ ଏହି ଉପଲକ୍ଷେ ଆନନ୍ଦ କରିବା ପାଇଁ ଏକତ୍ରିତ ହୋଇଥିଲେ । ରଙ୍ଗୀନ ପୋଷାକ ପରିଧାନ କରି ଓ ଝଟକୁଥିବା ଅଳଂକାର ଲଗାଇ ବହୁ ଶିଶୁ ତାଂକ ଘରକୁ ଆସିଥିଲେ । ନଜୀରଙ୍କୁ ସୁନ୍ଦର ଭାବରେ ସଜା ଯାଇଥିଲା ଏବଂ ତାଙ୍କୁ ଗୋଟିଏ ରୁପାର ସିଲଟ, କଲମ ଓ ଦୁଆତ ଏବଂ ପ୍ରଥମ ପଢ଼ା ବହି ଦିଆ ଯାଇଥିଲା । ପ୍ରବନ୍ଧ

କୋରାନରୁ ଗୋଟିଏ ସରଳ ପ୍ରାର୍ଥନାର ଶବ୍ଦ ଗୁଡ଼ିକୁ ଉଚ୍ଚାରଣ କରିବା ପାଇଁ ମୌଲବୀ କହିଥିଲେ ଏବଂ ଉପସ୍ଥିତ ଥିବା ଲୋକମାନଙ୍କ ପ୍ରଶଂସା ଓ ଶୁଭକାମନା ମଧ୍ୟରେ ସେ ତାହା ସୁନ୍ଦର ଭାବରେ ଉଚ୍ଚାରଣ କରିଥିଲେ । ବିସମିଲ୍ଲା ! ପବିତ୍ର କୋରାନର ଏହି ପ୍ରଥମ ଶବ୍ଦ ସେଠାରେ ଉପସ୍ଥିତ ସମସ୍ତ ନୂତନ ବିଦ୍ୟାର୍ଥୀମାନେ ଉଚ୍ଚାରଣ କରିଥିଲେ ଏବଂ ତା ସହିତ ସେମାନଙ୍କୁ ଉର୍ଦ୍ଦୁ ଭାଷାର ଦୁଇଟି ଶବ୍ଦ 'ଅଲଫ ଓ ବେ'ର ଜ୍ଞାନ ଦିଆ ଯାଇଥିଲା । ଏହା ଥିଲା ତାଙ୍କ ସ୍କୁଲ ଶିକ୍ଷାର ଅସ୍ଥମାରମ୍ଭ ।

ନଜାର ପବିତ୍ର କୋରାନ ପାଠ କରିଥିଲେ ଏବଂ ଏହା ପରେ ବିଖ୍ୟାତ ପାର୍ସୀ କବି ସାଦିଙ୍କର 'କରିମା', 'ମା ମାକୁମା', ଖୁସ୍ରୁଙ୍କର 'ଖାଲିକ୍ ବଡ଼ି' ମହମୁଦ ନାମା, ଅତାଇ ନାମା ଏବଂ ବ୍ୟାକରଣ ଅମଦ ନାମା କିଛି କିଛି ପଢ଼ିଥିଲେ । ସେତେବେଳର ପାଠ୍ୟକ୍ରମରେ ଏହିସବୁ ପୁସ୍ତକ ଅନ୍ତର୍ଭୁକ୍ତ ଥିଲା—ଆବୁ ନାସେର ଫରାହିଙ୍କର 'ନିସାବ ସ ଶିବୟାନ'; ସାଦିଙ୍କର 'ଗୁଲସ୍ତାଁ', ଓ ବସ୍ତାଁ', ଗନିମତଙ୍କର 'ମସ୍‌ନବୀ' ନଜାମୀଙ୍କର 'ୟୁସୁଫ ଜୁଲେଖା', 'ସିକନ୍ଦର ନାମା', 'ଇଶା-ଏ-ଖଲିଫା', ଇଶା-ଏ-ମୁନୀର, 'ଇଶା-ଏ-ହରକରନ' (ଏହି ଗୁଡ଼ିକ ପାରସୀ ରଚନା) ଆବୁଲ ଫାଜଲଙ୍କ ରଚନା 'ତାହିର ଓ୍ୱାହିଦ' ଓ 'ବାହାର-ଇ-ଦାନୀଶ' 'ସେ ନାସେର-ଇ-ଜହୁରୀ' 'ମୀନା ବାଜାର' 'ରୁସରୀ' ଦୀଓ୍ୱାନ୍-ଇ ଘନୀ କାଶ୍ମୀରୀ; ଏବଂ ଉର୍ଫିଙ୍କ 'କ୍ୱାସିଦାସ' ଆହୁରି ଥିଲା 'ଖକାନୀ', 'ଜହୀର ଫରାବୀ', 'ରୁହଫରୁଲ ଇରାକୈ', 'କ୍ୱାନସ-ସାଦେଁ ଏବଂ ଅନ୍ୟାନ୍ୟ ପୁସ୍ତକ ।

ଏ ବିଷୟରେ ପ୍ରମାଣ ମିଳିଛି ଯେ ପାରସୀ, ତର୍କ ଶାସ୍ତ୍ର, ଏବଂ ଚିକିତ୍ସାଙ୍କନ ବିଦ୍ୟାରେ ତାଂକର ରୁଚି ଥିଲା, କିନ୍ତୁ ଆରବୀରେ ତାଂକର ବିଶେଷ ଅଧିକାର ନଥିଲା । 'ଜିନ୍ଦଗାନୀ-ଏ-ବେନାଜୀର'ର ଏକ ଆରବୀ ଦୋହା ସଂକଳିତ ହୋଇଛି ଯାହା ଏହା ପ୍ରମାଣ କରେ ଯେ ଏହା ଠିକ୍ ଭାବରେ ଲେଖା ହୋଇନାହିଁ । ହୁଏତ ଏହା ମୁଦ୍ରଣ ତ୍ରୁଟି ହୋଇଥିବ । ନଜୀରଂକ ଜୀବନୀ ଲେଖକମାନେ ସେ ସାତଟି ଭାଷା ଜାଣିଥିବା ଉପରେ ବିଶେଷ ଜୋର ଦିଅନ୍ତି । ପ୍ରକୃତରେ ସେ ଜ୍ଞାନୀ ନଥିଲେ ଏହି ଅଭିଯୋଗରୁ ତାଙ୍କୁ ରକ୍ଷା କରିବା ସକାଶେ ପ୍ରାୟ ଏପରି କୁହାଯାଇଥାଏ ।

ସାତଟି ଭାଷାରେ ତାଂକର ଜ୍ଞାନ ଥିଲା ବୋଲି ଏଇ କଥା ଯେତେବେଳେ ପ୍ରଚଳିତ ହୋଇ ଯାଇଥିଲା ସେତେବେଳେ ତାଂକର ରଚନାରୁ କେବଳ ଆରବୀ, ପାରସୀ ଉର୍ଦ୍ଦୁ ନୁହେଁ, ପଞ୍ଜାବୀ, ବ୍ରଜଭାଷା, ଅବଧି ଓ ମାରଓ୍ୱାଡ଼ି ଭାଷାରେ ଲିଖିତ ଶବ୍ଦ ଓ ପଂକ୍ତି ମଧ୍ୟ ମିଳିଲା । କେତେକଂକ ମତରେ ସଂସ୍କୃତରେ ମଧ୍ୟ ତାଂକର ପ୍ରାଥମିକ ଜ୍ଞାନ ଥିଲା । ଜ୍ଞାନ ଓ ପାଣ୍ଡିତ୍ୟରେ ଅଭିଭୂତ ହୋଇ ପଡ଼ିବା ଭଳି କବି ନଜୀର ନଥିଲେ । ଜୀବନ ରହିତ

ଜ୍ଞାନ ଓ ଅନୁଭବ ଶୂନ୍ୟ ପାଣ୍ଡିତ୍ୟ ତାଂକ ପାଇଁ ପ୍ରକୃତ ଜ୍ଞାନ ନଥିଲା । ସେ ଲେଖିଛନ୍ତି ଯେ—

ଜହାଁ ମେଁ କ୍ୟା କ୍ୟା ଖିରଦମ୍ଦ କେ ଅପନୀ
ହୁର ଇକ ବଜାଣ ହେ ସାଦମ୍ୟାନେ
କୋଇ ହକ୍କାମ ଔର କୋଇ ମହାଁଦ୍ଧ,
କୋଇ ହୋ ପଣ୍ଡିତ କଥା ବଖାନେ,
କୋଇ ଆକଲ ଅକ୍କାଲ କୋଇ ହୈ
ଫାଜଲ କୋଇ ନଜୁମି ଲଗା କାହ୍ନାନେ,
ଯୋ ଗ୍ରହେ କୋଇ ସ୍ୱେ ଭେଦ ଖୋଲେ,
ସ୍ୱେ ସବ ହୈ ହ୍ଲେ, ସ୍ୱେ ସବ ବହାନେ
ପ୍ରର ଭଟକତେ ହୈ ଲାଖୋଁ ଦାନା,
କରୋଁ ଡ଼ୋ ପଣ୍ଡିତ, ହଜାରେ ସିଆନେ
ଯୋ ଖୁବ୍ ଦେଖା ତୋ ୟାର ଆଖିର,
ଖୁଦା କୀ ବାତେଁ ଖୁଦା ହୀ ଜାନେ ।

ପୁଣି

ପଢେ ଇଲ୍‌ମ କୋଇ ଯୋ ଇସ ଦୁନିଆ ମେଁ ଗର କାମିଲ୍ ଜ-ଇଦ୍ରକ ହୁଏ
ଔର ଲାଦ କିତାବେଁ ଉଁଟୋପର, ହରମନ କେ ଧଡ଼କ ହୁଏ
ମାକୁଲ ପଢ଼ି, ମନ କୁଲ ପଢ଼ି ଔର ମନ୍ତିକ ମେଁ ଗ୍ଲାକ ହୁଏ
ସ୍ୱାନେ ଜିତନେ ଇଲ୍‌ମ କେ ଦରିୟା ହୈ, ଉନ ଦରିୟା କେ ତୈରାକ ହୁଏ
ସବ୍ ଜାତେ ଜୀ ଝଗଡ଼େ ହୈ, ସଚପୁଛ୍ରେ ତୋ କ୍ୟା ଖାକ୍ ହୁଏ
ସବ୍ ମୌତ ସେ ଆଖିର କାମ ପଡ଼ା, ସବ୍ କସ୍‌ସେ କାଜୀ ପାକ ହୁଏ । (୧୦)

ସେହି ସମୟରେ ଶିକ୍ଷା ବହୁ ପ୍ରକାର ଥିଲା । ରାଜସଭାର ଅମାତ୍ୟ, ସୈନିକ ବା ନ୍ୟାୟାଧୀଶ ହେବା ପାଇଁ ଜଣେ ସାଧାରଣ ଗ୍ରନ୍ଥ କେବଳ ପ୍ରାଚୀନ ସାହିତ୍ୟ ଅଧ୍ୟୟନ କରୁ ନଥିଲ, କିନ୍ତୁ ତରବାରି ଗ୍ଲଲନା, କୁସ୍ତି କରିବା, ଅଶ୍ୱଗ୍ଲଲନା, ଲଠି ଗ୍ଲଲନା, ଭଲ ଗ୍ଲଲନା ଓ ବର୍ଚ୍ଛା ଫିଙ୍ଗିବା ପ୍ରଭୃତିରେ ମଧ୍ୟ ନିଜକୁ ଉପଯୁକ୍ତ କରୁଥିଲା । ଜୀବନର ଆନନ୍ଦ ଉପଭୋଗ କରିବା ପାଇଁ ପ୍ରତ୍ୟେକ କଳାରେ ନଜୀର ରୁଚି ରଖୁଥିଲେ । ସେହି

ସମୟରେ 'ବାଁକା' ଜନ ଜାତିର ଲୋକେ ଜନ ସାଧାରଣଙ୍କର ପ୍ରିୟ ଥିଲେ । ମଧ୍ୟ ଯୁଗର ଇଉରୋପର ସାମରିକ ପଦ ମଣ୍ଡିତ କରୁଥିବା ଭଦ୍ରଲୋକ ମାନଙ୍କ ସହିତ ସେମାନଙ୍କର କେତେକ ସାଦୃଶ୍ୟ ଥିଲା । ସେମାନେ ଯୋଦ୍ଧାମାନଙ୍କର ପୋଷାକ ପରିଧାନ କରୁଥିଲେ ଏବଂ ଯୁଦ୍ଧ ଓ କୁସ୍ତି କରିବାରେ ପାରଙ୍ଗମ ଥିଲେ । କେବଳ ଏତିକି ନୁହେଁ, ଅବସର ମିଳିଲେ ସେମାନେ ନିଜକୁ କୁଶଳୀ ଯୋଦ୍ଧା ଓ ପରାକ୍ରମୀ (ଡନ୍ ଜୁଆନ) ଭାବରେ ପରିଣତ କରି ପାରୁଥିଲେ । ନଜୀର ଏଥିରେ ସମ୍ମୋହିତ ହୋଇ ଅନେକ ସମୟରେ ସେମାନଙ୍କର ଭାଷାର ବୈଶିଷ୍ଟ୍ୟ ପ୍ରୟୋଗ କରି ନିଜକୁ ବ୍ୟକ୍ତ କରୁଥିଲେ :—

ୟା ହୋ ସିପାହୀ ବାଂକା ତିରଛା, ବଡେ କହାୟା

ବଲଦାର ବାନ୍ଧ ଚୀରା, ଗିରେଁ କୋ ଜଗମଗାୟା
ଖେତୋଁ ମେ ଯାକେ କୂଦା, ଲାଖୋଁ କେ ତୈ ଭଗାୟା
ଯବ ମୁହଁ ଉଜଲ କା ଦେଖା, ଫିର କୁଛ ଭୀ ବନ ନ ଆୟା
ୟକତା ଯୁଜା ବାହାଦୁର, ହୋଫଦର ହୁଆ, ତୋଫିର କ୍ୟା । (୧୧)

ସେଇ ସଙ୍କଟ ସମୟରେ ଦିଲ୍ଲୀ ଅନ୍ତର୍ବିରୋଧର ସହର ଥିଲା । ଗୋଟିଏ ପାଖରେ ରାଜନୈତିକ ଓ ଅର୍ଥନୈତିକ ଅନିଶ୍ଚୟତା ଡିମୋକ୍ଲିସଙ୍କ ତରବାରି ପରି ମଥା ଉପରେ ଝୁଲୁଥିଲା ତ ଆଉ ଗୋଟିଏ ପାଖରେ ଦିଲ୍ଲୀବାସୀମାନଙ୍କର ବୀରତ୍ୱ ଓ ନମ୍ରତା, ସେମାନଙ୍କର ଆନନ୍ଦ ଓ ଆମୋଦ ପ୍ରମୋଦକୁ ବଂଚାଇ ରଖିଥିଲା । ଉର୍ସ (ମୃତ୍ୟୁବାର୍ଷିକୀ) ଏବଂ ଧର୍ମୀୟ ପରମ୍ପରା ଓ ସନ୍ଥମାନଙ୍କର ସ୍ମୃତି ଜନିତ ଉତ୍ସବ ଲାଗି ରହିଥିଲା । ବର୍ତ୍ତମାନର ସାଂଘାତିକତାର ଯନ୍ତ୍ରଣାରୁ ମୁକ୍ତି ପାଇବା ଲାଗି ସେମାନେ ଉର୍ସରେ କାଓ୍ୱାଲି ବା ଶିଶୁ ଓ ସୁନ୍ଦର ସ୍ତ୍ରୀ ଏବଂ ପୁରୁଷ ମାନଙ୍କ ମେଳରେ (ସେମାନଙ୍କ ମଧ୍ୟରେ ନୃତ୍ୟ କରୁଥିବା ବାଳକା ଓ ବେଶ୍ୟା ମଧ୍ୟ ଅନ୍ତର୍ଗତ) କିଛିଟା ସାନ୍ତ୍ୱନା ପାଉଥିଲେ ।

ମେଳା ମହୋତ୍ସବ ପ୍ରିୟ ନଜୀର ଆମୋଦ ପ୍ରମୋଦ କରିବାର କୌଣସି ଅବସର ଛାଡ଼ି ଦେଉନଥିଲେ । ମେଳାଗୁଡ଼ିକ ସମ୍ପର୍କରେ ତାଙ୍କ ରଚନାରେ ଯେଉଁ ସବୁ ବର୍ଣ୍ଣନା ରହିଛି ଯେ କେହି ସେଥିରେ ବର୍ଣ୍ଣିତ ଅନେକ ଦୃଶ୍ୟକୁ ବାଲଜାକ୍‌ଙ୍କର Human Comedyରେ ବର୍ଣ୍ଣିତ ପୃଥିବୀର ବିବିଧ ଓ ବିଚିତ୍ର ଦୃଶ୍ୟ ସଂପର୍କରେ ସ୍ମରଣ କରାଇଦେବ । ଏଥିରେ ଯୋଦ୍ଧା, ଯୁବ ବାଙ୍କା, ଅଳଙ୍କାର ଓ ଫୁଲ ଦ୍ୱାରା ସୁସଜ୍ଜିତା ନର୍ତ୍ତକୀ ଏବଂ ଅତର ଲଗାଇ ରସିକ ପରି ଘୁରିବୁଲୁଥିବା ସେମାନଙ୍କର ଗ୍ରାହକମାନେ ବି ଅନ୍ତର୍ଭୁକ୍ତ । ଗୋଟିଏ ପାଖରେ ସେମାନଙ୍କ ହାତକୁ ହୁକ୍କା

ବଢ଼ାଇ ଦବାପାଇଁ ସାକୀମାନେ ଛିଡ଼ା ହୋଇଥିବାବେଳେ ଅନ୍ୟ ପାଖରେ ପାନ ଦୋକାନୀମାନେ ପସରା ମେଲାଇ ବସୁଥିଲେ ।

'ଜିକ୍‌ର୍‌ ଗାମି-ଏ-ବେନାଜୀର'ର ଲେଖକ ମୋଢି ନାମକ ଏକ ନର୍ତ୍ତକୀ ସହିତ ନଜୀରଙ୍କ ପ୍ରେମ ସଂପର୍କରେ ଉଲ୍ଲେଖ କରିଛନ୍ତି । ଏହାର ପ୍ରମାଣ ସ୍ୱରୂପ ନଜୀରଙ୍କର ଯେଉଁ କବିତା ଉଲ୍ଲେଖ କରାଯାଇଛି, ସେଥିରେ ମୋଢିର ନାମ ଲିପିବଦ୍ଧ କରାଯାଇଛି । ନଜୀରଙ୍କ ପରି ବ୍ୟକ୍ତିଙ୍କର ଏପରି ଆନ୍ତରିକ ଓ ଶାଶ୍ବତ ପ୍ରେମ ଥିବାର ସମ୍ଭାବନା କ୍ଷୀଣ । ଯଦି ସେ କେବେ କାହାକୁ ପ୍ରେମ କରୁଥିଲେ ତେବେ ଏତିକି କୁହାଯାଇ ପାରେ ଯେ ସେ ତାଙ୍କ ଜୀବନକୁ ଏପରି ସଂପୂର୍ଣ୍ଣରୂପେ ଭଲ ପାଉଥିଲେ ଯେ ସେଥିରେ ଅନ୍ୟ କାହାପାଇଁ ସ୍ଥାନ ନଥିଲା । ଏପରି ଗଭୀର ଆନନ୍ଦରେ କମ୍ପିତ ଥିଲାବେଳେ ସେ କଦାଚିତ କୌଣସି ବ୍ୟକ୍ତିର ଉଲ୍ଲେଖ କରିଛନ୍ତି । ଯଦି ସେ ଏପରି କରିଥିବେ ତାହା ଏହାର ବିସ୍ତାରିତ ଅର୍ଥ ବୋଲି ବୁଝାଯାଇପାରେ । ଏପରି ବି ହୋଇଥାଇ ପାରେ ଯେ ଅନ୍ୟାନ୍ୟ ନର୍ତ୍ତକୀମାନଙ୍କ ଅପେକ୍ଷା ସେ ମୋଢିକୁ ଅଧିକ ପସନ୍ଦ କରୁଥିଲେ ବା ସେ କୌଣସି ବନ୍ଧୁର ଦାବୀ ବା ମୋଢିର ଅନୁରୋଧ ରକ୍ଷା କରିବା ଲାଗି ଏପରି କବିତା ଲେଖିଥିଲେ । ମୋଢି ପ୍ରତି ତାଙ୍କର ଆସକ୍ତିର ସତ୍ୟତା ସଂପର୍କରେ ଅଧିକ ସୁଦୃଢ଼ ପ୍ରମାଣ ଆବଶ୍ୟକ ।

ନଜୀରଙ୍କୁ ଯେତେବେଳେ ବାଇଶ ବର୍ଷ ସେତେବେଳେ ଅହମ୍ମଦ ଶାହ ଅବଦାଲିଙ୍କ ବିଜୟୀ ସେନା ଦିଲ୍ଲୀରେ ପ୍ରବେଶ କରିଥିଲେ । ଏହି ପ୍ରଚଣ୍ଡ ଆକ୍ରମଣ ସଂପର୍କରେ ଦିଲ୍ଲୀର ଅଧିବାସୀମାନେ ଅଜ୍ଞାତ ନଥିଲେ । ନାଦିରଶାହର ଲୁଣ୍ଠନ ଦ୍ୱାରା ରାଜଧାନୀ ରକ୍ତପ୍ଲାବିତ ହୋଇ ଥିବାର ଏବଂ ପ୍ରତ୍ୟେକ ଘର ଲୁଟ ହୋଇଥିବାର ସ୍ମୃତି ଏବେ ବି ସତେଜ ଥିଲା ମନରେ । ଦିଲ୍ଲୀର ତତ୍କାଳୀନ ସମ୍ରାଟ ତାଙ୍କ ପୂର୍ବବର୍ତ୍ତୀ ସମ୍ରାଟମାନଙ୍କର ଗ୍ରସ୍ତ ସଦୃଶ ଥିଲେ ଏବଂ ପାନିପଥଠାରେ ଅହମ୍ମଦ ଶାହାଙ୍କ ବିଜୟ ଦିଲ୍ଲୀର ଜନତାକୁ ଆଉ ଏକ ନରସଂହାର ଦେଖିବା ପାଇଁ ପ୍ରସ୍ତୁତ ହୋଇ ରହିବାଲାଗି ଯଥେଷ୍ଟ ସୂଚନା ଦେଇଥିଲା । ନଜୀରଙ୍କ ମା ଏବଂ ଆଈ ପ୍ରସାରିତ ହେଉଥିବା ଗୁଜବ ଶୁଣି ଅତି ଭୟଙ୍କର ଭାବରେ ଶଙ୍କିତା ଥିଲେ, ସୁବିବେଚନା ସାହସିକତାଠାରୁ ଉତ୍ତମ ମନେ କରି ରାଜଧାନୀ ଛାଡ଼ି ସ୍ଥାୟୀ ଭାବରେ ଆଗ୍ରାଠାରେ ବସବାସ କରିବାପାଇଁ ସ୍ଥିର କଲେ । ଆଗ୍ରାଠାରେ ସ୍ଥାୟୀ ଭାବରେ ବସବାସ କରିବାଲାଗି ନିଷ୍ପତ୍ତି ନେବାର କାରଣ କିନ୍ତୁ ଏଯାଏ ଅଜ୍ଞାତ ରହିଛି । ଏହାବି ହୋଇପାରେ ଯେ ଏହା ଦିନେ ବିରାଟ ମୋଗଲ ସାମ୍ରାଜ୍ୟର ରାଜଧାନୀ ଥିଲା ଏବଂ ବିଜୟୀ ସୈନ୍ୟମାନଙ୍କର ଆସିବା ବାଟରୁ ଟିକେ ଦୂରରେ । ଦିଲ୍ଲୀ ଅପେକ୍ଷା ଏଠାରେ ବୈଦେଶିକ ଶତ୍ରୁମାନଙ୍କର ଆକ୍ରମଣର ଆଶଙ୍କା

ମଧ୍ୟ ଅପେକ୍ଷାକୃତ ଭାବେ କମ୍ ଥିଲା । ଏଠାରେ ତାଙ୍କ ପରିବାର 'ମିଠାଇ କା ଫୁଲ୍' ନିକଟରେ 'ନୁରି ଦରୱାଜା'ରେ ବସତି ସ୍ଥାପନ କଲେ ।

ସଂଯୋଗ ବଶତଃ ଆଗ୍ରା ବିବିଧ ପ୍ରକାର ସାହିତ୍ୟ ସାଧନାର ପୀଠ ଥିଲା । ମଥୁରା ନିକଟରେ ଅବସ୍ଥିତ ଥିବାରୁ ଏହା ବ୍ରଜଭାଷା କବିତାର କେନ୍ଦ୍ର ସ୍ଥଳ ଥିଲା ଏବଂ ବିଖ୍ୟାତ ଉର୍ଦ୍ଦୁ କବି ମୀର ଓ ଗାଲିବଙ୍କର ଜନ୍ମଭୂମି ଥିଲା । ସେତେବେଳେ ମୀର ନଜିର ପ୍ରସିଦ୍ଧିର ଉଚ୍ଚତମ ଶିଖରରେ ଥିଲେ ଏବଂ ଗାଲିବ ଶାୟରୀ ଲେଖିବା ଆରମ୍ଭ କରିଥିଲେ । ନଜୀର ବୃଦ୍ଧ ହେଲେ ବି ସେତେବେଳେ ବଂଚିଥିଲେ ।

ମୀର ନଜିର ଜୀବନ କାଳରେହିଁ ଲୋକକଥାର ବିଷୟ ହୋଇ ଯାଇଥିଲେ ଏବଂ କବି ହେବାପାଇଁ ଅଭିଳାଷ ରଖୁଥିବା ତରୁଣମାନେ ତାଙ୍କ ପ୍ରତି ଆକୃଷ୍ଟ ହୋଇଥିଲେ । ଏପରି କିମ୍ବଦନ୍ତୀ ବି ପ୍ରଚଳିତ ଅଛି ଯେ ଆଗ୍ରାର ଏକ ମୁଶାୟରେ ନଜୀର ଯେତେବେଳେ ତାଙ୍କ ନଜିର ଏକ ଗଜଲ୍ ଆବୃତ୍ତି କଲେ ସେଠାରେ ମୀର ମଧ୍ୟ ଉପସ୍ଥିତ ଥିଲେ । ଗଜଲ୍‌ର ଯେଉଁ ଅଂଶ ତାଙ୍କଦ୍ୱାରା ଉଚ୍ଛ୍ୱସିତ ପ୍ରଶଂସା ଲାଭ କରିଥିଲା ତାହା ଏହିପରି:—

ନଜର ପଡ଼ୀ ଏକ ବୁତ-ଏ-ପରୀୱଶ ନିରାଲୀ,
ସଜ ଧଜ ନୟୀ ଅଦାକା
ଯୋ ଉମର ଦେଖୋ ତୋ ଦସ ବରସ କୀ,
କହର, ଆଫତ ଗଜବ ଖୁଦାକା । (୧୬)

ସେଇ ମହାନ କବି ଯିଏ କି ଜଣେ କଡ଼ା ସମାଲୋଚକ ଥିଲେ ତାଙ୍କଠାରୁ ପ୍ରଶଂସା ପାଇବା ଏକ ଅଭାବନୀୟ ଘଟଣା ଥିଲା । ଏହି ଶ୍ରେଷ୍ଠ ଘଟଣା ତାଙ୍କୁ ରାତାରାତି ବିଖ୍ୟାତ କରି ଦେଇଥିଲା । ଅଧ୍ୟାପକ ଶାହବାଜଙ୍କ ମତରେ ଏହି କାରଣରୁ ଆଗେ ଦିଲ୍ଲୀରେ ରହୁଥିବା ସୈନ୍ୟ ବାହିନୀର ଅଫିସର ଅହଦ ମୁହମ୍ମଦ ରହମାନ ଦିଲ୍ଲୀରୁ ଆସି ଆଗ୍ରାରେ ବସବାସ କରୁଥିବା କବି ନଜୀରଙ୍କ ସହିତ ନିଜର ଏକମାତ୍ର କନ୍ୟାର ବିବାହ ପ୍ରସ୍ତାବ ଦେବାପାଇଁ ଜଣେ କୁଶଳୀ ମସହଟେ (ଏକ ପ୍ରକାର ବ୍ୟବସାୟୀ ମହିଳା ଯେଉଁମାନେ ଯୋଡ଼ି ମିଳାଇବା କାର୍ଯ୍ୟ କରିଥାଆନ୍ତି) ସହିତ କଥାବାର୍ତ୍ତା ଆରମ୍ଭ କଲେ ଏବଂ ଅଧ୍ୟାପକ ଶାହବାଜ ଯେପରି ବର୍ଣ୍ଣନା କରିଛନ୍ତି ସେହିପରି ଆଡ଼ମ୍ବରପୂର୍ଣ୍ଣ ଆକର୍ଷଣୀୟ ଢଙ୍ଗରେ ବିବାହ ସଂପୂର୍ଣ୍ଣ ହୋଇଥିଲା ।

ନଜୀର ତାଙ୍କ ଜୀବନକାଳର ଅଧିକାଂଶ ସମୟ ଆଗ୍ରାରେ କଟାଇଥିଲେ ମଧ୍ୟ ଅନ୍ୟ ଜୀବନୀ ଲେଖକମାନଙ୍କ ପରି ଅଧ୍ୟାପକ ଶାହବାଜ ବି ତାଙ୍କ ସମ୍ପର୍କରେ ଅତି ଅଳ୍ପ ସୂଚନା ଦେଇଛନ୍ତି । ତାଙ୍କ ପରିବାରର ସଦସ୍ୟ ଭାବରେ ତାଙ୍କ ସ୍ତ୍ରୀ ତହବ୍‌ବରୁନ୍ନିଶା ବେଗମ୍ ପୁତ୍ର ଖଲିଫା ଗୁଲଜର ଅଲ୍ଲୀ, କନ୍ୟା ଇମାମି ବେଗମ ଏବଂ ନାତୁଣୀ ଭିଲାୟତି ବେଗମ ଓରଫ ବେଗମ ଜାନ ଅନ୍ତର୍ଗତ । ତାଙ୍କ ନାତୁଣୀ ବେଗମ ଜାନଙ୍କ ଠାରୁ ଅଧ୍ୟାପକ ଶାହବାଜ ପ୍ରାୟ ସମସ୍ତ ପ୍ରାମାଣିକ ତଥ୍ୟ ସଂଗ୍ରହ କରିଥିଲେ । ନଜୀରଙ୍କ କନ୍ୟା ଇମାମି ବେଗମ ମୀର ନଜଫ ଅଲ୍ଲୀ ଓରଫ ମିର୍ଜାଜାନ୍‌ଙ୍କୁ ବିବାହ କରିଥିଲେ । ଖଲିଫା ଗୁଲଜର ଅଲ୍ଲୀ ନଜୀରଙ୍କ ଏକମାତ୍ର ପୁତ୍ର ଥିଲେ । ତାଙ୍କ ଘରେ କାମ କରୁଥିବା ଚାକରମାନଙ୍କ ମଧ୍ୟରେ ଥିଲେ ଆୟାଜ, (ନଜୀରଙ୍କ ଟଟ୍ଟୁଘୋଡ଼ା ଦାୟିତ୍ୱରେ), ଇମାମ ବକ୍‌ସ ଏବଂ ଚାରିଜଣ ମହିଳା ପରିଚାରିକା—ଗୁଲାବ, ବଖ୍‌ତାଓ୍ୱର, ଟାବୁ ଏବଂ ନଜୀବନ ।

ଘରୋଇ ଭାବରେ ଶିକ୍ଷା ଦେବା ନଜୀରଙ୍କ ପେଶା ଥିଲା ଏବଂ ବହୁ ଲୋଭନୀୟ ସୁଯୋଗ ପାଇ ମଧ୍ୟ କେବେହେଁ କବିତାକୁ ବ୍ୟବସାୟରେ ପରିଣତ କରିନଥିଲେ । ପରମ୍ପରା ଅନୁସାରେ ସେ ମଥୁରାର ଏକ ପରିବାରର ଶିଶୁମାନଙ୍କୁ ଘରୋଇ ଭାବରେ ଶିକ୍ଷା ଦେବାଲାଗି ନିଯୁକ୍ତ ହୋଇଥିଲେ । ପରେ ଆଗ୍ରାର ଭାଉ କିଲ୍ଲାଦାର ଏବଂ ନବାବ ମୁହମ୍ମଦ ଅଲ୍ଲୀଖାଁଙ୍କର ସନ୍ତାନମାନଙ୍କୁ ଶିକ୍ଷା ଦେଇଥିଲେ । କିଛି ସମୟପରେ ସେ ରାଜା ବିଲାସ ରାୟ, ଗୁରୁବକ୍‌ସ ରାୟ, ମୂଳଚନ୍ଦ୍ର ରାୟ, ମନସୁଖ ରାୟ, ବଂଶୀଧର ଓ ଶଂକର ଦାସଙ୍କୁ ଶିକ୍ଷା ଦେବାଲାଗି ଘରୋଇ ଶିକ୍ଷକ ଭାବରେ ନିଯୁକ୍ତ ହୋଇଥିଲେ । ସେ ମାସକୁ ସତର ଟଂକା ପାଉଥିଲେ ଏବଂ ଅନ୍ୟ କେତେକ ସୂତ୍ର ଅନୁସାରେ ସେ ପାଉଥିଲେ ମାସକୁ ସତୁରି ଟଂକା । (୧୩) । ରାଜା ଓ ତାଂକ ପୁଅମାନଂକ ସହିତ ଏହିପରି ଭାବରେ ସଂପର୍କ ଗଢ଼ି ଉଠିଥିଲା ଏବଂ ସେମାନେ ଥିଲେ ତାଂକର ଅତ୍ୟନ୍ତ ପ୍ରଶଂସକ । ସେମାନଂକ ପାଇଁ ସେ କେତେକ କବିତା ରଚନା କରିଥିଲେ ଏବଂ ବାସ୍ତବରେ ସେମାନଂକର ଆନ୍ତରିକ ଉଦ୍ୟମରୁହିଁ ଭବିଷ୍ୟତ ପାଇଁ ତାଂକର କବିତା ଗୁଡ଼ିକୁ ସଂରକ୍ଷିତ କରାଯାଇ ପାରିଥିଲା ।

ତାଙ୍କ ଜୀବନ ସଂବଧରେ ଆମ ପାଖରେ ଆଜି ଯେଉଁ ସବୁ ତଥ୍ୟ ଅଛି ସେଥିରୁ ଜଣାଯାଏ ଯେ ପ୍ରଥମେ ଭରତପୁରର ରାଜା ଏବଂ ପରେ ଲକ୍ଷ୍ନୌର ରାଜା ଓ୍ୱାଜିଦ ଅଲ୍ଲୀ ଶାହା ତାଙ୍କୁ ନିଜନିଜର ଦରବାରକୁ ଆମନ୍ତ୍ରଣ କରିଥିଲେ, କିନ୍ତୁ ସେ ତାହା ଗ୍ରହଣ କରି ନଥିଲେ । କେତେକ ସୂଚନା ଅନୁସାରେ ନଜୀର୍ ଦ୍ୱିଧାରେ ପଡ଼ି ଶେଷରେ ଯାଇଥିଲେ । ଓ୍ୱାଜିଦ୍ ଅଲ୍ଲୀ ଶାହଙ୍କର କ୍ରମାଗତ ଚାପ ଫଳରେ ସେ ତାଙ୍କର ଟଟ୍ଟୁ

ଘୋଡ଼ା ଉପରେ ବସି ଲକ୍ଷ୍ନୌ ଅଭିମୁଖେ ଯାତ୍ରା କରିଥିଲେ । ସେ ତାଙ୍କୁ କେବେ ଘୁରୁକ ମାରୁ ନଥିଲେ । ନଜୀର ସେ ପର୍ଯ୍ୟନ୍ତ ଅଗ୍ରସର ହେବାରେ ଲାଗିଥିଲେ ଯେପର୍ଯ୍ୟନ୍ତ ସୁନ୍ଦର ତାଜମହଲ ତାଙ୍କ ଦୃଷ୍ଟିପଥରୁ ଅନ୍ତର୍ହିତ ହୋଇ ନଥିଲା । ଏହି ତାଜମହଲ ପାଖରେ ସେ ନିଜର ଯୌବନ ଅତିବାହିତ କରିଥିଲେ । ଯାତ୍ରାପଥରେ ଏପରି ଏକ ସମୟ ଆସିଲା ଯେତେବେଳେ ତାଜମହଲ ତାଙ୍କ ଦୃଷ୍ଟି ପଥରୁ ଅନ୍ତର୍ହିତ ହୋଇଗଲା । ଏହା ତାଙ୍କୁ ବିମର୍ଷ କରିଦେଲା ଏବଂ ସେ ଘୋଡ଼ା ନେଇ ପୁଣି ଆଗ୍ରାକୁ ଫେରି ଆସିଲେ । ଏହାପରେ ପ୍ରାଚୁର୍ଯ୍ୟପୂର୍ଣ୍ଣ ଅବଧ ଦରବାରର କବି ଭାବରେ ଜୀବନ ଅତିବାହିତ କରିବାକୁ ପସନ୍ଦ ନକରି ଜଣେ ଦରିଦ୍ର କବି ଭାବରେ କାଳ କାଟିବାକୁ ଲାଗିଲେ । ସାଜସଜ୍ଜା ରହିତ କିନ୍ତୁ ନଜୀରଙ୍କ ପରିଷ୍କାର ପରିଚ୍ଛନ୍ନ ଅଗଣାରେ ଦୁଇଟି ଝଙ୍କାଳିଆ ନିମ ଓ ବଇଁଚକୁଳି ଗଛ ଥିଲା । ସେଇ ଗଛମୂଳେ ଝୋଟର ଦରି ବିଛାଇ ଦିଆ ଯାଉଥିଲା । ଏହିଠାରେ ପିଲାମାନେ ପାଠପଢ଼ିବା ପାଇଁ ବସୁଥିଲେ ଏବଂ ତରୁଣ କବିମାନେ ନିଜ ରଚିତ କବିତା ଉପରେ ତାଙ୍କର ମତାମତ ଶୁଣିବା ଲାଗି ଠୁଳ ହେଉଥିଲେ । ତାଙ୍କ ସାହିତ୍ୟିକ ଜୀବନର ଇତିହାସ ରଚୟିତା ମାନେ ଏପରି ଅନେକ ଶିଷ୍ୟକବିମାନଙ୍କ ସଂପର୍କରେ ଉଲ୍ଲେଖ କରିଛନ୍ତି । ସେମାନଙ୍କ ମଧ୍ୟରେ କୁତବୁଦ୍ଦିନ ବାତନ, ରାଜା ବଲବନ୍ତ ସିଂ, ରାଜା ବୁଧ ସିଂ ସାଫି, ଶେଖ ମଦାରୀ ଜମୀର, ହାକୀମ ମୁହମ୍ମଦ, ମେହନ୍ଦି ଜହୀର, ଶେଖ ନବୀ ବକ୍ସ ଆଶିକ, ମୁନ୍‌ସୀ ହୁସେନ ଅଲ୍ଲୀ ଖାଁ ମାହ, ବେଦାର ବକ୍ସ ଲହର, ଶେଖ ହୁସେନ ବକ୍ସ ଏବଂ ଅନ୍ୟାନ୍ୟ ଅନେକ । କବି ନବାବ ମୁସ୍ତାଫା ଖାଁ ସେଫତା ତାଙ୍କ ରଚିତ ତାଜକିରା ଗୁଲସନ-ଇ ବେଖାର୍‌ରେ ନଜୀରଙ୍କ ଉପରେ ଦୋଷାରୋପ କରିଥିବାରୁ ନଜୀରଙ୍କୁ ସମର୍ଥନ କରି କୁତବୁଦ୍ଦିନ ବାତନ ଏକ ତାଜକିରା ସଂକଳନ କରିଥିଲେ । ରାଜା ବଲବନ୍ତସିଂ ବନାରସର ବିଖ୍ୟାତ ରାଜା ଚେତ୍ ସିଂଙ୍କର ପୁତ୍ର ଥିଲେ ଏବଂ ରାଜା ବଲବନ୍ତ ସିଂ ବ୍ରିଟିଶ ସରକାରଙ୍କ ଗଭର୍ଣ୍ଣର ଜେନେରାଲ (ବଡଲାଟ) ଓ୍ୱାରେନ ହେଷ୍ଟିଙ୍ଗସ୍‌ଙ୍କର ବିରୋଧୀ ଥିଲେ ।

ତାଙ୍କର ପୋଷାକ ସମ୍ପର୍କରେ ଯେଉଁ ବିଷଦ ବିବରଣୀ ମିଳେ ସେଥିରୁ ଜଣାଯାଏ ଯେ ସେ ଖିରକିଦାର ପଗଡ଼ି, ଲମ୍ବା ଅଙ୍ଗରଖା (ହାତବୁଣା ଖଦୀ ତିଆରି) କୁର୍ତ୍ତା ଓ ପାଇଜାମା ପିନ୍ଧୁଥିଲେ । ଏହା ବାଦ ବିଶେଷ ପ୍ରକାର ମସୃଣ ବାଡ଼ି ଏବଂ ଘଣ୍ଟେଲି ଭରତୀୟ ଘୋଡ଼ା ବ୍ୟବହାର କରୁଥିଲେ । ନଜୀର ହାତରେ ରୂପାର ମୁଠି ଲଗା ହୋଇ ଥିବା ସୁନ୍ଦର ବାଡ଼ି ଧରୁଥିଲେ ଏବଂ ଆଙ୍ଗୁଳିରେ ଆକାଶୀ ରଙ୍ଗର ଫିରୋଜା ଓ ଆକିକ ପଥର ବସା ମୁଦି ପିନ୍ଧୁଥିଲେ ।

ତାଙ୍କର ଧର୍ମ ଓ ଆରାଧନା ମଧ୍ୟ ବିତର୍କର ବିଷୟ ଥିଲା । ନାଁହନ୍ଦେଇରେ ତାଙ୍କ ପିତା ଥିଲେ ଜଣେ ସୁନ୍ନି ମୁସଲମାନ, କିନ୍ତୁ ସେ ଥିଲେ ଶିଆ । ଧର୍ମାନ୍ତର ଗ୍ରହଣ କରିବା

ସମ୍ପର୍କରେ ସବିଶେଷ ବିବରଣୀ ମିଳେ ନାହିଁ । ସମ୍ଭବତଃ ତାଙ୍କ ମା ଶିଆ ଥିବାରୁ ତାଙ୍କର ପ୍ରଭାବ ନଜୀରଙ୍କ ଉପରେ ପଡ଼ିଥିବ । ସେ ନିଜେ ଅତି ଉଦାରମନା ଥିଲେ । ଅନ୍ଧ ପରଂପରା ଓ ଧର୍ମୀୟ ରୂଢ଼ୀବାଦ ମଧ୍ୟରେ ସେ କେବେହେଲେ ନିଜକୁ ଆବଦ୍ଧ କରି ନଥିଲେ । ବିଶ୍ୱାସରେ ଶିଆ ଥିଲେ ମଧ୍ୟ ସୁଫିମାନଙ୍କର ରହସ୍ୟବାଦ ପ୍ରତି ତାଙ୍କର ଅନୁରାଗ ଥିଲା । କେତେକ ବିବରଣୀରୁ ଜଣାପଡ଼େ ଯେ ଦିଲ୍ଲୀର ବିଖ୍ୟାତ ସୁଫି ମୌଲାନା ଫକରୁଦ୍ଦିନଙ୍କର ସେ ଜଣେ ପ୍ରଶଂସକ ଥିଲେ ।

ସେ ଦୀର୍ଘ ଶହେ ବର୍ଷ ବଞ୍ଚିଥିଲେ । ପାରାଲିସିସ ଦ୍ୱାରା ଆକ୍ରାନ୍ତ ହେବାର ତିନିବର୍ଷ ପରେ ତାଙ୍କର ମୃତ୍ୟୁ ହୋଇଥିଲା । ତାଙ୍କ ଅଗଣାରେ ଯେଉଁ ଦୁଇଟି ଗଛ ମୂଳେ ବସି ସେ କବିତା ଲେଖୁଥିଲେ ଏବଂ କନିଷ୍ଠ କବିମାନଙ୍କ ସହିତ ବା ଛାତ୍ରମାନଙ୍କୁ ଶିକ୍ଷା ଦେଇ ସାରା ଜୀବନ କଟାଇ ଦେଲେ ସେଇଠାରେ ଦୁଇ ଗଛର ଛାଇତଳେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ମୃତ୍ୟୁ ପରେ ସୁନ୍ନି ଓ ଶିଆ ଏବଂ ହିନ୍ଦୁମାନେ ତାଙ୍କୁ ନିଜ ନିଜ ଧର୍ମର ଲୋକ ବୋଲି ଦାବୀ କରିଥିଲେ । ମୁସଲମାନ ଧର୍ମର ଉଭୟ ଗୋଷ୍ଠିର ଲୋକମାନେ ନିଜ ନିଜ ରୀତି ଅନୁସାରେ ତାଙ୍କ ପାଇଁ ପ୍ରାର୍ଥନା କରିଥିଲେ ଏବଂ ତାଙ୍କର ହିନ୍ଦୁ ଛାତ୍ର ଓ ପ୍ରଶଂସକମାନେ ତାଙ୍କ ମୃତ ଦେହକୁ ଆବୃତ କରି ଯାଇଥିବା ଚାଦର ନେଇ ଅଗ୍ନିରେ ଭସ୍ମ କରିଥିଲେ ।

ଏହି ପ୍ରକାର ଏକ ମହାନ ଜୀବନର ଅବସାନ ଘଟିଲା । ମହାନ ଏଇଥିପାଇଁ ଯେ ସେ ପ୍ରତି ମୁହୂର୍ତ୍ତ ଆନନ୍ଦ ଉଲ୍ଲାସ ମଧ୍ୟରେ ଅତିବାହିତ କରିଥିଲେ । ତାଙ୍କ ବିଧବା ସ୍ତ୍ରୀ, ଗୋଟିଏ ପୁଅ ଓ ଗୋଟିଏ ଝିଅ ବ୍ୟତୀତ ବହୁ ଛାତ୍ରଛାତ୍ରୀ ଏବଂ ଉର୍ଦ୍ଦୁରେ ରଚିତ ଅସଂଖ୍ୟ କବିତା ଛାଡ଼ି ଯାଇଥିଲେ । ପ୍ରାଚ୍ୟ ଭାଷାରେ ପ୍ରସିଦ୍ଧ ପାରସୀ ଅଧ୍ୟାପକ ଗାରସିନ ଦ ତାସିଙ୍କ ମତ ଅନୁସାରେ ତାଙ୍କର ପ୍ରଥମ ଦିବାନ ୧୮୨୦ରେ ଦେବନାଗରୀ ଲିପିରେ ଛପା ଯାଇଥିଲା । ସେଥିରେ କବିଙ୍କର ଫଟୋ ସହିତ ୪୨ପୃଷ୍ଠା ଥିଲା । ୧୮୫୦ରେ ପ୍ରଥମ ଦିବାନ ଉର୍ଦ୍ଦୁ 'ନସ୍ତାଲିକ୍' (ଏକ ପ୍ରସିଦ୍ଧ ଲିପି ଯେଉଁଥିରେ ଉର୍ଦ୍ଦୁ ଲେଖାଯାଏ)ରେ ପ୍ରକାଶିତ ହୋଇଥିଲା । ଆଗ୍ରାରୁ ପ୍ରକାଶିତ ଏହି ଦିବାନ୍ ସେ ନିଜେ ସଙ୍କଳନ କରିଥିଲେ । କିନ୍ତୁ ଫୋର୍ଟ ଉଇଲିୟମ କଲେଜର ସାହିତ୍ୟ ଇତିହାସ ଲେଖକ କରିମୁଦ୍ଦିନ ନିଜ ପୁସ୍ତକ ଗୁଲଦସ୍ତା-ଏ-ନଜୀମାଁରେ ନିର୍ଦ୍ଦିଷ୍ଟ ଭାବରେ ଲେଖିଛନ୍ତି ଯେ ୧୮୪୫ ପୂର୍ବରୁ କବିଙ୍କର କୌଣସି ଦିବାନ ପ୍ରକାଶିତ ହୋଇ ନ ଥିଲା । ଏହାର ତାତ୍ପର୍ଯ୍ୟ ଏପରି ମଧ୍ୟ ହୋଇପାରେ ଯେ ଗାରସିନ ଦ ତାସିଙ୍କ ଦ୍ୱାରା ଉଲ୍ଲେଖ କରାଯାଇଥିବା ଦିବାନ କବିଙ୍କ ରଚିତ କବିତା ସଂଗ୍ରହ ଅବସ୍ଥାରେ ଥିଲା ଏବଂ ରଚନାର କାଳକ୍ରମ ଓ ସୂଚୀ ଇତ୍ୟାଦି ଦେଇ ଏସବୁ ସେପର୍ଯ୍ୟନ୍ତ ସଙ୍କଳିତ

ହୋଇ ନ ଥିଲା । ଜୁନ ୧୯୪୬ରେ ମିର୍ଜା ଫରହତୁଲ୍ଲା ବେଗ ହାଇଦ୍ରାବାଦରେ ଆଗା ହୈଦର ହସନଙ୍କ ସୌଜନ୍ୟରୁ ପରେ ଏହା ପ୍ରକାଶ କରିଥିଲେ । ଏହା ଏକ ମହତ୍ତ୍ୱପୂର୍ଣ୍ଣ ଅନୁସନ୍ଧାନ ଥିଲା, କିନ୍ତୁ ଏହା ଦ୍ୱାରା ନଜିରଙ୍କର କାବ୍ୟ ପ୍ରତିଭା ଓ କୀର୍ତ୍ତିର ମୂଲ୍ୟାଙ୍କନରେ କୌଣସି ପ୍ରକାର ଗୁଣାତ୍ମକ ପରିବର୍ତ୍ତନ ହୋଇ ନ ଥିଲା । କାରଣ ସେତେବେଳକୁ ତାଙ୍କ ରଚିତ ଉତ୍କୃଷ୍ଟ କବିତା ଗୁଡ଼ିକ ବିଭିନ୍ନ କବିତା ସଙ୍କଳନ, ସାହିତ୍ୟର ଇତିହାସ ଓ ତାଜକିରାରେ ସ୍ଥାନ ପାଇ ସାରିଥିଲା । ଏପରିକି ନଜୀରଙ୍କ ମୁଖ୍ୟ ଜୀବନୀ ଲେଖକ ଅଧ୍ୟାପକ ଶାହବାଜ ମଧ୍ୟ ଏହି ଯଯକ୍ତଜ କବିତା ସଂଗ୍ରହ ଗୁଡ଼ିକର ସହାୟତା ପାଇ ସନ୍ତୁଷ୍ଟ ହୋଇଥିଲେ ଯାହା ସେତେବେଳକୁ ଇତିହାସର କଷଟି ପଥର ରେ ପରୀକ୍ଷିତ ହୋଇ ନଜିରର ସାହିତ୍ୟିକ ଖ୍ୟାତିର ଏକ ମାଇଲସ୍ତମ୍ଭରେ ପରିଣତ ହୋଇ ସାରିଥିଲା ।

ତାଙ୍କ କାବ୍ୟକୃତିର ସଙ୍କଳନ ମୁଖ୍ୟତଃ ତାଙ୍କର ଛଅଜଣ ଶିଷ୍ୟଙ୍କ ଦ୍ୱାରା କରାଯାଇଥିଲା ଯେଉଁମାନେ ରାଜା ବିଲାସ ରାୟଙ୍କର ପୁତ୍ର ଥିଲେ । ସାତ ହଜାର ଶେରର ବିଶିଷ୍ଟ ଏକ ସଂଗ୍ରହ ପ୍ରଥମଥର ପାଇଁ ମତବା-ଏ-ଇଲାହି କାସ୍ମୋହ ଦରୱାଜା, ମିରଟରୁ ପ୍ରକାଶିତ ହୋଇଥିଲା ଏବଂ ପରେ ୧୮୮୬ରେ ମତବା-ଏ-ଅହମଦି ସୁରଜୁ ଦରୱାଜା ମିରଟରେ ପୁନଃ ମୁଦ୍ରିତ ହୋଇଥିଲା । କିଛି ସଂଶୋଧନ କରି ମୁନସୀ ନୱଲ କିଶୋର ଏହା ପୁନର୍ବାର ପ୍ରକାଶ କରିଥିଲେ ଏବଂ ଅଶ୍ଳୀଳ ମନେ ହେଉଥିବା କେତେକ କବିତା ସେଥିରୁ ବାଦ ଦିଆଯାଇଥିଲା । ୧୯୦୦ରେ ଶାହବାଜ ଏହି ପ୍ରାପ୍ତ କବିତା ଗୁଡ଼ିକର ଗୋଟିଏ ସ୍ୱତନ୍ତ୍ର ସଙ୍କଳନ କରିଥିଲେ ଯାହା ଲକ୍ଷ୍ନୌର ନବଲ କିଶୋର ପ୍ରେସରୁ ପ୍ରକାଶିତ ହୋଇଥିଲା । ଏହି କବିତା ସଂଗ୍ରହ ବାଦ ନଜୀର ଦୁଇଟି ଉର୍ଦ୍ଦୁ ଓ ତିନୋଟି ପାରସୀ ଦିବାନ ସଂଗ୍ରହ କରିଥିଲେ । ଏହା ସହିତ ସେ ପାରସୀରେ ନଅଟି ରଚନା ସଂଗ୍ରହ କରିଥିଲେ ଯାହା ଅଦ୍ୟାପି ପ୍ରକାଶିତ ହୋଇ ନାହିଁ । ସେଥିମଧ୍ୟରୁ ପାଞ୍ଚଟି ରଚନା ଶାହବାଜ ଉଦ୍ଧାର କରିବାକୁ ସମ୍ଭବ ହୋଇଥିଲେ ଏବଂ ସାତଟି ପାରସୀ ପାଣ୍ଡୁଲିପିର ଶୀର୍ଷକ ନିମ୍ନରେ ଉଲ୍ଲେଖ କରିଛନ୍ତି — ନକ୍ସେ-ଇ-ଗଜୀନ, କଦେ ମତ୍ତୀନ, ଫହମିଏ କଶିନ, ବଜମେ ଏଶ, ରାନାଇ-ଏ-ଜେବା, ହୁସ୍ନୀ ବାଜାର ଓ ତର୍ଜ ତକଶିର ପ୍ରଭୃତି ପାଣ୍ଡୁଲିପି ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପାଣ୍ଡୁଲିପି ବିଭାଗରେ ମିଳିପାରିବ ।

ନଜୀରଙ୍କୁ ଆଗ୍ରାର ତାଜ ନିକଟରେ କବର ଦିଆଯାଇଥିଲା ଏବଂ ଏହିଠାରେ ତାଙ୍କର ସ୍ମୃତିରକ୍ଷା ସକାଶେ ପ୍ରତିବର୍ଷ ଏକ ଉତ୍ସବ ପାଳନ କରାଯାଏ । ବହୁ ଶ୍ରେଣୀର ଓ ପ୍ରକାରର ସାଧାରଣ ବୃତ୍ତି ଓ ପେଶାର ଲୋକ ଏହି ଉତ୍ସବରେ ଯୋଗ ଦିଅନ୍ତି । ତାଙ୍କ ମୃତ୍ୟୁ ପରେ ତାଙ୍କର ବହୁଶିଷ୍ୟ ଏବଂ ପ୍ରଶଂସକ ସମସ୍ତ ଅନୁସାରେ ଘଟଣାବଳି

ଲିପିବଦ୍ଧ କରିଥିଲେ । ଅଧ୍ୟାପକ ଶାହବାଜ ନଜୀରଙ୍କ ଜଣେ ଶିଷ୍ୟ ଆଗ୍ରାର ବ୍ରଜଲାଲଙ୍କ ଠାରୁ ଏହା ପାଇଥିଲେ । ଏଥିରେ ଲେଖାଥିଲା ଯେ—"ମୁଖମ୍ମସ-ଏ-ସରୋପା ବେଜ-ବେଦିଲ ଫର୍ଦ ବହର ଶୁଦ୍" । ଏହି ପଂକ୍ତିର ଆଧାର ଅନୁସାରେ ସମୟ ୧୨୪୬ ହିଜରି ବା ଅଗଷ୍ଟ ୧୮୩୦ ବୋଲି ସ୍ଥିର କରିଯାଇଛି ।

ବସନ୍ତ ଉତ୍ସବ ପୂର୍ବରୁ ଯେତେବେଳେ ଶୀତ ଋତୁର ଦିନଗୁଡ଼ିକ ପ୍ରୀତିକର ହୋଇ ଉଠେ, ଆଗ୍ରାର ମୋହଲ୍ଲା ତାଜଗଞ୍ଜର ଏକ କବ୍ରିସ୍ଥିଆ ସମାଧିରେ ଭିକାରୀ, ଗାୟକ, ଭାଟ, ରଙ୍ଗମଞ୍ଚ ଅଭିନେତା, ଦୋକାନୀ ଓ ଯାଯାବର ଏବଂ ବୃଦ୍ଧ ଓ ଶିଶୁ ଏକତ୍ରିତ ହୁଅନ୍ତି । ପ୍ରତିବର୍ଷ ଏଇ ବେପରୁଆ ଅଥଚ ଅନୁରାଗୀ ଲୋକମାନଙ୍କ ଏକ ତିଆରି କରି ହୋଇଥିବା ମଂଚ ଉପରେ ସେମାନଙ୍କର ପ୍ରିୟକବିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସକାଶେ ସମବେତ ହେବାର ଦେଖାଯାଏ । ସେମାନଙ୍କ ମଧ୍ୟରୁ ଭାଙ୍ଗ ନିଶାରେ ଟଳୁଥିବା କେତେକ ଏବଂ ଅନ୍ୟ କେତେକ ଭକ୍ତିରେ ଗଦ୍‌ଗଦ ହୋଇ ନଜୀରଙ୍କ କବିତା ଆବୃତ୍ତି କରନ୍ତି । ବେଳେବେଳେ ସେମାନଙ୍କ ଆବୃତ୍ତି ସହିତ ତାଳି ଦବାପାଇଁ କେହି କେହି ଏକତାରା ବଜାନ୍ତି । ଆଉ କେତେକ ନିଜ ନିଜର ହାତରେ ପିନ୍ଧିଥିବା ଲୁହା କଙ୍କଣଉପରେ କାଠି ପିଟି ତାଳ ସୃଷ୍ଟି କରି ଗୀତ ବୋଲନ୍ତି । ସମବେତ ସମସ୍ତେ ଗୀତର ପ୍ରତିଟି ପଂକ୍ତି ଓ ତାଳର ଉଠିବା ପଡ଼ିବା ସହିତ ନିଜକୁ ପୁରାପୁରି ମିଶାଇ ଦେଇ ପ୍ରତ୍ୟେକ ଆବୃତ୍ତି ପାଇଁ ଉଚ୍ଛ୍ୱସିତ ଆନନ୍ଦରେ ହର୍ଷଧ୍ୱନି କରନ୍ତି ।

ଏହି ଉତ୍ସବ ଜନତାର କବି ନଜୀରଙ୍କ ପ୍ରତି ସର୍ବସାଧାରଣଙ୍କ ଅନୁରକ୍ତିର ନିଦର୍ଶନ । କୌଣସି ସଂଘ ଏହାର ଆୟୋଜନ କରନ୍ତି ନାହିଁ ବା କୌଣସି ଅନୁଷ୍ଠାନ ଏଥିପାଇଁ ଚାନ୍ଦା ଉଠାନ୍ତି ନାହିଁ । କିନ୍ତୁ ଏହା ଦେଢ଼େ ୧୪୧ ବର୍ଷ ହେଲା ସ୍ମୃତି ସ୍ମରଣ କରିବା ସକାଶେ ଏହି ଉତ୍ସବ ହୋଇ ଆସୁଛି । ବାସ୍ତବରେ, ଦେଶର ଗଣ୍ୟମାନ୍ୟ, ବିଦ୍ୱାନ, କବି, ଗାୟକ ଓ ନେତାମାନଙ୍କ ଦ୍ୱାରା ଯେପରି ସୁନ୍ଦର ଓ ସଂଗଠିତ ଭାବରେ ଆଲୋଚିତ ହୁଏ ସେଥିପାଇଁ ଆଗ୍ରା ନଗମ ଥରେ ଆୟୋଜନ କରିଥିଲେ । କିନ୍ତୁ ସେଇ ବିଶାଳ ସାଧାରଣ ଜନତା ଏପରି ପ୍ରଚେଷ୍ଟାର ପ୍ରତିବାଦ କରି ଉତ୍ସବ ସ୍ଥାନ ଛାଡ଼ି ଚାଲି ଯାଇଥିଲେ ଏବଂ ଅତି ନିକଟରେ ଅନୁରାଗ ଓ ତନ୍ମୟତାଭାବ ସହିତ ପାରଂପାରିକ ଢଙ୍ଗରେ କାର୍ଯ୍ୟକ୍ରମ ପାଳନ କରିଥିଲେ ।

ଲୋକମାନଙ୍କର ପ୍ରିୟ କବି ନଜୀରଙ୍କ ପ୍ରତି ଏପରି ମୂକ ଅଥଚ ଅସୀମ ଶ୍ରଦ୍ଧା ଅଛି ଯେ ଯାହା ନଜୀର ନିଜେ ସାରାଜୀବନ ଶ୍ରଦ୍ଧା କରୁଥିଲେ । ସେମାନଙ୍କ ସ୍ମୃତିରେ ସେ ଚିର ଅମର, ସେମାନଙ୍କ ଚେତନାର ସେ ଏକ ଅଂଶ ଏବଂ ଜୀବନର ଏକ ଅବିଚ୍ଛିନ୍ନ ଅଂଗ ।

ଐତିହାସିକ ପରିବେଶ

ନଜୀର ଅକବରାବାଦୀ ନିଜ ଯୁଗର ସୃଷ୍ଟି । ଇତିହାସରେ ଏହା ଥିଲା ମୁହମ୍ମଦ ଶାହାଙ୍କ ଯୁଗ । ଏହା ଏପରି ଏକ ସମୟ ଥିଲା ଯେତେବେଳେ ମୋଗଲ ସାମ୍ରାଜ୍ୟ ଦ୍ରୁତ ଗତିରେ ପତନ ଆଡ଼କୁ ଯାଉଥିଲା । ଏହା ଏପରି ଏକ ଅବସ୍ଥାରେ ପହଞ୍ଚି ଯାଇଥିଲା ଯାହା ସମଗ୍ର ସାମନ୍ତବାଦୀ ଶାସନ ବ୍ୟବସ୍ଥାର ଅନ୍ତିମ ପତନର ସୂଚନା ଦେଉଥିଲା । ବହୁ ଦଶନ୍ଧି ଧରି ରାଜାମାନଙ୍କୁ ମନୋନୀତ କରି ସିଂହାସନରେ ବସାଇବାର ଦାୟିତ୍ୱ ନିର୍ବାହ କରୁଥିବା ସୟ୍ୟଦ ଭାଇ ମାନଙ୍କୁ କ୍ଷମତାଚ୍ୟୁତ କରାଗଲା, ଏହା ସତ୍ତ୍ୱେ ରାଜନୈତିକ କ୍ଷମତା ନୂତନ ସମ୍ରାଟ ମୁହମ୍ମଦ ଶାହାଙ୍କ ପାଖକୁ ଫେରି ଆସିନଥିଲା, କାରଣ ସେ ଘଟଣାପ୍ରବାହର ଗତିପଥ ପରିବର୍ତ୍ତନ କରିପାରି ନଥିଲେ । ତାଙ୍କର ଶାସନକାଳ ଗୁଡ଼ିଏ ମହତ୍ତ୍ୱପୂର୍ଣ୍ଣ ବିଷୟ ପାଇଁ ଚିହ୍ନିତ:—ଯଥା କୃଷକ ମାନଙ୍କର ଅସନ୍ତୋଷ, ରାଜନୈତିକ ଅନିଶ୍ଚୟତା, ଫାରସୀ ଓ ସାଧାରଣ ଭାରତୀୟ ଜନତାଙ୍କ ମଧ୍ୟରେ ବୃଦ୍ଧି ପାଉଥିବା ସାଂସ୍କୃତିକ ସଂଘର୍ଷ ତଥା ଉଦାରବାଦୀ ପରମ୍ପରାର କ୍ରମବିକାଶ ଫଳରେ ଅତି ସାଧାରଣ ବ୍ୟକ୍ତିର ଉଦ୍ଭବ ଏବଂ ବିବିଧ ସାମାଜିକ ଗତିବିଧିରେ ସେମାନଙ୍କର ମୁଖ୍ୟ ଅଂଶ ଗ୍ରହଣ ।

ଏହି ତିନୋଟି ବିଷୟ ପରସ୍ପର ସହିତ ସଂପୃକ୍ତ । ଏପରିକି ମୁହମ୍ମଦ ଶାହାଙ୍କ ସମୟ ପୂର୍ବରୁ ମୋଗଲ ସାମ୍ରାଜ୍ୟ ଖଣ୍ଡବିଖଣ୍ଡ ହୋଇ ଯିବାର ପ୍ରକ୍ରିୟା ଆରମ୍ଭ ହୋଇ ଯାଇଥିଲା । ପ୍ରସିଦ୍ଧ ଫରାସୀ ପର୍ଯ୍ୟଟକ ବର୍ନିଅର ତାଙ୍କର Travels in the Moghul Empire (୧) (ମୋଗଲ ସାମ୍ରାଜ୍ୟର ଭ୍ରମଣ) ପୁସ୍ତକରେ ଆଗାମୀ ସର୍ବନାଶର ସଂକେତ ଦେଖି ପାରିଥିଲେ ଏବଂ କୃଷକ ଅଶାନ୍ତି ଯେ ଏହାର ମୂଳ କାରଣ ତାହା ଦର୍ଶାଇ ଥିଲେ । ଶାହାବଲି ଉଲ୍ଲାହ (୨) ନିଜ ରଚିତ ପୁସ୍ତକ ହିଜାଜତୁଲ୍ଲାହ-ଅଲ-ବଲିଗ ପୁସ୍ତକରେ ଏବଂ ରାଜନୈତିକ ପତ୍ର ଗୁଡ଼ିକରେ ପରିଷ୍କାର ଭାବରେ ପାଞ୍ଚଟି କାରଣ ଦର୍ଶାଇ ଥିଲେ :— ଯଥା, ରାଜକୀୟ ଭୂମିସତ୍ତ୍ୱ ହ୍ରାସ, ରାଜସ୍ୱ ଆୟର ସଂକୋଚନ, ମନସବଦାର ମାନଙ୍କ ସଂଖ୍ୟା ବୃଦ୍ଧି, ସାମନ୍ତବାଦୀ ଏକାଧିପତ୍ୟର ବିନାଶକାରୀ ପ୍ରଭାବ ଏବଂ ସୈନିକ ମାନଙ୍କୁ ସେମାନଙ୍କର ବେତନ ନଦେବା । ଏହାଛଡ଼ା ଅନ୍ୟ କାରଣ ମଧ୍ୟ

ସେ ଦର୍ଶାଇଛନ୍ତି:—ଯଥା— ପରାନ୍ନଭୋଜୀ ମାନଙ୍କ ପାଇଁ ଅଧିକ ଖର୍ଚ୍ଚ ଏବଂ ଲାଭହୀନ ଓ ଅଣଉତ୍ପାଦକ ବିଷୟ ପାଇଁ ଅତ୍ୟଧିକ ବ୍ୟୟ ।

ଏହାର ପରିଣାମ ସ୍ୱରୂପ ଏପରି ଏକ ପରାଶ୍ରୟୀ ଶ୍ରେଣୀର ଲୋକମାନଙ୍କର ଉଦୟ ହେଲା ଯେଉଁମାନେ ନିଜର ଆୟ ତୁଳନାରେ ଅଧିକ ବ୍ୟୟ କରୁଥିଲେ । ତେଣୁ ସେମାନେ ସେହି ସମୟର କୃଷକ ଓ ଶ୍ରମିକ ଉପରେ ନିର୍ଭରଶୀଳ ଅନ୍ୟମାନଙ୍କୁ ଶୋଷଣ କରୁଥିଲେ । ଏହି ଅସମଞ୍ଜସ ବ୍ୟବସ୍ଥା ସାମାଜିକ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଏବଂ ବିଶେଷ ଭାବରେ ସାଂସ୍କୃତିକ ଓ ସାମାଜିକ ଜୀବନର ଚିନ୍ତାଧାରାରେ ପରିଷ୍କାର ଭାବରେ ପ୍ରତିଫଳିତ ହୋଇଥିଲା । କ୍ରମଶଃ ସମଗ୍ର ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡ଼ିଥିଲା ଏବଂ ଯେଉଁମାନଙ୍କ ଉପରେ ସମଗ୍ର ସମାଜ ନିର୍ଭର କରୁଥିଲା ସେମାନେ ଅସ୍ଥିର ହୋଇ ଉଠିଲେ । ଅର୍ଥନୀତି ଗତିହୀନ ଅବସ୍ଥାକୁ ଆସିଗଲା । କୃଷିହିଁ ଦେଶର ଅର୍ଥନୈତିକ ଅବସ୍ଥାର ମୁଖ୍ୟ ଅବଲମ୍ବନ ଥିବାରୁ ଏହି ସଙ୍କଟ କୃଷକମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟିର କାରଣ ହେଲା । କୃଷକ ଅସନ୍ତୋଷରୁ ଅନେକ ବିଦ୍ରୋହର ସୂତ୍ରପାତ ହେଲା । ସେଥିମଧ୍ୟରୁ କେତେକ ଆଞ୍ଚଳିକ, ସାଂପ୍ରଦାୟିକ ବା ଅନ୍ୟ କାରଣରୁ ହୋଇଥିଲେ ସୁଦ୍ଧା ମୁଖ୍ୟ କାରଣ ଥିଲା କୃଷି ଭିତ୍ତିକ ଅର୍ଥନୈତିକ ସମସ୍ୟା । ମନସବାଦାର ଓ ଉମରା ପ୍ରଭୃତି ଶାସକ ଗୋଷ୍ଠିର ଖର୍ଚ୍ଚ ବୃଦ୍ଧି ଫଳରେ ସମାଜର ତଳ ଶ୍ରେଣୀର ଲୋକମାନଙ୍କୁ ନଗ୍ନ ଓ ନିର୍ମମ ଭାବରେ ଶୋଷଣ କରାଗଲା । ଏଥିରୁ ଅଶାନ୍ତି ସୃଷ୍ଟି ହେଲା ଏବଂ ପରେ ଏହି ଉତ୍ପୀଡ଼ନ ବିରୁଦ୍ଧରେ ବିଦ୍ରୋହର ସୂତ୍ରପାତ ହେଲା । କେନ୍ଦ୍ରୀୟ ସତ୍ତା ଦୁର୍ବଳ ହୋଇ ପଡ଼ିବାରୁ ସ୍ଥାନୀୟ ଅମୀର ବା ଆଞ୍ଚଳିକ ନେତାମାନେ ବିଭିନ୍ନ କାରଣରୁ ଆଶ୍ରୟ ନେଇ ନିଜ ନିଜର ସେନା ସଂଗଠିତ କରିବାକୁ ଲାଗିଲେ । ସ୍ୱାର୍ଥାନ୍ୱେଷୀ ଏବଂ ପରସ୍ପର ବିରୋଧୀ ଶକ୍ତିର ଅଭ୍ୟୁଦୟ ହିଁ ଏହାର କାରଣ ।

ଅଧ୍ୟାପକ ଇର୍ଫାନ ହବିବ, (୩) ତାଙ୍କର Agrarian Causes of the Fall of the Moghul Empire ପୁସ୍ତକରେ କୃଷକ ବିଦ୍ରୋହର ରୂପ ଓ କାରଣ ସଂପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି । ଜାଠ, ସତନାମୀ ଏବଂ ମରାଠା ଏହି ତିନି ପ୍ରଧାନ ବିଦ୍ରୋହ ସଂପର୍କରେ ସେ ଉଲ୍ଲେଖ କରି ଏହି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି ଯେ ବାହାରକୁ ଏଗୁଡ଼ିକ ଧର୍ମୀୟ ଓ ସାଂପ୍ରଦାୟିକ ଆନ୍ଦୋଳନ ପରି ଦିଶୁଥିଲେ ହେଁ ପ୍ରକୃତରେ ଏଗୁଡ଼ିକ ଥିଲା କୃଷକମାନଙ୍କର ଆନ୍ଦୋଳନ । ଏହାହିଁ ଥିଲା ରାଜନୈତିକ ଅସ୍ଥିରତାର କାରଣ ଏବଂ ଏହି କାରଣରୁ ନୂତନ ରାଜନୈତିକ ଶକ୍ତିମାନଙ୍କର ଅଭ୍ୟୁଦୟ ଘଟିଥିଲା । ଏହି ପରିପ୍ରେକ୍ଷୀରେ ଏହି ସମୟର ମୁହମ୍ମଦ ଶାହଙ୍କ ଶାସନ କାଳ ଏକ ସ୍ୱପ୍ନର ଅନ୍ତିମ ସମୟ ଭାବରେ ଚିହ୍ନିତ ହୁଏ । ଏହା ପରେ ଆରମ୍ଭ ହେଲା ବିଘଟନର ସମୟ

ଯହିଁରୁ ନୂତନ ପ୍ରଶାସକ ମାନଙ୍କୁ କୌଣସି ନୂତନ ସଙ୍କେତ ବା ଆଶା ମିଳି ନଥିଲା । ସେମାନଙ୍କ ପାଖରେ ଆଉ ଦବା ପାଇଁ କିଛି ନଥିଲା ଏବଂ ଲୋକମାନଙ୍କର ଆଶା ଓ ଆକାଙ୍‌କ୍ଷା ପୂର୍ଣ୍ଣ କରିବାକୁ ସେମାନେ ଅସମର୍ଥ ଥିଲେ ।

ଏହି ସମୟରେ ସାନ୍ତ୍ୱନାର ବିଷୟ ଏତିକି ଥିଲା ଯେ ଦେଶୀୟ ସାଂସ୍କୃତିକ ଶକ୍ତି ସମୂହର ଅଭ୍ୟୁଦୟ ଫଳରେ ତୁର୍କି ଏବଂ ପାରସୀ ପରି ବୈଦେଶିକ ସଂସ୍କୃତି ଓ ଭାଷାର ପ୍ରଭାବ ହ୍ରାସ ପାଇବାକୁ ଲାଗିଲା । ସେହି ସମୟରେ ସମାଜର ଅପେକ୍ଷାକୃତ ତଳ ସ୍ତରରୁ ନୂତନ ରାଜନୈତିକ ନେତାମାନଙ୍କର ଆବିର୍ଭାବ ହୋଇଥିଲା । ସେମାନେ ଗ୍ରାମର ଅପରିମାର୍ଜିତ ଭାଷା କହୁଥିଲେ ଏବଂ ପାରସୀ ଅମାତ୍ୟ ମାନଙ୍କର ଭଦ୍ର ଆଚରଣ ପରି ସେମାନଙ୍କର ଆଚରଣ ମାର୍ଜିତ ନଥିଲା । ଏପରିକି ସେତେବେଳର ଶିକ୍ଷା ପ୍ରଣାଳୀ ମଧ୍ୟ ବାଧାପ୍ରାପ୍ତ ହେଲା ଏବଂ ସର୍ବତ୍ର ପ୍ରଚଳିତ ପାରସୀ ଭାଷା ସ୍ଥାନରେ ପଞ୍ଜାବୀ, ବ୍ରଜଭାଷା ଏବଂ ଖଡ଼ି ମୌଖିକ ଭାଷାରେ ପାରସୀ ଓ ତୁର୍କି ଶବ୍ଦ ମାନଙ୍କର ଦେଶୀୟ ବ୍ୟବହାର ଦ୍ୱାରା ଏସବୁର ସଂମିଶ୍ରଣରେ ରେଖତା ନାମକ ଏକ ମିଶ୍ରିତ ଭାଷାର ପ୍ରଚଳନ ଅତି ସହଜ ହୋଇଗଲା । ସାଂସ୍କୃତିକ ଆଦାନ ପ୍ରଦାନର ବାହକ ଭାବରେ ଏହି ନୂତନ ଭାଷା ଶୀଘ୍ର ପାରସୀ ଭାଷା ସ୍ଥାନରେ ବ୍ୟବହୃତ ହେବାକୁ ଲାଗିଲା । ଆଞ୍ଚଳିକ ଦରବାର ଓ ସ୍ଥାନୀୟ ପ୍ରଶାସକମାନେ ମଧ୍ୟ ବଦଳୁଥିବା ସାଂସ୍କୃତିକ ପୃଷ୍ଠଭୂମି ଓ ପରିବେଶର ପ୍ରଭାବରୁ ମୁକ୍ତ ରହିଲେ ନାହିଁ । ଦିଲ୍ଲୀର ସମ୍ରାଟ ଶାହା ଆଲମ ଶୀଘ୍ର ଏହି ନୂତନ ଉର୍ଦ୍ଦୁ ଭାଷାରେ (ରେଖତା) କବିତା ଲେଖିବା ଆରମ୍ଭ କରିଦେଲେ ।

ଆମ ସାହିତ୍ୟରେ କ୍ରମାଗତ ଭାବରେ ମାନବୀୟ ପରମ୍ପରା ବିଦ୍ୟମାନ ରହିବା ଏହି ଐତିହାସିକ କାଳରେ ତୃତୀୟ ମହତ୍ତ୍ୱପୂର୍ଣ୍ଣ ଉପାଦାନ । ଅନେକ ବାଧାବିଘ୍ନ ଓ ରୂପ ସହିତ ଧର୍ମୀୟ ମତାନ୍ଧତା, ରକ୍ଷଣଶୀଳତା ଏବଂ ଅସହିଷ୍ଣୁତା ସତ୍ତ୍ୱେ ସେହି ସମୟରେ ମୁକ୍ତ ଚିନ୍ତନରେ ଫଳ ସ୍ୱରୂପ ଏକ ମାନବବାଦୀ ଦୃଷ୍ଟିକୋଣର ଉଦୟ ହୋଇଥିଲା ଯାହା ବିଭିନ୍ନ ଧର୍ମର ଗୋଡିଗୋଡିରୁ ଉତ୍ପନ୍ନ କୃତ୍ରିମ ଧର୍ମୀୟ ମତଭେଦ ଓ ପ୍ରତିରୋଧ ଭାଙ୍ଗି ସେମାନଙ୍କ ମଧ୍ୟରେ ଥିବା ଏକତ୍ୱ ଉପରେ ଗୁରୁତ୍ୱ ଆରୋପ କରିଥିଲା । ଏହା ଔପଚାରିକତାର ବନ୍ଧନ ଭିତରୁ ଲୋକମାନଙ୍କୁ ମୁକ୍ତ କରି ଧର୍ମାନ୍ଧତା ସ୍ଥାନରେ ଧର୍ମୀୟ ସମାନତା ଓ ସହନଶୀଳତା ଧର୍ମର ଅନ୍ତର୍ନିହିତ ସତ୍ୟ ବୋଲି ପ୍ରତିଷ୍ଠିତ କରିପାରିଥିଲା । ପ୍ରସିଦ୍ଧ ଐତିହାସିକ ଆର୍ନଲଡ଼ ଟଏନବିଙ୍କ ଶବ୍ଦରେ:—

ଯରଥୁଷ୍ଟ୍ର ଧର୍ମକୁ ଛାଡି ସଂସାରର ପ୍ରାୟ ସବୁ ମହାନ ଧର୍ମର ଉଦ୍ଭବ ଭାରତ ଓ ଦକ୍ଷିଣ ପଶ୍ଚିମ ଏସିଆରେ ହୋଇଥିଲା । ଭାରତୀୟ ଓ ଭାରତୀୟ ଉପମହାଦେଶର ଧର୍ମ

ଧାରଣା ଓ ମୂଳ ନୀତର ଅବବୋଧ ଭିତରେ ଅତି ଅନିଷ୍ଟକର ପାର୍ଥକ୍ୟ ରହି ଯାଇଛି । କିନ୍ତୁ ଯେଉଁଠାରେ ଏମାନଙ୍କର ମିଳନ ଘଟିଛି ସେଠାରେ ତେଲ ସହିତ ସିର୍କା ମିଶିଲେ ଯେପରି ହୁଏ ସେହିପରି ହୋଇଛି । ସେମାନଙ୍କ ମଧ୍ୟରେ ଭାରତର ଯୁଦ୍ଧଭୂମିରେ ହିଁ ପ୍ରଧାନତଃ ସାକ୍ଷାତ ହୋଇଛି ଯେଉଁଠାରେ ଇସଲାମ ହିନ୍ଦୁ ଧର୍ମ ଉପରେ ବଳାତ୍କାର କରିଛି । ସାମଗ୍ରିକ ଭାବରେ ଭାରତ ଭୂମିରେ ଏହି ଦୁଇଟି ମହାନ ଧର୍ମ ମଧ୍ୟରେ ଥିବା ଧର୍ମର ପାରସ୍ପରିକ ବୁଝାମଣାର ଅଭାବ ଓ ଶତ୍ରୁତାର ଏକ ଅତି ଦୁଃଖ ଦାୟକ କାହାଣୀ । ଧର୍ମୀୟ ପାର୍ଥକ୍ୟ ସତ୍ତ୍ୱେ, ଦୁଇ ଧର୍ମର ଅନୁଗାମୀ ମାନଙ୍କ ମଧ୍ୟରେ ଏପରି ଏକ ବିଶେଷ ସଂଖ୍ୟା ଲଘୁ ଗୋଷ୍ଠୀ ଥିଲେ ଯେଉଁମାନଙ୍କର ଦୃଷ୍ଟି ଗୁଣାତ୍ମକ ଦିଗରୁ ସେମାନଙ୍କଠାରୁ ଭିନ୍ନ ଥିଲା । ହିନ୍ଦୁ ଧର୍ମ ଓ ଇସଲାମ ପରମ୍ପରାଠାରୁ ସ୍ୱତନ୍ତ୍ର ଜଣା ପଡୁଥିଲେ ମଧ୍ୟ ଏହି ଦୁଇଟି ଧର୍ମରେ ସମାନ ମୌଳିକ ସତ୍ୟର ପ୍ରକାଶ ଘଟିଛି ଏବଂ ଏହି କାରଣରୁ ଉଭୟ ମତବାଦ ମଧ୍ୟରେ ଆପୋଷ ଓ ସମନ୍ୱୟ ସ୍ଥାପନ କରିବାର ବହୁ ଉପାଦାନ ରହିଛି । ଉଭୟ ଧର୍ମ ମଧ୍ୟରେ ସମନ୍ୱୟ ସ୍ଥାପନ କରିବା ଦ୍ୱାରା ସର୍ବୋଚ୍ଚ ମୂଲ୍ୟବୋଧ ସୃଷ୍ଟି ହୋଇ ପାରିବ । (୪) ଏହି ପୃଷ୍ଠ ଭୂମିରେ ସେଇ ସମୟର ହିନ୍ଦୁ ଓ ଇସଲାମିକ ରହସ୍ୟବାଦ ଏବଂ ସୁଫି ଓ ଭକ୍ତ ଆନ୍ଦୋଳନର ଉଦାହରଣ ଦିଆଯାଇ ପାରେ ।

ଏହି ଆପୋଷ ବା ସମନ୍ୱୟ ଦୁଇଟି ଧର୍ମର ମିଶ୍ରଣ ଦ୍ୱାରା ସାଧିତ ହୋଇ ପାରିବ ନାହିଁ, ବରଂ ଅନେକ କ୍ଷେତ୍ରରେ ଯେଉଁ ସଂକୀର୍ଣ୍ଣତା ଓ ରୀତି ବାଦୀତା ରହିଛି ତାହା ବିରୁଦ୍ଧରେ ବିଦ୍ରୋହ କରି ଦୈନନ୍ଦିନ ଜୀବନର ସାଧାରଣ ସତ୍ୟରେ ଉପନୀତ ହୋଇ ପାରିବ । ମାନବ ଧର୍ମ ନାମରେ ବହୁତ ପରସ୍ପର ବିରୋଧୀ ବିଚାରଧାରା ଓ କାର୍ଯ୍ୟ କରା-ଯାଇଛି । କିନ୍ତୁ ଏହି ପୃଷ୍ଠ ଭୂମିରେ ମାନବବାଦ ଯେ ମଣିଷର ସର୍ବୋଚ୍ଚତା ଓ ଶ୍ରେଷ୍ଠତା ପାଇଁ ଅଭିପ୍ରେତ ଏହି ଭ୍ରମ ସୃଷ୍ଟି ହୋଇଥାଏ । ଆହୁରି ଊନବିଂଶ ଶତାବ୍ଦିର ପ୍ରାରମ୍ଭରେ କେନ୍ଦ୍ର ୟୁରୋପରେ 'ପ୍ରକୃତିବାଦ ବିରୁଦ୍ଧରେ ମଣିଷ ଇଚ୍ଛାର ପୁନରୁତ୍ଥାନ' ସହିତ ଏହାକୁ ମଧ୍ୟ ସଂଶ୍ଳିଷ୍ଟ କରାଯାଇ ପାରେ ।

ଏଠାରେ ମାନବବାଦ କହିଲେ ଈଶ୍ୱରତତ୍ତ୍ୱ ବା ରୀତିବାଦ ଭିତରେ ଆବଦ୍ଧ ନଥିବା ଆଧ୍ୟାତ୍ମିକତା ଓ ଜୀବନ ଦର୍ଶନକୁ ବୁଝାଏ ।

ଏହି ପରିପ୍ରେକ୍ଷୀରେ ସେହି ସମୟର ବୁଦ୍ଧିଜୀବି ମାନଙ୍କ ପାଇଁ ଯେଉଁ ପଥ ସବୁ ଉନ୍ମୁକ୍ତ ଥିଲା ତାହା ବୁଝିବା ସହଜ ହେବ ଯଦି ଆମେ ଧରିନେଉ ଯେ ସେମାନେ କେବଳ ଖାଇ ପିଇ ବଞ୍ଚିବା ପାଇଁ ଏବଂ ନୂତନ ଦୃଷ୍ଟି ଓ ଆକାଂକ୍ଷା ପାଇଁ ଲାଳାୟିତ ନଥିଲେ ।

ମହାନ ହେବା ଲାଗି ଯେଉଁ ସବୁ ବାଟ ଖୋଲା ଥିଲା ସେସବୁ ରାଜା ମହାରାଜାମାନଙ୍କ ପାଇଁ ପ୍ରାୟ ସଂରକ୍ଷିତ ଥିଲା । ସମ୍ଭ୍ରାନ୍ତ ଶ୍ରେଣୀର ଲୋକମାନେ ରାଜନୈତିକ ବିତର୍କ ଓ ଗୋଲମାଲରେ ବ୍ୟସ୍ତ ଥିଲେ ଏବଂ ସୂକ୍ଷ୍ମ କଳା ପାଇଁ ସେମାନଙ୍କର ସମୟ ନଥିଲା ।

"ମଧ୍ୟଯୁଗୀୟ ସମାଜର ପୃଷ୍ଠପୋଷକତା ସାଧାରଣ ଶିକ୍ଷା ଓ ସଂସ୍କୃତିର ବିକାଶ ନିମନ୍ତେ ଅଭିପ୍ରେତ ଥିଲା" ବୋଲି ଧରି ନିଆଯାଉଥିଲା । (୫) କିନ୍ତୁ ସେଇ ସମ୍ଭ୍ରାନ୍ତ ପୃଷ୍ଠପୋଷକମାନେ ଅନ୍ୟତ୍ର ବ୍ୟସ୍ତ ରହୁଥିବାରୁ କବି ଓ କଳାକାରମାନେ ଏକ ଦୟନୀୟ ଅବସ୍ଥାରେ ଥିଲେ । ମୀରଙ୍କ ଭାଷାରେ—

ସନ୍ନା ହୈ ସବ୍ ଖ୍ୱାର ଅଜାଁ, କୁମଲ ହୁଁ ମୈଁ ଭୀ
ହୈ ଏବ୍ ବଡ଼ା ଉସ ମେଁ, ଜିସେ କୁଛ ହୁନର ଆୱେ ।

ଅର୍ଥାତ୍ କାରିଗରମାନେ ଧ୍ୱଂସ ପାଇଗଲେଣି ଏବଂ ମୁଁ ସେମାନଙ୍କ ମଧ୍ୟରୁ ଜଣେ । ଏପରି ସମୟରେ ନିଜର ଶିଳ୍ପ ଜାଣିବା ଏକ ମହାପାପ (୬) ।

ମୀରଙ୍କର ଏହି ଉକ୍ତି ପ୍ରାୟ ସମକାଳୀନ ସମସ୍ତ ପ୍ରସିଦ୍ଧ କବି ଓ କଳାକାରମାନଙ୍କ ଦ୍ୱାରା ସମର୍ଥିତ ହୋଇଛି । କାରଣ ସମସ୍ତେ ଦୁଃସ୍ଥ ଅବସ୍ଥା, ରାଜନୈତିକ ଅନିଶ୍ଚିତତା, ବୃଦ୍ଧି ପାଉଥିବା ଅସ୍ଥିରତା ଓ ଦୁଃଖ କଷ୍ଟ ସଂପର୍କରେ ଅଭିଯୋଗ କରିଛନ୍ତି ।

ସେଇ ସମୟର ଏହି ଆହ୍ୱାନର ଜବାବ ଦେଇ ମୀର ଅବଶ୍ୟ ଦୁଃଖକୁ ମାନବ ଜୀବନର ନିୟତି ଭାବରେ ମାନି ନେଇଥିଲେ । ତାଙ୍କ ପାଇଁ ନିରାଶା ଓ ବେଦନା ଏହା ଥିଲା ବାସ୍ତବିକ ଅବସ୍ଥା । ଏହା ଯେତେ କରୁଣ ହେଲେ ମଧ୍ୟ ତାଙ୍କ ଦୃଷ୍ଟିରେ ଏହାହିଁ ଥିଲା ଅନିବାର୍ଯ୍ୟ ଭବିତବ୍ୟ ଯାହା ମଣିଷକୁ କ୍ଷତବିକ୍ଷତ କରିଦେଇଥିଲା । ତାଙ୍କ ଦୃଷ୍ଟିରେ "ଦୀର୍ଘକ୍ଲାନ୍ତିକର ଅନୁସନ୍ଧାନ ପରେ ସ୍ୱର୍ଗ ମଣିଷକୁ ଅବିଷ୍କାର କରିଥିଲା । (୭)"

କିନ୍ତୁ ସୌଦାଙ୍କର ପ୍ରତିକ୍ରିୟା ଥିଲା ଭିନ୍ନ ପ୍ରକାର । ଏହି ଆହ୍ୱାନର ପ୍ରତ୍ୟୁତ୍ତର ସେ ତୀବ୍ର ବ୍ୟଙ୍ଗ ଏବଂ ନିନ୍ଦା ଛଳରେ ଦେଇଥିଲେ । ସାମାଜିକ ମୂଲ୍ୟବୋଧର ଅବକ୍ଷୟ ସମ୍ପର୍କରେ ସେ ତାଙ୍କ ବ୍ୟଙ୍ଗ କବିତା 'ହାଜବିଯ୍ୟାତ'ରେ ଉଲ୍ଲେଖ କରି ଯାଇଛନ୍ତି । ଏଥିରେ ସେହି ସମୟର କୃତ୍ରିମତା, ଛଳନା, ଅବନତ ମସ୍ତକରେ ମାନି ନ ନେଇ ନିଜ କବିତାର ଅଦମନୀୟ ଉଚ୍ଛ୍ୱାସ ଭିତରେ ଗୁପାପଡ଼ିଯାଇଥିବା ଅଶ୍ରୁ ଦ୍ୱାରା ଏହି ଅନ୍ୟାୟୀ ଜଗତକୁ ବିଦ୍ରୂପ କରିଛନ୍ତି । ସେ ହତାଶାକୁ ଜୀବନର ଭିତ୍ତି ଭାବରେ ସ୍ୱୀକାର କରିନଥିଲେ ଏବଂ ମାଡି ଆସୁଥିବା ଅନ୍ଧକାର ବିରୁଦ୍ଧରେ ବ୍ୟଙ୍ଗବିଦ୍ରୂପ କରି ସଂଗ୍ରାମ କରୁଥିଲେ ।

ମୀର ଦର୍ଦ୍ଦ ପ୍ରତକାରର ଅନ୍ୟ ଏକ ମାର୍ଗ ବାଛି ନେଇଥିଲେ । ତାହା ହେଉଛି ରହସ୍ୟବାଦ । ହେହି ତ୍ରିମୂର୍ତ୍ତିଙ୍କ ମଧ୍ୟରୁ ସେ ଏକା ଦିଲ୍ଲୀରେ ରହୁଥିଲେ । ବାହ୍ୟ ଜଗତର ସ୍ଥିତି ଓ ବେଦନା ଯେ ନତ୍ୟ ଓ ଶାଶ୍ୱତର ରୂପାନ୍ତର ନୁହେଁ, ବରଂ ଏକ ଅବାସ୍ତବ ସ୍ଥିତିର ଛାୟା ମାତ୍ର ଏହା ଚନ୍ତାକରି ସେ ବାସ୍ତବ ଜଗତକୁ ପ୍ରତ୍ୟାଖାନ କରିଥିଲେ ।

ସେଇ ତନଜଣ ସେମାନଙ୍କ ଯୁଗର ସୀମାବଦ୍ଧତା ଅତକ୍ରମ କରି ପାରିନଥିଲେ । ସେମାନଙ୍କ ଧାରଣାରେ କଳା, ସାହିତ୍ୟ ଏବଂ ଏପରକ ସମଗ୍ର ସାମାଜକ ଜୀବନଧାରା ସମ୍ଭ୍ରାନ୍ତ ପଣିଆ ଓ ଆଭିଜାତ୍ୟ ଉପରେ ପର୍ଯ୍ୟବେଶିତ ଥିଲା ଏବଂ ଏହା ବାହାରେ ଯାହାଥିଲା ତାହା ଅର୍ଥଶୂନ୍ୟ । ପ୍ରଚଳତ ପ୍ରଶାସନକ ବ୍ୟବସ୍ଥା ବାହାରକୁ ଯାଇ ଜନଗଣଙ୍କର ଅସରନ୍ତ ଶକ୍ତି ଭଣ୍ଡାର ଉପରେ ନର୍ଭରକରି ନଜୀର ଚତୁର୍ଥ ବକଳ୍ପ ଆବଷ୍କାର କରିଥିଲେ । ଅବହେଳତ ପୁରୁଷ ଓ ନାରୀମାନଙ୍କର ଗୋଟିଏ ସମଗ୍ର ଜଗତ ଯେ କବି ଓ ଶିଳ୍ପୀମାନଙ୍କ ଆବଷ୍କାରର ଅପେକ୍ଷା କରୁଛି ଏହା ପ୍ରଥମଥର ପାଇଁ ନଜୀର ହୃଦୟଙ୍ଗମ କଲେ । ଯେଉଁ ସଙ୍କଟ ମୀରଙ୍କୁ ନୈରାଶ୍ୟବାଦୀ ଦର୍ଶନ ଆଡ଼କୁ, ସୌଦାଙ୍କୁ ବ୍ୟଙ୍ଗବିଦ୍ରୂପ କରିବାଲାଗି ଏବଂ ଦର୍ଦ୍ଦଙ୍କୁ ରହସ୍ୟବାଦ ଆଡକୁ ଟାଣି ନେଇଥିଲା ତାହା ନଜୀରଙ୍କ ଦୃଷ୍ଟିରେ ନୂତନ ଭାବରେ ଏକ ଆବିଷ୍କୃତ ଜଗତକୁ ଉଦ୍ଭାସିତ କଲା । କବିମାନଙ୍କ ମଧ୍ୟରେ ପଥନର୍ଦ୍ଦେଶକ ଭାବରେ ଏବଂ ଲୋକମାନଙ୍କ ମଧ୍ୟରେ ଜଣେ ଖାଣ୍ଟି କବି ଭାବରେ ସେ ଜୀବନ ଅତବାହିତ କରିଥିଲେ । ନଜୀରଙ୍କ ପକ୍ଷରେ ଜୀବନ ଥିଲା ଏକ ସମ୍ପୂର୍ଣ୍ଣ ଚତ୍ର ଯାହା ଆଲୋକ, ଶବ୍ଦ, ରଙ୍ଗରେ ଥିଲା ପରିପୂର୍ଣ୍ଣ । ଶାସନରେ ଥିବା ସମ୍ଭ୍ରାନ୍ତ ଏବଂ ସେମାନଙ୍କର ସାମାଜକ ଅବସ୍ଥାର ଉତ୍ଥାନ ପତନ ଓ ଭାଗ୍ୟ ପରବର୍ତ୍ତନ ସତ୍ତ୍ୱେ ସାମାନ୍ୟ ବ୍ୟକ୍ତିହିଁ ଜୀବନର ବୈଚତ୍ରପୂର୍ଣ୍ଣ ଗୌରବର ଅଧିକାରୀ ଥିଲା । ପ୍ରେମ ଓ ଅନୁରାଗରେ ସାଧାରଣ ମଣିଷର ଏହି ଗୌରବ ସହିତ ନଜୀର ନଜକୁ ସଂପୃକ୍ତ କରିଥିଲେ ।

ସେଇ ଐତହାସିକ ପୃଷ୍ଠଭୂମିରେ ଏହା ଯୁକ୍ତିସଙ୍ଗତ ଥିଲା । ମୁହମ୍ମଦ ଶାହାଙ୍କ ଯୁଗ ଅନେକ ଦେଶୀୟ ଶକ୍ତିର ଉତ୍ଥାନ ପ୍ରତ୍ୟକ୍ଷ କରିଥିଲା । ଏହି ସମୟରେ ଏପରି ଏକ ଅବସ୍ଥା ଆସି ପହଂଚିଲା ଯେତେବେଳେ ଉତ୍ତର ଭାରତର ସହରାଞ୍ଚଳର ସଂସ୍କୃତ ଉପରେ ତୁର୍କୀ ଇରାନୀ ସଂସ୍କୃତର ବଡ଼ ଗଭୀର ପ୍ରଭାବ ପଡ଼ିଲା । ଗୋଟିଏ ନୂତନ ଏକତ୍ରୀକରଣ ପ୍ରକ୍ରିୟା ଆରମ୍ଭ ହୋଇଯାଇଥିଲା ଯେଉଁଥିରେ ଗୋଟିଏ ପଟୁ ଉପରୁ ତୁର୍କୀଇରାନୀ ବୈଦେଶିକ ସଂସ୍କୃତର ରୂପକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା ଏବଂ ଅନ୍ୟପଟେ ଦେଶୀୟ ସଂସ୍କୃତ ଉପରେ ଏହାର ସୁପ୍ରଭାବକୁ ସ୍ୱାଗତ କରାଯାଉଥିଲା ।

ଯାହା ଭାରତୀୟ ସେହି ଉପାଦାନ ଗୁଡ଼ିକର ପ୍ରଭୁତ୍ୱ ବଜାୟ ରଖି ବାହ୍ୟ ସଂସ୍କୃତିର ସୁସଂଗତ ପ୍ରଭାବକୁ ଏହା ଅଙ୍ଗୀଭୂତ କରିନେଇଥିଲା । ସ୍ଥାପତ୍ୟ ଓ ଚିତ୍ରକଳାରେ ରାଜପୁତ ଶୈଳୀର ପ୍ରଭାବ ଏବଂ ବିଶିଷ୍ଟ ଭାରତୀୟ ସଙ୍ଗୀତର ପୁନଃପ୍ରଚଳନ ଦ୍ୱାରା ଏହି ତଥ୍ୟ ପ୍ରମାଣିତ ହୋଇଛି । ଭାରତୀୟ ସଙ୍ଗୀତର ଜଙ୍ଗଲା ବା ଜାଙ୍ଗୁଲାରେ ଏବଂ ସଦାରଙ୍ଗ, ଅଦାରଙ୍ଗ, ପ୍ରଭୃତି ବିଶିଷ୍ଟ ରାଗରାଗିଣୀରେ ମଧ୍ୟ ଏହା ପ୍ରତିପାଦିତ ହୋଇଛି । ଡକ୍ଟର ସଯ୍ୟଦ ଅବଦୁଲ୍ଲା ଲେଖିଛନ୍ତି ଯେ:—କଳାଦୃଷ୍ଟିରୁ ବିଚାର କଲେ ମୁହମ୍ମଦ ଶାହାଙ୍କ ଯୁଗକୁ ମୁଁ ପୁନର୍ଜାଗରଣର ଯୁଗ କହିବି । ଏହି ସର୍ଜନାତ୍ମକ ପୁନର୍ଜାଗରଣ ଭାରତୀୟ ମୋଗଲ ସଂସ୍କୃତିର ପୁନର୍ଜାଗରଣ ଥିଲା । ମୁହମ୍ମଦ ଶାହା ରାଜପୁତ ଜୀବନଶୈଳୀର ପ୍ରଂଶସକ ନଥିଲେ, କିନ୍ତୁ ସେହି ସମୟରେ ବିଶୁଦ୍ଧ ମୋଗଲ ଶୈଳୀର ପୁନଃପ୍ରଚଳନ କରିବା ମଧ୍ୟ ତାଙ୍କ ଆୟତ୍ତର ବାହାରେ ଥିଲା । ତେଣୁ ସେତେବେଳେ ରାଷ୍ଟ୍ରୀୟ ଓ ଜାତୀୟ ତଥା ଦେଶୀୟ ଶୈଳୀର ସଂମିଶ୍ରଣରେ ଏକ ନୂତନ ସଂସ୍କୃତି ସ୍ଥାପନ କରିବା ପାଇଁ ସେ ପ୍ରୟାସ କରିଥିଲେ । ସମ୍ଭବତଃ ମୁହମ୍ମଦ ଶାହା ପ୍ରଥମ ମୋଗଲ ରାଜା ଯିଏ ତୁର୍କୀ ଭାଷା ଜାଣି ନ ଥିଲେ । ସେଥିପାଇଁ ତାଙ୍କ ନାମରେ ଗୋଟିଏ କଥା ପ୍ରଚଳିତ ଥିଲା—"ମୁହମ୍ମଦ ଶାହାଙ୍କ ଆବିର୍ଭାବ ସହିତ ତୁର୍କୀର ଅନ୍ତହେଲା ।' ବରଂ ମୁହମ୍ମଦ ଶାହ ତୁର୍କୀ ତମାମ ଶୁଦ । (୯) ସେଥିରୁ ମୁକ୍ତି ପାଇବା ମଧ୍ୟ ସମ୍ଭବ ନଥିଲା, କାରଣ ବହୁକାଳ ଧରି ହିନ୍ଦୁ ସଂସ୍କୃତିର ପ୍ରଭାବ ତାଙ୍କ ରାଜତ୍ୱ ଉପରେ ପଡ଼ିଥିଲା । ସେହି କାରଣରୁ ହିନ୍ଦୁକରଣ ଅଧିକ ପ୍ରଭାବଶାଳୀ ହୋଇ ଥିଲା । ଏସବୁର ସମନ୍ୱୟ ଦ୍ୱାରା ରେଖତା ଶୈଳୀ ପ୍ରକଟିତ ହେଲା । ସାହିତ୍ୟ, କଳା, ସଂସ୍କୃତି ଓ ବିଦ୍ୟା ସବୁ କ୍ଷେତ୍ରରେ ଏହା ପୁଷ୍ପିତ ହୋଇଥିଲା । ଏକ ନୂତନ ପ୍ରକାର କାଓ୍ୱାଲି, ସଂଗୀତରେ ବହୁ ରାଗର ମିଶ୍ରଣ, ଚିତ୍ରକଳାରେ ଏକ ନୂତନ ଶୈଳୀର ଉଦ୍ଭବ କାହାଣୀରେ ଏକ ନୂତନ ଧାରାର ପ୍ରବର୍ତ୍ତନ, କଳା ଓ ସଂସ୍କୃତି ଜଗତରେ ଲୋକମାନଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଥିଲା ।

ସମ୍ଭବତଃ ଏହି ସାଂସ୍କୃତିକ ସମନ୍ୱୟ ଆଣିବାରେ ମୁହମ୍ମଦ ଶାହାଙ୍କ ବ୍ୟକ୍ତିଗତ ଭୂମିକା ଉପରେ ଡକ୍ଟର ସଯ୍ୟଦ ଅବଦୁଲ୍ଲା ଅଧିକ ଗୁରୁତ୍ୱ ଆରୋପ କରିଛନ୍ତି । ନିଃସନ୍ଦେହରେ ଏହା କୁହାଯାଇ ପାରେ ଯେ ତାଙ୍କ ରାଜତ୍ୱ କାଳରେ ଏହାର ପ୍ରଭାବ ଚତୁର୍ଦ୍ଦିଗରେ ପ୍ରସାର ଲାଭ କରିଥିଲା । ପ୍ରକୃତରେ ମୁହମ୍ମଦ ଶାହାଙ୍କୁ ଏହି ପ୍ରକ୍ରିୟାର ପ୍ରବର୍ତ୍ତନ ଲାଗି ଦାୟୀ କରାଯାଇ ପାରିବ ନାହିଁ । ଆଉରଙ୍ଗଜେବଙ୍କ ମୃତ୍ୟୁ ପରେ ବା ତା ପୂର୍ବରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇ ଯାଇଥିଲା । ଡକ୍ଟର ସଯ୍ୟଦ ଅବ୍ଦୁଲ୍ଲା 'ହିନ୍ଦୁକରଣ' ବୋଲି ଯାହା ଅଭିହିତ କରିଛନ୍ତି, ତାହା ପ୍ରକୃତରେ ତୁର୍କୀ, ଇରାନୀ, ଓ ଭାରତୀୟ ସଂସ୍କୃତିର ସମ୍ମିଶ୍ରଣରୁ ସମ୍ଭୂତ ଏବଂ ତାହା ସହର ଓ ଗ୍ରାମ୍ୟ ଜୀବନର ବିଭିନ୍ନ ସ୍ତରରେ

ପ୍ରକଟିତ ହୋଇଥିଲା । ବଜାରରେ, ଧର୍ମ ପୀଠରେ, ମେଳା ମହୋତ୍ସବରେ ଗୋଟିଏ ନୂତନ ସଂସ୍କୃତି ଜନ୍ମ ନେଉଥିଲା । ନୂତନ ସଂସ୍କୃତିର ଉତ୍ସ ଏକାନ୍ତ ଭାବେ ଦେଶୀୟ ଥିଲେ ମଧ୍ୟ ଏହା ଉପରେ ତୁର୍କୀ ଓ ଇରାନୀର ସ୍ମରଣୀୟ ପ୍ରଭାବ ପଡ଼ିଥିଲା । ରାଜଶକ୍ତି ଏହି ନୂତନ ସଂସ୍କୃତିର ବିକାଶକୁ ପ୍ରତିରୋଧ କରିଥିଲା ଏବଂ ନିଜର ଖାଣ୍ଟି ବୈଦେଶିକ ସଂସ୍କୃତିର ଶ୍ରେଷ୍ଠତ୍ୱ ବଜାୟ ରଖିବା ଲାଗି ଚେଷ୍ଟିତ ଥିଲା । କିନ୍ତୁ ଶେଷରେ ମୁହମ୍ମଦ ଶାହାଙ୍କ କାଳରେ ଏହି ପ୍ରଚେଷ୍ଟା ବିଫଳ ହୋଇଥିଲା । ମୁହମ୍ମଦ ଶାହା ଏହି ନୂତନ ସଂସ୍କୃତିର ପ୍ରସାର ସକାଶେ ପ୍ରୟାସ ନ କରି ବରଂ ବାସ୍ତବରେ ଯାହା ଘଟିଥିଲା ତାହା ଗ୍ରହଣ କରି ନେଇଥିଲେ । ଆଗ୍ରାରେ ଲେଖା ଯାଇଥିବା ନଜୀରଙ୍କ କବିତାରେ ଏହି ସମନ୍ୱୟର ଧାରା ଯେପରି ଭାବରେ ପ୍ରକଟିତ ତାହା ଅନ୍ୟତ୍ର କୌଣସି ଠାରେ ଦେଖାଯାଏ ନାହିଁ । ଆଗ୍ରା ରାଜଧାନୀ ଓ ଦରବାର ଠାରୁ ଦୂରରେ ଥିବାରୁ ତାଙ୍କ ରଚନା ଉପରେ ରାଜା ବା ତାଙ୍କର ପରିଷଦବର୍ଗଙ୍କର କୌଣସି ପ୍ରଭାବ ପଡ଼ି ନଥିଲା । ସେ ସାଧାରଣ ଲୋକଙ୍କ ସକାଶେ କବିତା ରଚନା କରୁଥିଲେ । ତେଣୁ ନାମହୀନ ଅଗଣିତ ଲୋକଙ୍କ ପାଇଁ ସେ କବିତା ଲେଖିଥିଲେ ମଧ୍ୟ ତାଙ୍କ କବିତାରେ ଏହି ସାଂସ୍କୃତିକ ସମନ୍ୱୟ ଯେପରି ସଂପୂର୍ଣ୍ଣ ଭାବରେ ପ୍ରତିଫଳିତ ହୋଇଛି ତାହା ଦରବାର ସହିତ ବା ଦିଲ୍ଲୀର ମୁହମ୍ମଦ ଶାହାଙ୍କ ସହିତ ଯେଉଁ ସମକାଳୀନ କବିମାନେ ସଂପୃକ୍ତ ଥିଲେ ସେମାନଙ୍କ ରଚନାରେ ପ୍ରତିଫଳିତ ହୋଇ ନାହିଁ । ଏହାର ପ୍ରମାଣ ସ୍ୱରୂପ ଏତିକି କୁହାଯାଇ ପାରେ ଯେ ଜନଗଣଙ୍କ ଜୀବନ ଧାରା ଥିଲା ଏହି ସାଂସ୍କୃତିକ ସମନ୍ୱୟର ମୂଳ ଉତ୍ସ ଏବଂ ସେଥିରୁ ଏହା କେବଳ ଜନ୍ମଲାଭ କରି ନଥିଲା ବରଂ ବିକଶିତ ହୋଇ ରାଜଧାନୀକୁ ମଧ୍ୟ ପ୍ଲାବିତ କରି ଦେଇଥିଲା । ଏହି ପ୍ରକ୍ରିୟାର ପ୍ରତିରୋଧ କରିବା ସକାଶେ ରାଜ ଦରବାର ପକ୍ଷରେ ସମ୍ଭବ ନଥିଲା ।

ସାଂସ୍କୃତିକ ଏକତାର ଏହି ବିଶେଷତ୍ୱ ହିନ୍ଦୁ ଓ ଇସଲାମୀ ରହସ୍ୟବାଦ ଏବଂ ସୁଫିଂ ଓ ଭକ୍ତି ଆନ୍ଦୋଳନକୁ କିପରି ପ୍ରଭାବିତ କରିଛି ତାହା ପ୍ରମାଣିତ କରେ ।

ଚିନ୍ତାଧାରାର ଏହି ସମାନତା ଉପରେ ପ୍ରୟୋଜନଠାରୁ ଅଧିକ ଯୋର ଦିଆଯାଇ ଯେଉଁ ସିଦ୍ଧାନ୍ତ ନିଆଯାଇଛି ତାହା ଅନାବଶ୍ୟକ ମନେ ହୁଏ । ଇସଲାମୀୟ ସୁଫିଂବାଦ ଓ ଭକ୍ତି ଆନ୍ଦୋଳନର ମୂଳଉତ୍ସ ଉଭୟ ଧର୍ମରେ ସନ୍ନିହିତ । ଏପରିକି ନିଜ ନିଜ ଧର୍ମର ରୀତି ଓ ଆଚରଣକୁ ପ୍ରତ୍ୟାଖ୍ୟାନ କରି ମଧ୍ୟ ସୁଫିଂବାଦ ବା ଭକ୍ତିମାର୍ଗ ନିଜ ନିଜର ଆଧ୍ୟାତ୍ମିକ ବିକାଶମାର୍ଗ ପରିତ୍ୟାଗ କରି ନଥିଲେ ବରଂ ସେମାନେ ଯେଉଁ ମାର୍ଗରେ ଯାଉଥିଲେ ତାହାହିଁ ଯେ ଧର୍ମ ସମ୍ମତ ତାହା ଅନ୍ୟମାନେ ପ୍ରଚାର କରୁଥିଲେ । ସେହି ସୁଫିଂବାଦୀ ଓ ଭକ୍ତିମାର୍ଗୀମାନେ ସବୁ ଧର୍ମର ମୂଳ ତତ୍ତ୍ୱ ଯେ ଏକ ଏହା ଉପରେ ଗୁରୁତ୍ୱ ଆରୋପ କରୁଥିଲେ । ସେମାନେ ଧର୍ମ ମାଧ୍ୟମରେ ମାନବବାଦର ପ୍ରଚାର କରୁଥିଲେ । ତେଣୁ ମାନବ

ପ୍ରେମ ଉପରେ ପ୍ରବଚନ ଦେଲାବେଳେ ସେମାନଙ୍କ କାବ୍ୟ ବାସ୍ତବ ଜୀବନଠାରୁ ଦୂରରେ ଥିଲା । ସେମାନଙ୍କ ମତରେ ମନୁଷ୍ୟ ନିଜେହିଁ ନିଜର ମୁକ୍ତି ବା ମୋକ୍ଷ ସାଧନ କରିପାରେ ଏବଂ ସେମାନଙ୍କ ମତରେ ଜଣେ ଅନ୍ୟମାନଙ୍କର ସେବା କରିବାରେହିଁ ଥିଲା ଆରାଧନାର ସର୍ବୋଚ୍ଚ ତଥା ଅନ୍ତିମ ଉଦ୍ଦେଶ୍ୟ । ଏହା ସତ୍ତ୍ୱେ ସେମାନେ ଅନ୍ୟ ଜଗତ ସହିତ ଏପରି ଘନିଷ୍ଠ ଭାବରେ ନିଜକୁ ସଂପୃକ୍ତ କରିଥିଲେ ଓ ହୃଦୟଙ୍ଗମ କରୁଥିଲେ ଯେ ଏହି ଜଗତରେ ମଣିଷମାନଙ୍କର ସଂସାରିକ ଦୁଃଖକଷ୍ଟରୁ ଅଂଶ ଗ୍ରହଣ କରିବା ଦ୍ୱାରାହିଁ ଜଗତରେ ମଣିଷମାନଙ୍କ ମଧ୍ୟରେ ପ୍ରକୃତ ବୁଝାମଣା ଓ ନିର୍ମଳ ପ୍ରେମର ଭିତ୍ତି ସ୍ଥାପନ କରାଯାଇପାରିବ ।

ରହସ୍ୟବାଦ ଦ୍ୱାରା ପ୍ରଭାବିତ ହୋଇନଥିବା ମାନବପ୍ରେମ କେବଳ ଉର୍ଦ୍ଦୁ କବିତାରେ ନୁହେଁ ସମକାଳୀନ ସମସ୍ତ ଭାରତୀୟ ଭାଷାରେ ଲିଖିତ କବିତାରେ ଦୁଷ୍ପ୍ରାପ୍ୟ ଥିଲା । ନଜୀର କେବଳ ଏହାର ବ୍ୟତିକ୍ରମ ଥିଲେ । ସେ ସୁଫି ରହସ୍ୟବାଦର ପ୍ରଶଂସକ ଥିଲେ ମଧ୍ୟ ନିଜେ ସୁଫି ନଥିଲେ । ସାଧାରଣ ଦୋଷ ଦୁର୍ବଳତା ଥିବା ଜଣେ ଲୋକପରି ସେ ବଂଚୁଥିଲେ ଏବଂ ଏହି ଜଗତର ରହସ୍ୟ ତାଙ୍କୁ ପ୍ରଲୁବ୍ଧ କରୁଥିଲା । ସେ ଏହି ଜଗତର ଊର୍ଦ୍ଧ୍ୱରେ ଆଉକିଛି ଥାଇପାରେ ଏବଂ ଏହାର ସମସ୍ୟା କୌଣସି ବିଚକ୍ଷଣ ଦାର୍ଶନିକ ବା ଦ୍ରଷ୍ଟା ଦ୍ୱାରା ସମାଧାନ କରାଯାଇ ପାରେ ଏହା ବିଶ୍ୱାସ ନ କରି ଜୀବନର ସଙ୍ଗୀତ ଗାନ କରିଥିଲେ । ସାଧାରଣ ମଣିଷ ପ୍ରତି ତାଙ୍କର ପ୍ରେମ କୌଣସି ଦର୍ଶନ ଉପରେ ଆଧାରିତ ନ ଥିଲା । ସାଧାରଣ ମଣିଷକୁ ଭଲ ପାଇବାହିଁ ଥିଲା ତାଙ୍କର ଆନନ୍ଦ ଏବଂ ତାକୁହିଁ ଜୀବନ ସମ୍ବନ୍ଧରେ ସରଳ ସତ୍ୟ କହୁଥିଲେ ।

ତେଣୁ ତାଙ୍କ ସମୟର ଆହ୍ୱାନ ପ୍ରତି ନଜୀରଙ୍କ ଉତ୍ତର ସମକାଳୀନ ମହାନ କବି ମୀର, ସୌଦା ଏବଂ ଦର୍ଦ୍ଦଙ୍କଠାରୁ ଭିନ୍ନ ଥିଲା । ସେମାନେ ଯେତେବେଳେ ନୈରାଶ୍ୟ ବ୍ୟଙ୍ଗ ଓ ରହସ୍ୟବାଦର ଆଶ୍ରୟ ନେଇ ଶେଷ ହୋଇ ଆସୁଥିବା ଦରବାରୀ ସଂସ୍କୃତିକୁ ଲକ୍ଷ କରୁଥିଲେ; ସେତେବେଳେ ନଜୀର ସମ୍ଭ୍ରାନ୍ତମାନଙ୍କଠାରୁ ନିଜକୁ ଅଲଗା କରି ସାହସର ସହିତ ଏକ ନୂତନ ଆଶା ଉଦ୍ଦୀପନା ଓ ପ୍ରେରଣା ଖେଳାଇ ଦେଇଥିଲେ ଜନ-ସାଧାରଣଙ୍କ ମଧ୍ୟରେ । ଏହା ତାଙ୍କୁ ଜଣେ କବି ଓ କଳାକାର ଭାବରେ ପ୍ରତିଷ୍ଠିତ କରିଥିଲା ।

ନଜୀର ଏକ ସାମନ୍ତବାଦୀ ବ୍ୟବସ୍ଥାରୁ ଆସିଥିଲେ ମଧ୍ୟ ତାହା ମେହନତି ମଣିଷ-ମାନଙ୍କୁ ସେମାନଙ୍କ ସୁଖରୁ ବଂଚିତ କରିନଥିଲା ବା ସେମାନଙ୍କୁ ମୁଖ୍ୟ ଜୀବନ ସ୍ରୋତରୁ ବିଚ୍ଛିନ୍ନ କରି ଯନ୍ତ୍ରମାନବରେ ବା ଯନ୍ତ୍ରର ଅଂଶବିଶେଷରେ ପରିଣତ କରିନଥିଲା । ଏହି

ସାମନ୍ତବାଦୀ ବ୍ୟବସ୍ଥା ଜାତ, ଜୀବିକା ଓ ରକ୍ତ ସଂବନ୍ଧର ଜଟିଳତା ଉପରେ ନିଜ କ୍ଷମତାର ପିରାମିଡ୍ ନିର୍ମାଣ କରିଥିଲେ ହେଁ, ଶୋଷିତ ଜନସାଧାରଣଙ୍କୁ ସେମାନଙ୍କର କଳା ଓ ସର୍ଜନାତ୍ମକ ଅଭିବ୍ୟକ୍ତିର ଗୌରବରୁ ବଞ୍ଚିତ କରି ନଥିଲା । ସେମାନେ କେତେବେଳେ ସମ୍ରାଧିକାରୀମାନଙ୍କର ସମର୍ଥନ ପାଉଥିଲେ ତ ଆଉ କେତେବେଳେ ସମ୍ରା ସେମାନଙ୍କୁ ସମ୍ମାନ ମଧ୍ୟ କରୁଥିଲା ।

ଗ୍ରାମର କାରିଗର, ହସ୍ତଶିଳ୍ପୀ ଫକୀର ଓ ଭିକାରୀ ଏହି ଶ୍ରେଣୀର ଅନ୍ତର୍ଭୁକ୍ତ ଥିଲେ । ନିଜର କୁଶଳତା ପାଇଁ ସେମାନଙ୍କର ଅଭିମାନ ଥିଲା ଏବଂ ସେମାନଙ୍କର ଜୀବିକା ହିଁ ସେମାନଙ୍କୁ ସମାଜରେ ପରିଚିତ କରାଇବା ଲାଗି ଯଥେଷ୍ଟ ଥିଲା । ନଜୀର ଅକବରାବାଦୀ ସମାଜର ଏହି ନିମ୍ନ ବର୍ଗର ବ୍ୟକ୍ତି ଥିଲେ ଏବଂ ସେମାନଙ୍କୁ କବିତା ଶୁଣାଇ ଆନନ୍ଦ ପ୍ରଦାନ ସଙ୍ଗେ ସଙ୍ଗେ ଉପାର୍ଜନ ଓ ସମ୍ମାନ ମଧ୍ୟ ପାଉଥିଲେ । ପତନଶୀଳ ସେଇ ସାମାଜିକ ବ୍ୟବସ୍ଥାର ଧ୍ୱଂସସ୍ତୁପ ଭିତରେ କିଛି ମିଳିବାର ଆଶା ନଥିଲା, ତଥାପି ନଜୀର ଅତ୍ୟନ୍ତ ନମ୍ରତା ଓ ଆତ୍ମସନ୍ତୋଷର ସହିତ ଜୀବନର ଛୋଟ ଛୋଟ ଆନନ୍ଦ ସବୁକୁ ଗାନ କରିଥିଲେ କବିତାରେ ।

●

ଚତୁର୍ଥ ପରିଚ୍ଛେଦ

କାବ୍ୟ ପ୍ରତିଭା

ନଜାରଙ୍କ ଉପରେ ପୁରାତନ ଓ ସମକାଳୀନ ଆଲୋଚନା ମାନଙ୍କର ପରସ୍ପର ବିରୋଧୀ ବିଚାରର ସମବେତ ବିଶ୍ଳେଷଣରେ ହିଁ ତାଙ୍କ କାବ୍ୟ ପ୍ରତିଭାର ସମୁଚିତ ମୂଲ୍ୟାୟନ କରାଯାଇ ପାରେ । ମୁହମ୍ମଦ ସାଦିକ, 'ଉର୍ଦ୍ଦୁ ସାହିତ୍ୟର ଇତିହାସ' ରେ ଲେଖିଛନ୍ତି—

ପୁରୁଣା ପଦ୍ଧତିର ଆଲୋଚକମାନେ ନଜାରଙ୍କୁ ଉପେକ୍ଷିତ ଦୃଷ୍ଟିରେ ଦେଖୁଥିଲେ । ସେମାନଙ୍କ ମତରେ ନଜାର ଥିଲେ ପରମ୍ପରା ବିରୋଧୀ । କିନ୍ତୁ ନଜାର ପରଂପରା ଧର୍ମୀ କବି ମଧ୍ୟ ନଥିଲେ । ସେ ଭିନ୍ନ ପ୍ରକାର ଲୋକ ଥିଲେ ଏବଂ ପ୍ରଚଳିତ ରୁଚି ଗ୍ରହଣ ନକରିବାରୁ ସେମାନଙ୍କର ଅପ୍ରିୟ ହୋଇଥିଲେ । କବିତା ତାଙ୍କୁ ପୁରୁଣା ପରଂପରାରୁ ମୁକ୍ତ କରିଥିବ । ଅବଶ୍ୟ ପରେ ତାଙ୍କର କାବ୍ୟ ପ୍ରତିଭା ସ୍ୱୀକୃତ ହେଲା । ବାସ୍ତବରେ ଏପରି କ୍ଷେତ୍ରରେ ଯେପରି ହୋଇଥାଏ, ନଜାରଙ୍କୁ ଏତେ ପ୍ରଶଂସା କରାଗଲା ଯେ ତାଙ୍କ କାବ୍ୟ ପ୍ରତିଭାର ମୂଲ୍ୟାୟନ ଆବଶ୍ୟକତା ଠାରୁ ଅଧିକ ହୋଇ ଗଲା ।

ବିଦେଶୀ କବି ବରନ୍ସ (BURNS) ଓ ଭିଲ୍ଲୋନ (VILLON) ଙ୍କ ପରି ନଜାର ଜଣେ ପ୍ରତିଭାବାନ୍ ଯାଯାବର ଥିଲେ । ବସ୍ତୁତଃ ସେ ଅତି ତଳ ଶ୍ରେଣୀର ସାଧାରଣ ଜୀବନର କବି ଥିଲେ । ହୃଦୟପୂର୍ଣ୍ଣ ଥିଲେ ମୁହଁରୁ ଯେଉଁ କଥା ଶୁଣାଯାଏ ସେହିପରି ପରିପୂର୍ଣ୍ଣ ଓ ପ୍ରବଳ ଭାବରେ ଜୀବନକୁ ଭଲ ପାଉଥିବା କବି ନଜାରଙ୍କ ମୁହଁରୁ କବିତା ସ୍ଫୁରିତ ହେଉଥିଲା । ନଜାର ଅନ୍ୟ ଏକ ପ୍ରକାର ଯାଯାବର ଥିଲେ । କାରଣ ସେ ସଦାବେଳେ ନିମ୍ନ ଶ୍ରେଣୀର ଲୋକମାନଙ୍କର ଆଶା ଆକାଂକ୍ଷା ଅଭିବ୍ୟକ୍ତ କରୁଥିଲେ । ସେ କେବେହେଲେ ଅଭିଜାତ ଶ୍ରେଣୀର କବି ନ ଥିଲେ । ସାଧାରଣ ଲୋକମାନଙ୍କ ମଧ୍ୟରେ ସେ ଯାହା ଦେଖୁଥିଲେ ଓ ସେମାନଙ୍କର ଆଗ୍ରହ ନିରୀକ୍ଷଣ କରି ଯାହା ହୃଦୟଙ୍ଗମ କରୁଥିଲେ ସେ ସବୁ ତାଙ୍କ କବିତାରେ ପ୍ରକାଶ ପାଉଥିଲା । ସେ ନିଜେ ନିଜର ଜୀବନକୁ ପ୍ରାଧାନ୍ୟ ନ ଦେଇ ଅନ୍ୟମାନଙ୍କ ସଂପର୍କରେ ବେଶୀ ଆଗ୍ରହ ପ୍ରକାଶ କରୁଥିଲେ । ଏହା ତାଙ୍କ ଜୀବନକୁ ପ୍ରଭାବିତ କରିଥିଲା । ଆଗ୍ରା ସହରରେ ଇନ୍ଦ୍ରିୟସୁଖ ପାଇଁ ଥିବା ସୁବିଧା, ମୋହଗ୍ରସ୍ତ କରି ପାରିବା ଭଳି ସୌନ୍ଦର୍ଯ୍ୟ, ଏହାର ପ୍ରେମ ଓ ରୋମାଞ୍ଚ ଏବଂ ସର୍ବୋପରି ହିଡ଼ହିଡ଼, ତୁଚ୍ଛ ଓ ଅଶ୍ଳୀଳ ମନେ କରି ଯାଉଥିବା ଜୀବନଧାରା ତାଙ୍କ

କବିତାରେ ଅବିକଳ ପ୍ରତିବିମ୍ବିତ ହୋଇଛି । ନଜରୁଲ ଯାହା ଦେଖୁଥିଲେ, ତାହାହିଁ ଲେଖୁଥିଲେ, ଛଳନା କରି କିଛି ଲୁଚାଇ ରଖିବାପାଇଁ ଚେଷ୍ଟା କରୁ ନଥିଲେ । ସେ ଅଶ୍ଳୀଳ ଅଶୋଭନୀୟ ପରିବେଶରେ ପରିପୂର୍ଣ୍ଣ ଜୀବନର ଯେଉଁ ସ୍ୱାଦ ଅନୁଭବ କରୁଥିଲେ, ତାହା ଦ୍ୱିଧା ନକରି ପ୍ରକାଶ କରୁଥିଲେ ନିଜ ରଚନାରେ ।

ନଜରୁଲ ଇନ୍ଦ୍ରିୟାନୁଭୂତିର କବି ଥିଲେ । ସେ ସମୟର ଘଟଣାବଳି, ଦୃଶ୍ୟ, ମେଳାମହୋତ୍ସବ ଓ ମାନବୀୟ ହର୍ଷବିଷାଦ ତାଙ୍କ କବିତାରେ ଅବିକଳ ପ୍ରତିବିମ୍ବିତ ହୋଇଥିଲା । ଜନସାଧାରଣଙ୍କ ମେଳରେ ସେ ସହଜରେ ମିଶିଯାଇ ପାରୁଥିଲେ ଏବଂ ତାଙ୍କ ଘର ପାଖରେ ଯିବା ଆସିବା, ରଙ୍ଗ ଓ ଦୃଶ୍ୟ, ଶବ୍ଦ ଓ ହସଖୁସି ତାଙ୍କୁ ମୁଗ୍ଧ କରୁଥିଲା । ହୋଲି, ଦୀପାବଳୀ, କୃଷ୍ଣଙ୍କ ରାସ, ବଳଦେବଙ୍କ ମେଳା, ଶବେ ବରାତ, ଇଦ ପ୍ରଭୃତିର ସ୍ଥାନୀୟ ଜୀବନ ଚିତ୍ର ତାଙ୍କ କବିତାରେ ଜୀବନ୍ତ ଭାବରେ ଫୁଟି ଉଠିଛି । ଯେ କୌଣସି ବିଷୟ ହେଉନା କାହିଁକି ଏହାର ବର୍ଣ୍ଣନାରେ ଏକ ପାରିବାରିକ ଆତ୍ମୀୟତା ଉଦ୍ଭାସିତ ହୋଇଛି । ନଜରୁଲଙ୍କ କାବ୍ୟ ଜଗତର ଏକ ବିଶେଷତ୍ୱ ଏହି ଯେ ବୌଦ୍ଧିକତା ବା ନୈତିକତା ଦ୍ୱାରା ବନ୍ଦୀ ନ ହୋଇ ସେ ଇନ୍ଦ୍ରିୟାନୁଭୂତିର ମୁକ୍ତ ବର୍ଣ୍ଣନା କରିଛନ୍ତି । ଏହା ତାଙ୍କ ଗୀତି କବିତା ଗୁଡ଼ିକୁ ଅଧିକ ଶକ୍ତିଶାଳୀ ଓ ଆକର୍ଷକ ତଥା ସୁନ୍ଦର କରିପାରିଛି । ତାଙ୍କ ଅନୁଭୂତିର ଦିଗ୍‌ବଳୟ ସୀମିତ, କିନ୍ତୁ ସେ ଯାହା ଅନୁଭବ କରିଛନ୍ତି ତାହା ବାରବାର ଉଲ୍ଲେଖ କରିଛନ୍ତି ।

ନଜରୁଲ ପ୍ରକୃତି ସହିତ ଏକାତ୍ମ ହୋଇ ଯାଇଛନ୍ତି । ମେଘ ବର୍ଷା, ନଦୀ ଉଦ୍ୟାନ, ନକ୍ଷତ୍ରପୂର୍ଣ୍ଣ ଆକାଶ ତାଙ୍କୁ ଆନନ୍ଦ ଦିଏ । ପ୍ରକୃତି ସହିତ ତାଙ୍କର ସମ୍ପର୍କ ପ୍ରତ୍ୟକ୍ଷ । ତେଣୁ ତାଙ୍କ ବର୍ଣ୍ଣନା ଏକ ପ୍ରତ୍ୟକ୍ଷଦର୍ଶୀର । କିନ୍ତୁ ପ୍ରକୃତି ତାଙ୍କ ପାଇଁ ସବୁବେଳେ ଆଦିମ ନୁହେଁ, ଯେଉଁ ମାନବୀୟ ସମ୍ପର୍କ ସହିତ ତାଙ୍କର ସମ୍ବନ୍ଧ ଥିଲା ଅତି ନିବିଡ଼ ତାହା ପ୍ରକାଶ କରିବା ସକାଶେ ପ୍ରକୃତି ଥିଲା ଏକ ମାଧ୍ୟମ । ଅନେକ ସମୟରେ ସେ ମାନବ ସମାଜର, ଜୀବନ ଓ ପ୍ରକୃତିର ଜୟଗାନ କରିଛନ୍ତି । ଯଥା –(ଅନୁବାଦ)

ଆନନ୍ଦର ଅମୃତ ପାନ କର,
କଳା କଳା ବହଳ ମେଘ
ଝୁଲୁଛନ୍ତି ଦିଗ୍‌ବଳୟରେ
ଲୋକମାନଙ୍କ ମୁହଁରେ ପ୍ରସନ୍ନତାର ଝଲକ ।
ସେମାନଙ୍କର ଲାଲ ପଗଡ଼ି ସୁନ୍ଦର ଦିଶୁଛି;
ସେମାନଙ୍କ ମୁହଁ ଉପରୁ ଛିଟିକି ପଡ଼ୁଥିବା ବର୍ଷାର ଧାର,
ଲାଗୁଛି ଯେପରି ଶିଶିର ଝରୁଛି ଫୁଲ ଉପରେ;

ଶ୍ରାବଣ ମାସର କଳାରାତ୍ରି,
ଝଲକି ଉଠୁଚି ବିଜୁଳିର ଚମକରେ ।
ନକ୍ଷତ୍ର ପୂର୍ଣ୍ଣ ଆକାଶ ପରି ଉଜ୍ଜ୍ୱଳତା ସଞ୍ଚରି ଯାଉଛି ।
ସୁନ୍ଦରୀ ତରୁଣୀମାନେ ପ୍ରେମିକମାନଙ୍କ ଆଲିଙ୍ଗନରେ ଆବଦ୍ଧ
ରୁହି ଖସି ପଡ଼ୁଚି କେଉଁଠି,
ଏବଂ ଆଉ କିଏ ସାହାଯ୍ୟ ମାଗୁଚି ।

ନିମ୍ନରେ ଉଦ୍ଧାର କରାଯାଇଥିବା କବିତା, ପ୍ରକୃତି ସହିତ ତାଙ୍କ ଏକାତ୍ମତାର ନିଦର୍ଶନ ଦିଏ :—

ବେଳେ ସ୍ୱପ୍ନାବିଷ୍ଟ ହୋଇ
ଝରିପଡ଼େ କୁଣ୍ଡା ପରି ବର୍ଷା,
ବର୍ଷାଧୂଆ ମୁହଁ ସବୁ କେଡ଼େ ସୁନ୍ଦର ଦିଶୁଚି ଦେଖ,
ଗଛଲରୁ ଟପ ଟପ ହୋଇ ପାଣି ପଡ଼ୁଚି,
ପାହାଡ଼ର ମଧ୍ୟ ଭାଗ ପର୍ଯ୍ୟନ୍ତ ସବୁଜିମାର ଜୁଆର;
ଆକାଶରୁ ବର୍ଷାଝର ବହିଯାଉଚି ଝରଣା ହୋଇ,
ପଶୁପକ୍ଷୀ ଏକତ୍ର ଗାଧୋଉଛନ୍ତି,
ବେଙ୍ଗର କର୍କଶ ରଡ଼ି ଶୁଣାଯାଉଚି,
ଝିଁ ଝିଁ କରି ଗୀତ ଗାଉଚି ଝିଙ୍କାରି,
ଆକାଶରେ ଧାଡ଼ିବାନ୍ଧି ଉଡ଼ୁଚନ୍ତି ହଜାର ହଜାର ବଗ,
କୋଇଲି ଓ ଚଢ଼େଇମାନଙ୍କର ତୀକ୍ଷ୍ଣ ଡ଼ାକ ଭାସିଆସୁଚି
ଏବଂ ଉନ୍ମତ୍ତ ମୟୂର ନାଚୁଚି ଆନନ୍ଦରେ ।

ମୁଖ୍ୟତଃ ପ୍ରକୃତି ଉପରେ ଆଧାରିତ ଏହି କବିତା ଜଣେ ସହରବାସୀଙ୍କର । ତେଣୁ ଆଦମ ପ୍ରକୃତିର ପ୍ରତିକୂଳ ଅବସ୍ଥା ପ୍ରତି ସେ ସହାନୁଭୂତିଶୀଳ ନୁହନ୍ତି ।

ତାଙ୍କର ତରୁଣ ବୟସରେ ରଚିତ କବିତାଗୁଡ଼ିକ କବିତା ଦୃଷ୍ଟିରୁ ମହତ୍ତ୍ୱପୂର୍ଣ୍ଣ । ତାରୁଣ୍ୟର ଆବେଗ ଦହିଗିବା ପରେ ଏବଂ ଯୌବନ ଅତିକ୍ରାନ୍ତ ହେବା ପରେ ସେ କେବଳ ସଂସାର ପ୍ରତି ବୀତରାଗ ବା ବିରକ୍ତ ନଥିଲେ, ସାଂସାରିକ ସନ୍ତୋଷର ନଶ୍ୱରତା ଓ କ୍ଷଣଭଙ୍ଗୁରତା ତାଙ୍କୁ ବୀତସ୍ପୃହ କରିଦେଇଥିଲା । ନିଷ୍ଠାର ଅଭାବ ନ ଥିଲେ ମଧ୍ୟ ଏହି ସମୟରେ ରଚିତ କବିତା ଗୁଡ଼ିକରେ ପୂର୍ବର ଇନ୍ଦ୍ରିୟାନୁଭୂତି ଓ ଆବେଗର ଗଭୀରତା

ନଥିଲା । ଦୃଷ୍ଟିକୋଣରେ ଏହି ପରିବର୍ତ୍ତନ ସତ୍ତ୍ୱେ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେ ଭାବୁଥିଲେ ଯେ ବଞ୍ଚିବାରେ ଓ ସୌନ୍ଦର୍ଯ୍ୟ ଉପଭୋଗ କରିବାରେହିଁ ଜୀବନର ସାର୍ଥକତା ସନ୍ନିହିତ । ତାଙ୍କ ଦୃଷ୍ଟିରେ ତାରୁଣ୍ୟହିଁ ଜୀବନର ଉତ୍ତମ ସମୟ ଏବଂ ବାର୍ଦ୍ଧକ୍ୟ କେବଳ ଏହାର ଶ୍ରାଦ୍ଧମାତ୍ର ।

ନଜୀରଙ୍କର ତୀବ୍ର ବେଦନାବୋଧ ଓ ପ୍ରଖର ସ୍ମୃତିଶକ୍ତି ତାଙ୍କର ଅସଫଳତା ଓ ପରାଜୟ ପାଇଁ କେତେକାଂଶରେ ଦାୟୀ । ସେ ଗୋଟିଏ ଦର୍ଶୀଦନର ବର୍ଣ୍ଣନା କଲାବେଳେ ସବୁପ୍ରକାର ଜୀବନ ଓ ଅବସ୍ଥା ସମ୍ପର୍କରେ ଅଲଗା ଅଲଗା ବର୍ଣ୍ଣନା କରିବା ଦ୍ୱାରା ବିଷୟ ବସ୍ତୁ ଓ ଅନୁଭୂତିର ତୀବ୍ରତା କ୍ଷୀଣ ହୋଇଯାଇଛି ।

'ମୁଫଲିସି କା ଫଲସଫା' (ଗରିବର ଜୀବନ ଦର୍ଶନ) କବିତାରେ ସେ ସମକାଳୀନ ନିମ୍ନବର୍ଗର ଲୋକମାନଙ୍କ ବିଚିତ୍ର ଜୀବନ ସମ୍ପର୍କରେ ଉଲ୍ଲେଖ କରିଛନ୍ତି । 'କବୁତରବାଜି' କବିତାରେ ସେ ଏତେ ପ୍ରକାର ବୈଷୟିକ ଶବ୍ଦ ବ୍ୟବହାର କରିଛନ୍ତି ଯେ ବର୍ତ୍ତମାନ ପାଠକମାନଙ୍କ ସମ୍ପର୍କରେ ଯେଉଁମାନେ ଅନୁରାଗୀ ଓ ବିଶେଷଜ୍ଞ ଭାବରେ ପରିଚିତ ସେମାନଙ୍କର ମଧ୍ୟ ତାହା ବୋଧଗମ୍ୟ ହୁଏନାହିଁ । ଏପରି କବିତା ଗୁଡ଼ିକ ଅସଫଳ ହୋଇଛି କହିଲେ ଚଳେ ।

କିନ୍ତୁ ନଜୀରଙ୍କର କବିତା ରଚନା କରିବାର ଶୈଳୀ ତାଙ୍କର ପ୍ରଧାନ ସମ୍ପଦ । କବିତାର ରଚନା ଶୈଳୀରେ ସେ ତାଙ୍କର ପୂର୍ବଜ ଓ ସମକାଳୀନ କବିମାନଙ୍କଠାରୁ ଉତ୍କର୍ଷତାରେ ଆହୁରି ଆଗେଇ ଯାଇଛନ୍ତି । 'ମୁସଦ୍ଦସ' (ଛଅ ପଂକ୍ତିର ପଦବିଶିଷ୍ଟ କବିତା) ଲେଖିବାରେ ସେ ଅନ୍ୟମାନଙ୍କ ସମକକ୍ଷ । ବ୍ରଜଭାଷା ଓ ଉର୍ଦ୍ଦୁର ବ୍ୟବହାରରେ ମଧ୍ୟ ସେ ସମାନ ଭାବରେ ଦକ୍ଷତା ପ୍ରଦର୍ଶନ କରିଛନ୍ତି । ବ୍ରଜଭାଷାରେ ରଚିତ ତାଙ୍କର ଅନେକ କବିତା ଏହାର ପ୍ରମାଣ । ଭାଷାର ପ୍ରୟୋଗ କେବଳ ତାଙ୍କ ସାହାସର ପରିଚୟ ଦିଏ ନାହିଁ, ଏହା ତାଙ୍କର ମୌଳିକତାର ମଧ୍ୟ ପ୍ରମାଣ ଦିଏ । ଆବଶ୍ୟକତା ଅନୁସାରେ ଶବ୍ଦ ପ୍ରୟୋଗର ସ୍ୱାଧୀନତା ସେ କେବେହେଲେ ତ୍ୟାଗ କରିନାହାନ୍ତି ।

ବାଦ୍ୟଯନ୍ତ୍ର ଓ ସାମୂହିକ ଗାନରୁ ନିଃସୃତ ଅବିରଳ ନାଦଧ୍ୱନି ଅନୁଭବ କରି ତାହା ପ୍ରତିଧ୍ୱନିତ କରିବାରେ ନଜୀର ସିଦ୍ଧହସ୍ତ ଥିଲେ । ଭାଷା ହୃଦୟର ଆବେଗ ଓ ଅନୁଭବକୁ ଅନୁଗମନ କରେ । ହୋଲିର ସାମୂହିକ ଗୀତ ଓ ନୃତ୍ୟର କଙ୍କଣଧ୍ୱନି, ଝାଞ୍ଜର ଉଦ୍‌ବେଳିତ ସଙ୍ଗୀତ, ମାହୋଲ ଓ ଏହାର ବିଶେଷ ଝଙ୍କାର; ଢୋଲକ, ତବଲା ଏବଂ ମୃଦଙ୍ଗ ବାଦନର ବିଶେଷ ଧ୍ୱନି, ଧୁନ ଚିହ୍ନିବାରେ ଅସାଧାରଣ ଦକ୍ଷତା

କେବଳ ନିଜାଚଙ୍କର ଥିଲା । ସେ କେବଳ ଏ ସବୁର ବର୍ଣ୍ଣନା କରି ନାହାନ୍ତି, କିନ୍ତୁ ପରିବେଶର ସଜୀବ ଚିତ୍ରଣ ଦ୍ୱାରା ନାଦଧ୍ୱନି ଆହୁରି ସଫଳ ଓ ଜୀବନ୍ତ ହୋଇଛି । ହୋଲି ସମୟରେ ଉଦ୍ଦାମ ଆନନ୍ଦ ଉଲ୍ଲାସରୁ ଯେଉଁ ଧ୍ୱନି ଓ ରୂପକଳ୍ପର ସଞ୍ଚାର ହୁଏ ତାହା କବିତାରେ କିପରି ପ୍ରାଣବନ୍ତ ଭାବରେ ପ୍ରକଟିତ ହୋଇଛି ତାହା ଏହି ଉଦ୍ଧୃତିରୁ ସ୍ପଷ୍ଟ ହୁଏ :—

ଯେବେ ରଂଗୀନ ହୋଲି
ମିଠା ଓ ଉଚ୍ଛ୍ୱାସ ସହିତ ଭାସି ଭାସି ଆସେ
ଯେତେବେ ମୁହଁ ଉପର ଓଢ଼ଣା ଫିଙ୍ଗି ଦେଇ ଚାହେଁ
ତାର ଅନିନ୍ଦ୍ୟ ମୁଖର ଶୋଭା ଝଟକି ଉଠେ
ଉଜ୍ଜ୍ୱଳ ଉଠେ ଅଳଙ୍କାର
ତାପରେ ସେ ପାଦ ପକାଏ
ପଇଁଜମର ରୁଣୁଝୁଣୁ ସହିତ ଝରିପଡ଼େ
ମିଠା ମିଠା ଗୀତ
ତାର ଆଖିରୁ
ଖସିପଡ଼େ ପ୍ରୀତି ନିବେଦନର ଦୃଷ୍ଟି
ଏବଂ ଛାତିରେ ସ୍ପନ୍ଦିତ ହୁଏ
ଆବେଗଭରା ଦୀର୍ଘଶ୍ୱାସ ।
ଏଇ ସୌନ୍ଦର୍ଯ୍ୟ ଦେଖାଇବା ପରେ
ଯେବେ ହୋଲିର ଆଖି ନାଚି ଉଠେ ଆନନ୍ଦରେ
ଆସେ ଥାଳି ଭର୍ତ୍ତି ଅବିର
ବଡ଼ ମାଟି ହାଣ୍ଡିରେ ଭର୍ତ୍ତି ରଙ୍ଗ ପାଣି ।
ମୁଖା ପିନ୍ଧି ଢଙ୍ଗ ଖେଳରେ ମାତିଯାଆନ୍ତି ଅନେକ ।
ଆନନ୍ଦ ଉଲ୍ଲାସରେ ମତ୍ତ ଦଳ ଦଳ ରଙ୍ଗ ଖେଳାଳି
ନାଚନ୍ତି ଗାଆନ୍ତି ।
ଚାରିଦିଗରେ ଖେଳିଯାଏ ଆନନ୍ଦ
ଏବଂ ସବୁଦିଗରୁ ଭାସିଆସେ ନୃତ୍ୟର ପଦଧ୍ୱନି
ଢୋଲ ଏବଂ ଖଞ୍ଜଣୀର ଧ୍ୱନି ସହିତ
ଭାସିଆସେ ଝାଞ୍ଜର ଶବ୍ଦ ।
କେତେବେଳେ ପ୍ରତିଧ୍ୱନିର ଶବ୍ଦରେ ତ
ଆଉ କେତେବେଳେ ପରିଷ୍କାର ଠୁଣ୍ଠାଣ ଶବ୍ଦରେ ।

ଏପରି ବାରମ୍ବାର ପୁନରାବୃତ୍ତି ସତ୍ତ୍ୱେ ଶବ୍ଦ ପ୍ରୟୋଗର ଏହି ମନୋରମ ସତେଜତା ନଷ୍ଟ ହୋଇ ନାହିଁ । ବିଷୟର ପୁନରାବୃତ୍ତି କରି ମଧ୍ୟ ନଜ୍ରୁଲ (୨) ନିଜର ଅନୁଭବ ଓ ଆବେଗର ସୀମା ମଧ୍ୟରେ ସର୍ବଦା ନିୟନ୍ତ୍ରିତ ଥିଲେ । ତାଙ୍କର କୌଣସି ଉପଦେଶ ବା ବାଣୀ ନ ଥିଲା । ସେ ଯାହା କହିଚନ୍ତି ତାହାହିଁ ତାଙ୍କର ବକ୍ତବ୍ୟ, ତାଠାରୁ ଅଧିକ ନୁହେଁ କି ଅଳ୍ପ ନୁହେଁ । ତାଙ୍କ କବିତାରେ ଅଛି ଅମୋଘ ଆକର୍ଷଣ । ନିର୍ଝରିଣୀ ପରି ତାଙ୍କ କଲମରୁ କେବଳ ଝରିଚି କବିତା । ସେ କେବଳ ଲେଖି ଯାଇଛନ୍ତି । ସେଥିପାଇଁ ତାଙ୍କ ରଚନାରେ ଠାଏ ଠାଏ ଅସାମଞ୍ଜସ୍ୟ ପରିଲକ୍ଷିତ ହୁଏ । କେତେକ ସ୍ଥାନ ଛଡ଼ା ସେ ସବୁ ରଚନାରେ ସମାନ ବୈଶିଷ୍ଟ୍ୟ ପ୍ରଦର୍ଶନ କରି ପାରି ନାହାନ୍ତି । ତେଣୁ ତାଙ୍କ କବିତାର କଳାତ୍ମକ ଉତ୍କର୍ଷତା ଓ ସତେଜତାରେ ଠାଏ ଠାଏ ପାଠକ ମୁଗ୍ଧ ହୁଏଚି ଅନ୍ୟଠାରେ ଏହାର ବର୍ଣ୍ଣନାତ୍ମକ ଛନ୍ଦ ତାକୁ ହତାଶ କରେ । ଯାହା ଥରେ ସେ ଲେଖି ଦେଉଥିଲେ ଆଉ ତାହା ସଂଶୋଧନ କରୁ ନଥିଲେ । ଏହାହିଁ ଦୁଃଖର ବିଷୟ । ସେ ତାଙ୍କ ସମୟର ଅପ୍ରତିମ କବି ଥିଲେ । ସମକାଳୀନ ସାହିତ୍ୟର ଆଦର୍ଶ ଠାରୁ ବିଚ୍ଛିନ୍ନତା ହିଁ ତାଙ୍କ କବିତାର ବିଶେଷତ୍ୱ । ଜୀବନ ଯନ୍ତ୍ରଣାରୁ ତାଙ୍କ କବିତାର ସୃଷ୍ଟି ଏବଂ ନିଜସ୍ୱ ଗରିମାରେ ପୂର୍ଣ୍ଣ । ନଜ୍ରୁଲଙ୍କ କବିତା ଏକ ମୁକ୍ତ, ପ୍ରଫୁଲ୍ଲ ଓ ଉତ୍ସାହୀ ଆତ୍ମାର ଉଚ୍ଛ୍ୱଳ ଅଭିବ୍ୟକ୍ତି । ତାଙ୍କ କବିତାରେ ଅଛି ସ୍ପଷ୍ଟତା, ମୁକ୍ତତା ଓ ପାରଦର୍ଶିତା । ଏହା ସତ୍ୟ ଯେ ନଜ୍ରୁଲଙ୍କ କବିତାରେ ଗମ୍ଭୀରତା ନାହିଁ କି ସେ ଉଚ୍ଚତର ଭାବନାକୁ ସ୍ପର୍ଶ କରି ନାହାନ୍ତି; କିନ୍ତୁ ତାଙ୍କ କବିତା, ଅନୁଭବର ତୀବ୍ରତାରେ ଦୀପ୍ତିମନ୍ତ । ଜୀବନ ପ୍ରତି ତାଙ୍କର ପ୍ରତିକ୍ରିୟା ଓ ଦୃଷ୍ଟିକୋଣ ଜଣେ ସାଧାରଣ ବ୍ୟକ୍ତିର । ସେ ଥିଲେ ନିଜର ପରିବେଶ ପ୍ରତି ଉନ୍ମୁଖ ଏବଂ ପ୍ରଚଳିତ ସାହିତ୍ୟାଦର୍ଶଠାରୁ ମୁକ୍ତ । ସାଧାରଣ ମଣିଷର ଅନୁଭବର ଉତ୍କର୍ଷତା ପ୍ରକାଶିତ ହୋଇଚି ତାଙ୍କ ରଚନାରେ । କୌଣସି ରହସ୍ୟମୟ ପରିବର୍ତ୍ତନ ଯୋଗୁ ଯଦି ବିସ୍ତାର ମଣିଷ କବି ହୋଇଯାଏ, ସେ ଲେଖିବ ନଜ୍ରୁଲଙ୍କ ପରି ।

ନଜ୍ରୁଲଙ୍କ ଉପରେ ଦ୍ୱିତୀୟ ମହତ୍ତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି ଡକ୍ଟର ରାମବାବୁ ସାକ୍ସେନା । ତାଙ୍କର 'ଉର୍ଦ୍ଦୁ ସାହିତ୍ୟର ଇତିହାସ' (୩) ଉର୍ଦ୍ଦୁ ସାହିତ୍ୟର ଜିଜ୍ଞାସୁ ପାଠକମାନଙ୍କ ପାଇଁ ଅନେକ ବର୍ଷ ପର୍ଯ୍ୟନ୍ତ ଏକ ମହତ୍ତ୍ୱପୂର୍ଣ୍ଣ ଗ୍ରନ୍ଥ ଥିଲା । ଡକ୍ଟର ସାକ୍ସେନାଙ୍କ କଥାରେ:—

ତାଙ୍କ ପାଇଁ ସଂସାର ବ୍ୟର୍ଥତାପୂର୍ଣ୍ଣ ଓ ବ୍ୟବସାୟିକ ଥିଲା । ସେ କବିତାରେ ଉଦାର ମାନବିକତାର ପ୍ରାଧାନ୍ୟ ଦେଖାଇଚନ୍ତି । ସମସ୍ତଙ୍କୁ ପରାସ୍ତ କରି ପାରୁଥିବା 'ମୃତ୍ୟୁ' ର ଛନ୍ଦ ଓ 'ବଞ୍ଜାରନାମା' (ଯାଯାବରର ଗୀତ) ରେ ସଂସାରିକ ବୈଭବ ପ୍ରତି ମୋହ ତ୍ୟାଗ କରି ଦାନ ଓ ତ୍ୟାଗ ଦ୍ୱାରା ମହନୀୟ ଜୀବନ ଯାପନ ଉପରେ ସେ ଗୁରୁତ୍ୱ ଦେଇଚନ୍ତି । ସେ ଉଦାରତା ଓ ଆତ୍ମ ତ୍ୟାଗର ପ୍ରତୀକ ଥିଲେ ।

ଜୀବନର ଆନନ୍ଦ ସବୁବେଳେ ନଜୀରଙ୍କୁ ଅଭିଭୂତ କରୁଥିଲା । ଜୀବନର ପ୍ରତ୍ୟେକ କାର୍ଯ୍ୟରେ ସେ ଅଂଶ ଗ୍ରହଣ କରୁଥିଲେ । ଜୀବନ ପ୍ରତି ଏହି ଆକର୍ଷଣ ବେଳେ ବେଳେ ତାଙ୍କୁ ଏପରି ଲୋକଙ୍କ ପ୍ରତି ସହାନୁଭୂତିଶୀଳ କରୁଥିଲା, ଯାହା ତାଙ୍କୁ ନଗ୍ନତା ଆଡ଼କୁ ନେଇ ଯାଇଚି । ଏହାସତ୍ତ୍ୱେ ଜୀବନର ବର୍ଣ୍ଣାଢ଼୍ୟ ଅନୁଭୂତିକୁ ସେ କବିତାର ଛନ୍ଦରେ ପରିଣତ କରିଛନ୍ତି ।''

ଉପେକ୍ଷିତ ଓ ସାଧାରଣଙ୍କୁ ଅକଳ୍ପିତ ଓ ଅଦ୍ଭୁତ ସୌନ୍ଦର୍ଯ୍ୟ ପ୍ରଦାନ କରିବାରେ ଜଣେ ସିଦ୍ଧହସ୍ତ କ ହେଉଚନ୍ତି ନଜୀର । ତାଙ୍କର ଶବ୍ଦ ସମ୍ଭାରକୁ ତିନି ଭାଗରେ ବିଭକ୍ତ କରାଯାଇ ପାରେ । କେତେକ ଶବ୍ଦ ଅଶ୍ଳୀଳ, ଆଉ କେତେକ ଦରକାରି ଅଥଚ ସୌନ୍ଦର୍ଯ୍ୟ-ହୀନ ଏବଂ ଆଉ କେତେ ମଣିମୁକ୍ତା ପରି ଉଜ୍ଜ୍ୱଳ ଓ ଅମୂଲ୍ୟ । ସେ ଦାର୍ଶନିକ ନଥିଲେ । ପର୍ବ ପର୍ବାଣୀର ଆନନ୍ଦ ଉଲ୍ଲାସରେ ମଗ୍ନ ସାଧାରଣ ଲୋକଙ୍କର ଦୋଷ ଦୁର୍ବଳତା ପ୍ରତି ତାଙ୍କର ଦୃଷ୍ଟି ନଥିଲା ବା ସେଥିପାଇଁ ସେମାନଙ୍କର ଛୋଟ ଛୋଟ ସ୍ୱାର୍ଥ, ଅପରାଧ ଓ ନିର୍ବୋଧତାକୁ ସେ ନିନ୍ଦା କରି ନାହାନ୍ତି । ବରଂ ସେସବୁର ଅବିକଳ ପ୍ରତିଛବି ଚିତ୍ରଣ କରିବା ଦ୍ୱାରା ସେଗୁଡ଼ିକୁ ସେ ଆହୁରି ବାସ୍ତବ ଓ ପ୍ରାଣବନ୍ତ କରିଚନ୍ତି । ତାଙ୍କର ରୁଚି ପର୍ବ ପର୍ବାଣୀର ଆନନ୍ଦଉଲ୍ଲାସକୁ ପାଣ୍ଡିତ୍ୟ ବା ପୁସ୍ତକ ବିଦ୍ୟାଦ୍ୱାରା ପରୀକ୍ଷା କରିବାରେ ସୀମାବଦ୍ଧ ରହିନାହିଁ । ବିଷୟବସ୍ତୁର ବର୍ଣ୍ଣନା ଓ ଭାଷାର ବ୍ୟବହାରରେ ସେ କୃତ୍ରିମତା ଓ ପାରମ୍ପରିକତାକୁ ବର୍ଜନ କରିଥିଲେ । ଜନଗଣଙ୍କର ଆନନ୍ଦ ଉଲ୍ଲାସ ଓ ହସଖୁସିରେ ସେ ନିଜକୁ ମିଶାଇ ଦେଉଥିଲେ । ନଜୀର ନିଜର ମୌଳିକ ସ୍ୱାତନ୍ତ୍ର୍ୟ ବରାବର ବଜାୟ ରଖିଥିଲେ । ତାଙ୍କ ବ୍ୟକ୍ତିତ୍ୱ ଓ ଜୀବନଧାରାର ଏହି ବିଶେଷତ୍ୱ ତାଙ୍କର ଚରିତ୍ରଗତ ମଳିନତା ଓ କାଳର ସୀମା ଅତିକ୍ରମ କରି ସଦାବେଳେ ଝଟକୁଥିଲା । ସେ ଦୁଃଖ ଓ ଦାରିଦ୍ର୍ୟ ନୀରବରେ ଓ ଖୁସି ମନରେ ସହ୍ୟ କରି ନେଇଥିଲେ ଏବଂ ସେସବୁର କଷାଘାତ, ଦୁର୍ଭାଗ୍ୟ ଓ ଜୀବନଯନ୍ତ୍ରଣା ତାଙ୍କୁ ଦମନ କରି ପାରି ନଥିଲା । ତାଙ୍କ ବ୍ୟଙ୍ଗରେ ବିଦ୍ରୂପ ନଥିଲା, ଏହା ଥିଲା ଭଦ୍ର ଓ ସମ୍ଭ୍ରାନ୍ତ । ନଜୀରଙ୍କ ବ୍ୟଙ୍ଗରେ ଥିଲା ଜଣେ ଭଦ୍ର ଓ ସମ୍ଭ୍ରାନ୍ତ ଲୋକର ବ୍ୟଙ୍ଗ । ଯଦିବା ବେଳେ ବେଳେ ଅବଜ୍ଞା ପରି ମନେ ହେଉଥିଲେ ହେଁ ତାହା ଥିଲା ସ୍ୱତନ୍ତ୍ର, ଆତ୍ମସମ୍ମାନରେ ପୂର୍ଣ୍ଣ ଓ ସେଥିରେ ହୀନମନ୍ୟତା ନଥିଲା ।

ନଜୀର ଜଣେ କଳାକାର ଓ ମହାନ ଶବ୍ଦ ଶିଳ୍ପୀ । ଟେନିସନଙ୍କ ପରି ସେ ଲୋକ ପ୍ରଚଳିତ ଶବ୍ଦ ସବୁ ବ୍ୟବହାର କରିଚନ୍ତି । କଠୋର ଶବ୍ଦ ବ୍ୟବହାର ଦ୍ୱାରା ସେ ଯୁଦ୍ଧ ଓ କୁସ୍ତିର ବର୍ଣ୍ଣନା କରିଚନ୍ତି । କିନ୍ତୁ ମେଳା ମହୋତ୍ସବ ଓ ପର୍ବପର୍ବାଣୀର ବର୍ଣ୍ଣନାରେ ସେ ଅନୁକୂଳ ମଧୁର ଶବ୍ଦ ସଂଯୋଜନ କରିଚନ୍ତି ।

ମାନବ ଜୀବନ ସମ୍ପର୍କରେ ତାଙ୍କ ସମୟର ଅଧିକାଂଶ ବିଦ୍ୱାନଙ୍କ ଠାରୁ ତାଙ୍କର ଅଧିକା ଜ୍ଞାନ ଥିଲା । ସେ ହିନ୍ଦୁ ଓ ମୁସଲମାନ, ଶିଶୁ ଓ ବୃଦ୍ଧ, ଧନୀ ଓ ଦରିଦ୍ର, ସହରୀ ଓ ଗାଉଁଲୀ, ଫକୀର ଓ ସଂସାରୀ, ଲମ୍ପଟ ଓ ସନ୍ୟାସୀ ସମସ୍ତଙ୍କ ସହିତ ଘନିଷ୍ଠ ଭାବରେ ମିଶି ପାରୁଥିଲେ । ଡେସଡେମୋନାର, ପୋର୍ସିଆ ଓ ଫେଲଆଙ୍କ ପରି କୁମାରୀତ୍ୱ ବା ନାରୀତ୍ୱର ପବିତ୍ର ଛବି ସେ ନିଜ କାବ୍ୟରେ ଚିତ୍ରଣ କରି ନଥିଲେ ମଧ୍ୟ ନାରୀମାନଙ୍କ ସମ୍ବନ୍ଧରେ ତାଙ୍କର ଜ୍ଞାନଥିଲା ପ୍ରଶଂଶନୀୟ । ଏହି ସୀମାବଦ୍ଧତା ଥିଲା ସେତେବେଳର ସମାଜର ସୀମାବଦ୍ଧତା । ସେତେବେଳେ ସମାଜ ନାରୀ ସ୍ୱାଧୀନତାରେ ବିଶ୍ୱାସ କରୁନଥିଲା ଏବଂ ସେଥିପାଇଁ ସେମାନେ ପ୍ରକାଶ୍ୟରେ ସବୁ କାର୍ଯ୍ୟ କରି ପାରୁ ନଥିଲେ । ବେଶ୍ୟା ଓ ନର୍ତ୍ତକୀ ମାନଙ୍କ ସମ୍ପର୍କରେ ତାଙ୍କର ପ୍ରଚୁର ଅଭିଜ୍ଞତା ଥିଲା । ସେଥିପାଇଁ ସେମାନଙ୍କର ଅର୍ଥନୈତିକ ଓ ନିମ୍ନମୁଖୀ ଜୀବନ ଚରିତ୍ର ଜୀବନ୍ତ ଭାବରେ ଫୁଟି ଉଠିଚି ତାଙ୍କ କବିତାରେ । ଚରିତ୍ରଚିତ୍ରଣରେ ସିଦ୍ଧହସ୍ତ ଓ ଟିକିନିଖି ବର୍ଣ୍ଣନାରେ ସେ ପାରଙ୍ଗମ ଥିଲେ । ସେକ୍ସପିଅରଙ୍କ ପରି ତାଙ୍କର ବର୍ଣ୍ଣନା ଦକ୍ଷ ବା ଗଭୀର ବା ତାଙ୍କପରି ନଜୀରଙ୍କ ପ୍ରତିଭା ବିଶାଳ ନଥିଲେ ମଧ୍ୟ, ନଜୀରଙ୍କ ବର୍ଣ୍ଣନା ଥିଲା ବାସ୍ତବ । ସେ ଲେଖିଥିବା ଦୁଇଟି 'ମସନବି' (ଆଲେଖିକା) ରେ ନାଟକର ବହୁ ଉପାଦନ ଥିଲେ ମଧ୍ୟ ତାହା ନାଟକ ପର୍ଯ୍ୟାୟଭୁକ୍ତ ହୋଇ ପାରିବ ନାହିଁ । ଲଇଲା ଓ ମଜନୁ ତାଙ୍କର ଏକ ବିୟୋଗାନ୍ତ ରଚନା । କିନ୍ତୁ ହଂଶକ୍ତମାନ ମହାଦେବଙ୍କ ବିବାହ କବିତାଟି ସୁଖାନ୍ତ ।

ବିଷୟର ବିବିଧତା, ବର୍ଣ୍ଣନାତ୍ମକ ଦକ୍ଷତା, ବୈପ୍ଳବିକ ଉତ୍କର୍ଷତା, ବ୍ୟାପକ ଜନପ୍ରିୟତା, ବିଷୟବସ୍ତୁର ଭାରତୀୟତା ଓ ନୂତନତା ପ୍ରଭୃତି ଆକର୍ଷଣ ନଜୀରଙ୍କୁ ଉର୍ଦ୍ଦୁ ସାହିତ୍ୟର ମହାନ କବି ମାନଙ୍କ ମଧ୍ୟରେ ଅଧିଷ୍ଠିତ କରିଚି । (ପୃ ୧୪୬)

ବିଂଶ ଶତାବ୍ଦୀର ୪୦-୫୦ ମଧ୍ୟରେ ବିଶ୍ଳେଷଣାତ୍ମକ ଆଲୋଚନା ମୁଖ୍ୟତଃ ହଂସଶ୍ରୀ ମଜନୁ ସୁରୁର; ଏହତେଶାମ ହୁସେନ ଓ କାଲୀମୁଦ୍ଦିନ ଅହମ୍ମଦ କରିଚନ୍ତି । ମଜନୁ ଗୋରଖପୁରୀ (୪) ୧୯୪୬ ରେ ପ୍ରକାଶିତ ଅଦବ ଔର ଜିନ୍ଦଗୀରେ ନଜୀର ଅକବରାବାଦୀଙ୍କ ଉପରେ ଏକ ବିଶ୍ଳେଷଣାତ୍ମକ ରଚନା ଲେଖିଥିଲେ । ସେଥିରେ ନଜୀରଙ୍କ ବାଲ୍ୟ କାଳରୁ ତାଙ୍କ କବିତା ସହିତ କିପରି ଗୋରଖପୁରୀଙ୍କ ବ୍ୟକ୍ତିଗତ ସମ୍ପର୍କ ଥିଲା ତାହା ସେ ଉଲ୍ଲେଖ କରିଚନ୍ତି । ନଜୀରଙ୍କ କବିତାର ଆତ୍ମା ଓ ପରିବେଶ ସହିତ ସେ ଏକାତ୍ମ ଅନୁଭବ କରିଚନ୍ତି । ତାର କାରଣ—

ନଜୀରଙ୍କୁ ଏପରି ଜଣେ କବି ଭାବରେ ଦେଖେ ଯିଏ ମାଟି ଉପରେ ଛିଡ଼ାହୋଇ ଏଇ ପୃଥିବୀର ଗୀତ ଗାଉଥିଲେ । ତାଙ୍କର କବିତା ବିଦ୍ରୋହ ଓ ବିପ୍ଳବ ପାଇ କ୍ଷେତ୍ର

ପ୍ରସ୍ତୁତ କରିଥିଲା ଯାହା ବର୍ତ୍ତମାନର କବି ଓ ଲେଖକମାନେ ମଧ୍ୟ କରିବାକୁ ସମର୍ଥ ହୋଇ ନାହାନ୍ତି । ସେ ଏପରି କାମଶୈଳୀ ପ୍ରବର୍ତ୍ତନ କଲେ ଯାହା ଏ ଦେଶର ଜଳବାୟୁରୁ ଉତ୍ପନ୍ନ ବୋଲି ମନେ ହେଲା ଏବଂ ଯାହା ସହିତ ଅଧିକରୁ ଅଧିକ ଲୋକ ଏକାତ୍ମ ଅନୁଭବ କଲେ । ତତ୍କାଳୀନ ଜନଜୀବନର ଦୈନନ୍ଦିନ ସୁଖଦୁଃଖ ଓ ଅନୁଭବ ଏଥିରେ ପ୍ରତିଫଳିତ ଏବଂ ସେମାନଙ୍କର ସାଂସ୍କୃତିକ ବିକାଶରେ ସହାୟକ ହୋଇଛି ।

ଉର୍ଦ୍ଦୁ ଶାହିତ୍ୟର ପାଠକମାନଙ୍କ ମଧ୍ୟରେ ନଜୀର ଏପରି ଜଣେ କବି ଭାବରେ ପ୍ରତିଷ୍ଠିତ ଯିଏ ସାହିତ୍ୟରେ ଗଣତନ୍ତ୍ର ଓ ବାସ୍ତବବାଦର ଭିତ୍ତି ସ୍ଥାପନ କରିଚନ୍ତି ।

ସେ କେବଳ କବିତା ରଚନା କରିବାର ଏକ ନୂତନ ଶୈଳୀର ଉଦ୍ଭାବକ ନୁହନ୍ତି, ପ୍ରାଚୀନ ରୂଢ଼ିଗ୍ରସ୍ତ ପରଂପରାର ବିରୋଧୀ ମଧ୍ୟ । ସେ ସମସ୍ତ ପ୍ରକାର ପ୍ରଚଳିତ କାବ୍ୟ-ଧାରାର ବିରୋଧୀ ଥିଲେ । (ପୃ ୨୩୭) ସେ ବହୁ ପ୍ରକାର ନୂତନ ଭାବନାର କବି ନଥିଲେ; କିନ୍ତୁ ଜୀବନର ବାସ୍ତବ ଅନୁଭୂତି ତାଙ୍କ କବିତାଗୁଡ଼ିକୁ ଅଧିକ ଜୀବନଧର୍ମୀ କରିଥିଲା । ତାଙ୍କ କବିତାର ଆଙ୍ଗିକ ଓ ଆତ୍ମିକ ପ୍ରକାଶରେ ଯେତେଦୂର ସମ୍ଭବ ଜନଗଣଙ୍କ ଭାବ ଓ ଆବେଗର ପ୍ରକୃତ ପ୍ରତିଫଳନ କରିବା ଲାଗି ସେ କେବଳ ପ୍ରୟାସ କରୁ ନଥିଲେ, କିନ୍ତୁ କବିତାକୁ ସାମନ୍ତବାଦୀ ମାନଙ୍କ ଆଭିଜାତ୍ୟର ପ୍ରଭାବରୁ ଯେତେଦୂର ସମ୍ଭବ ଦୂରରେ ରଖିବାଲାଗି ପ୍ରୟାସ କରୁଥିଲେ । ଏଥିରେ ସେ ଥିଲେ କବୀରଙ୍କ ପରି । କେବଳ ଏତିକି ତଫାତ ଯେ ତାଙ୍କ ସମୟର ଯନ୍ତ୍ରଣାଦାୟକ ପରିବେଶ ଏବଂ ସାମାଜିକ ଅବସ୍ଥା ଦ୍ୱାରା ଉତ୍କ୍ଷିପ୍ତ ହୋଇ ସେ ନିଜ କବିତାରେ ଅକୃତି ମତା ଓ ମାନବବାଦକୁ ପ୍ରାଧାନ୍ୟ ଦେଇଥିଲେ । କବୀରଙ୍କୁ ସମାଜର ଦୋଷତ୍ରୁଟି ହିଁ ବେଶୀ ଦେଖାଯାଉଥିଲା, କିନ୍ତୁ ସ୍ୱଭାବରେ ନଜୀର ଥିଲେ ନମ୍ର, ସଂବେଦନଶୀଳ ଏବଂ ହୃଦୟଗ୍ରାହୀ । ଆଶାବାଦ ଓ ଦୁଃଖ ହସି ହସି ଉଡ଼ାଇ ଦବାର ବିଶେଷତା ତାଙ୍କ କାବ୍ୟର ମୂଳଶକ୍ତି ଏବଂ ଏହା ହିଁ ତାଙ୍କର ପରିଚୟ । ଆକ୍ରୋଶ ବା ବିରକ୍ତି, ବିଷାଦ ବା ଅବସାଦ ମାନିନବା ତାଙ୍କ ପ୍ରକୃତି ବିରୋଧୀ ଥିଲା । ସେ ଧରି ନେଉଥିଲେ ଯେ ମୂଳତଃ ମଣିଷର ପ୍ରକୃତି ଉତ୍ତମ ଏବଂ ଜୀବନ ସୁନ୍ଦର ଓ ଉପଭୋଗ୍ୟ ।

ଅଧ୍ୟାପକ ଏହିତେଶାମ ହୁସେନ ନଜୀର ଅକବରାବାଦୀଙ୍କ ଉପରେ ୧୯୩୯ରେ ଲେଖିଥିଲେ । ଏହା ତାଙ୍କ ରଚିତ 'ତନ୍‌କ୍ଦିଦ ଜାଏଜେ (୫) (୧୯୪୪) ରେ ସଂକଳିତ ହୋଇଥିଲା । ଆଉ ଗୋଟିଏ ଲେଖା 'ଯୌକେ-ଇ-ଆଦବ ଔର ଶରୁର' (୬) ୧୯୫୫ରେ ପ୍ରକାଶିତ ହୋଇଥିଲା । ତାଙ୍କ ସମୟର ଐତିହାସିକ ପୃଷ୍ଠଭୂମିରେ ନଜୀରଙ୍କ ସ୍ଥାନ ନିରୂପଣ କରିବାକୁ ଯାଇ ସେ ଆଗ୍ରାର ସାଂସ୍କୃତିକ ଚେତନା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ଆଗ୍ରା ସେତେବେଳେ ସମ୍ରାଟ ଆକବରଙ୍କ ସାମ୍ରାଜ୍ୟର ରାଜଧାନୀ ଥିଲା । ଏହା ବୈଷ୍ଣବ-

ମାନଙ୍କର କୃଷ୍ଣଭକ୍ତିମାର୍ଗର କେନ୍ଦ୍ର ଥିଲା ଏବଂ ବ୍ରଜଭାଷାରେ କାବ୍ୟ କବିତା ରଚନା କରିବା ଓ ପାଣ୍ଡିତ୍ୟ ପ୍ରଦର୍ଶନ କରିବାର ଏହା ଥିଲା ପୀଠସ୍ଥଳୀ । ଭକ୍ତ ସୁରଦାସ ଓ ମୀରାବାଈଙ୍କ ଭକ୍ତିଗୀତ, ସିକ୍ରୀ ଓ ସିକନ୍ଦରଙ୍କ ସ୍ଥାପତ୍ୟ ଏବଂ ଅସଂଖ୍ୟ ଭାରତୀୟ ରାଗ ରାଗିଣୀର ଏହା ଥିଲା ଉତ୍ସଭୂମି । (ଯୌକେ-ଇ-ଆଦବ ଔର ଶଭର ପୃ ୧୪୨) । ନଜୀରଙ୍କ ଅଧ୍ୟୟନ କ୍ରମ ଅନୁସାରେ ତତ୍‌କାଳୀନ ସମାଜର ସେଇ ସଂକଟଗ୍ରସ୍ତ, କୃଷିଭିତ୍ତିକ ଆର୍ଥିକ ସ୍ଥିତି ଓ ସାଂସ୍କୃତିକ ଧାରଣା ଉପରେ ମଧ୍ୟ ସେ ଆଲୋକପାତ କରିଚନ୍ତି ଯାହା ରାଜନୈତିକ ପରିବର୍ତ୍ତନ ସତ୍ତ୍ୱେ ଅପରିବର୍ତ୍ତିତ ଥିଲା । ତେଣୁ ଇଂଲଣ୍ଡର ଶିଳ୍ପ ବିପ୍ଳବ ପାଇଁ ଯେତେବେଳେ ଭାରତର ଧନସଂପଦ ଭିତ୍ତିଭୂମି ପ୍ରସ୍ତୁତ କରିବାଲାଗି ଉପଯୋଗ କରାଯାଉଥିଲା । ଏକ ଦୁଃସହ ପରିସ୍ଥିତିରେ ଭାରତୀୟମାନେ ସେମାନଙ୍କର ସଂପୂର୍ଣ୍ଣ ଅଜ୍ଞାତରେ ସେମାନଙ୍କ ଭାଗ୍ୟ ନିର୍ଣ୍ଣୟ କରୁଥିବା ନୂତନ ଶକ୍ତି କିପରି କାର୍ଯ୍ୟ କରୁଚି ତାହା ପ୍ରତ୍ୟକ୍ଷ କରୁଥିଲେ । ଆଗ୍ରା ଅତୀତରେ ଗୌରବପୂର୍ଣ୍ଣ ସ୍ଥାନ ଅଧିକାର କରିଥିଲା, କିନ୍ତୁ ବ୍ରିଟିଶ ରାଜତ୍ୱ କାଳରେ ଲୁଣ୍ଠନର ଶିକାର ହେଲା । ତେଣୁ ଜନ ଜୀବନରେ ଗୋଟିଏ ପଟେ ଧ୍ୱଂସ ଓ ମୃତ୍ୟୁ ଏବଂ ଅନ୍ୟପଟେ ଆନନ୍ଦ ଉଲ୍ଲାସ ଦେଖାଯାଉଥିଲା । ତେଣୁ ଏହି ବିରୋଧାଭାସରୁ ନଜୀରଙ୍କ କବିତା ବାଦ ପଡ଼ିନାହିଁ । (ତନ୍‌କ୍ବିଦ ଯାଏକେ ପୃ ୧୭୮)

ଅଧ୍ୟାପକ ଏହତେଶାମ ହୁସେନ ନଜୀରଙ୍କ ଶ୍ରେଣୀ ସଚେତନତା ସଂପର୍କରେ ବିସ୍ତୃତ ଭାବରେ ଉଲ୍ଲେଖ କରିଚନ୍ତି । ସମାଜର ମଧ୍ୟବିତ୍ତ ଶ୍ରେଣୀ ଓ କାରିଗର ମାନଙ୍କ ପ୍ରତି ନିସଂଦେହରେ ସେ ଥିଲେ ସମଭାବାପନ୍ନ ଓ ସହାନୁଭୂତିଶୀଳ । (ଯେକେ-ଇ-ଆଦବ ଔର ଶରୁର ପୃ ୧୪୮) । ସେ ନିମ୍ନ ବର୍ଗର ଲୋକମାନଙ୍କ ସହିତ ନିଜକୁ ସାମିଲ କରି-ନଥିଲେ । ତାଙ୍କ କବିତାର ଜନଗଣ ସେହି କ୍ରାନ୍ତିକାରୀ ମୁକ୍ତିପାଗଲ ଜନଗଣ ନୁହଁନ୍ତି ଯେଉଁମାନେ ନିଜର ଅଧିକାର ପାଇଁ ସଂଗ୍ରାମ କରି ଇତିହାସ ରଚନା କରନ୍ତି । ସେମାନେ ଥିଲେ ସାମନ୍ତବାଦୀ ବ୍ୟବସ୍ଥାରେ ଶ୍ରେଷ୍ଠବଡ଼, ସ୍ୱାର୍ଥ, ଲୋଭକ୍ଷତି, ହିଂସାଖୁସିରେ ଲିପ୍ତଥିବା ସାଧାରଣ ଭାଗ୍ୟବାଦୀ ଲୋକ । ସେମାନଙ୍କର ଜୀବନଥିଲେ ବି ସେମାନେ ଲକ୍ଷ୍ୟ ସଂପର୍କରେ ବା ଲକ୍ଷ୍ୟ ଆଡ଼କୁ କେଉଁ ପଥରେ ଯିବେ ସେ ସଂପର୍କରେ ପ୍ରାୟ କିଛି ଜାଣି ନଥିଲେ । (ପୃ ୧୪୭) । ସେମାନଙ୍କ ପାଇଁ "ନଜୀରଙ୍କୁ ନବଯୁଗର ଦୂତ ବା ସନ୍ଦେଶ-ମାନଙ୍କର କବି କୁହାଯାଇ ପାରିବ ନାହିଁ ।" (ଯାଏକେ ପୃ ୧୯୨) ଏହାସତ୍ତ୍ୱେ ସେ ଏପରି ଜଣେ କବି ଥିଲେ ଯିଏ ଦରବାରର ଶ୍ୱାସରୁଦ୍ଧ ଔପଚାରିକତାରୁ ଖୋଲାସ୍ଥାନକୁ ପଳାଇ ଯିବାଲାଗି ପ୍ରୟାସ କରୁଥିଲେ । ସୀମାବଦ୍ଧ ଜୀବନର ବନ୍ଧ ଭାଂଗି ବିରାଟ ଜୀବନ କ୍ଷେତ୍ରକୁ ସେ ଚାଲିଯାଇଥିଲେ । ସେ କେବଳ ସଂଭ୍ରାନ୍ତମାନଙ୍କୁ ନିରୀକ୍ଷଣ କରୁନଥିଲେ, ବରଂ ସମଗ୍ର ମାନବ ସମାଜ ପ୍ରତି ସେ ଥିଲେ ଆକୃଷ୍ଟ ।

ଅଧ୍ୟାପକ ଆଲେ ଅହମ୍ମଦ ସୁରୁରଙ୍କ 'ନଜ୍ରୁଲ ଔର, ଅର୍ଓ୍ଵାମ' (୭) ରଚନା ୧୯୫୪ରେ ପ୍ରକାଶିତ 'ଆଦବ ଔର ନଜରିଆ' ସଂକଳନର ଅନ୍ତର୍ଗତ । ଏଥିରେ ନଜ୍ରୁଲଙ୍କ ତଥାକଥିତ ଜନଗଣଙ୍କ ପାଇଁ କବିତା 'ବଜାରି ରଙ୍ଗ' ବା ବଜାରର ରଙ୍ଗ ଉପରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଛି । ବର୍ଣ୍ଣାଢ୍ୟ ରଙ୍ଗ ଓ ଉଚ୍ଚ ସ୍ୱରରେ ବୋଲାଯାଉଥିବା ସଙ୍ଗୀତ ଓ ବାଦ୍ୟ ମେଲା ଓ ମହୋତ୍ସବ, ଆନନ୍ଦ ଉଲ୍ଲାସ ଏବଂ ଜୀବନକୁ ଉପଭୋଗ କରିବାରେ ସେମାନଙ୍କର ଅଦମ୍ୟ ଉଚ୍ଛ୍ୱାସ ଉପରେ ସେ ନିଜ ରଚନାରେ ଅଧିକ ଗୁରୁତ୍ୱ ଦେଇଥିଲେ । ଜନଜୀବନରେ ଏହି ଧାରା ବହୁ ବାଧାବିଘ୍ନ ଓ ଉତ୍‌ଥାନ ପତନ ମଧ୍ୟରେ ବି ନିଃଶେଷ ହେଉ ନ ଥିଲା । ଜନଗଣ ପ୍ରାୟ ନିଜର ଦୁର୍ଭାଗ୍ୟର କାହାଣୀ କହୁଥିଲେ ଏବଂ ସେମାନଙ୍କର ଦୁଃଖର ସୀମା ନଥିଲା । କିନ୍ତୁ ଜୀବନ ପ୍ରତି ସେମାନଙ୍କର ମମତା ଯୋଗୁ ଆନନ୍ଦ ଉଲ୍ଲାସ କରିବା ପାଇଁ ସୁଯୋଗ ପାଇଲାକ୍ଷଣି ସେମାନେ ନିଜର ଦୁଃଖ ଭୁଲି ଯାଉଥିଲେ । ସୁରୁର ନଜ୍ରୁଲଙ୍କଠାରେ ଆନନ୍ଦ କୌତୂହଳର ଏହି ସ୍ୱାଭାବିକ ଭୁଲିପଣ ଓ ବାଲଦୃଷ୍ଟି ଆବିଷ୍କାର କରିଥିଲେ । ପୂର୍ବର ଜଣେ ସମାଲୋଚକ ନିୟାଜ ଫତେହ୍‌ପୁରୀଙ୍କୁ ଉଦ୍ଧାର କରି ସେ ଲେଖିଛନ୍ତି ଯେ ନଜ୍ରୁଲଙ୍କଠାରେ କବୀରଙ୍କ ନୈତିକତା ଓ ଖୁସ୍‌ରୁଙ୍କ ମାନସିକତାର ସମନ୍ୱୟ ଘଟିଥିଲା (ପୃ ୭୯) ଏବଂ ଜନସାଧାରଣଙ୍କ ସହିତ ତାଙ୍କର ଗଭୀର ସଂଯୋଗ ଓ ଏକାତ୍ମତା ତାଙ୍କ କବିତାକୁ କରିଥିଲା ଅଧିକ ଚରିତ୍ରବତୀ ଓ ତେଜ । ନିୟାଜ ଫତେହ୍‌ପୁରୀଙ୍କ ଦୃଷ୍ଟିରେ ନଜ୍ରୁଲ ଜନଗଣଙ୍କର କେବଳ ଜଣେ କବି ନ ଥିଲେ, ସେ ଥିଲେ ଜଣେ କଳାକାର ଯାହାଙ୍କର କଲମରେ ଆମର ସାଂସ୍କୃତିକ ବୈଚିତ୍ର୍ୟ ତାଙ୍କ ସମସ୍ତର ଇତିହାସରେ ଆହୁରି ପ୍ରାଣବନ୍ତ ହୋଇ ଉଠିଚି ।

ଅଧ୍ୟାପକ କାଲିମୁଦ୍ଦିନ ଅହମ୍ମଦ ତାଙ୍କ ରଚିତ 'ଉର୍ଦ୍ଦୁ ଶାୟରୀପର ଏକ ନଜର' ପୁସ୍ତକରେ ନଜ୍ରୁଲ ଆକବରାବାଦୀଙ୍କ ଉପରେ ବିସ୍ତୃତ ଭାବରେ ଲେଖିଛନ୍ତି । ଏଇ ପୁସ୍ତକରେ ସେ ଦର୍ଶାଇଛନ୍ତି ଯେ:—"କେବଳ ନଜ୍ରୁଲଙ୍କ ସ୍ଥିତିହିଁ ଉର୍ଦ୍ଦୁ କବିତା ଉପରେ ଏକ ଅନନ୍ୟ ମନ୍ତବ୍ୟ ପ୍ରଦାନ କରେ । କାରଣ ଯେତେବେଳେ ମୁକ୍ତ ଚିନ୍ତାର ମହାର୍ଘ ଚିହ୍ନ ସ୍ୱରୂପ ଗଜଲ କବିତାର ସାର୍ବଜନୀନ ରୂପ ଭାବରେ ଚର୍ଚ୍ଚିତ ହୋଇଥିଲା । ସେତେବେଳେ ସେ ସେହି ଢଙ୍ଗରେ ଗଜଲ ଲେଖୁନଥିଲେ । ଏହା ଅବଶ୍ୟ ତାଙ୍କର ମୁକ୍ତ ଚିନ୍ତାର ପରିଚୟ ଦେଇଥିଲା ।" ସେ ଆହୁରି ବି ଦର୍ଶାଇଛନ୍ତି ଯେ ନଜ୍ରୁଲ କିଛି ଗଜଲ ଲେଖିଥିଲେ ତଥାପି ତାହାଯେ କବିତାର ପ୍ରକୃତ ରୂପ ଏହା ସେ ଗ୍ରହଣ କରି ନ ଥିଲେ । କାରଣ, ଭାବର ଏକତ୍ୱକୁ ପ୍ରତିପାଦନ କରି ସେ ସଂକ୍ଷିପ୍ତ ଗଜଲ ଲେଖିବାକୁ ପସନ୍ଦ କରୁନଥିଲେ । ସେ ବ୍ୟକ୍ତି ଓ ଲେଖକୀୟ ସ୍ୱତନ୍ତ୍ରତାର ପ୍ରତୀକ ଥିଲେ ।

ନଜୀରଙ୍କ ଭାବବୋଧ, ପର୍ଯ୍ୟବେକ୍ଷଣ କ୍ଷମତା ଓ ତାଙ୍କ ଗୁରୁ ପାଖର ଜୀବନ ପ୍ରତି ଗଭୀର ଅନ୍ତର୍ଦୃଷ୍ଟିର ଭୂରି ଭୂରି ପ୍ରଂଶସା କାଳୀମୁଦ୍ଦିନ ଅହମ୍ମଦ କରିଚନ୍ତି । ସେ ସ୍ୱୀକାର କରିଛନ୍ତି ଯେ ଭାଷା ଓ ଅଭିବ୍ୟକ୍ତି ଉପରେ ନଜୀରଙ୍କର ପ୍ରଚଣ୍ଡ ଅଧିକାର ଥିଲା । ଏହା ସତ୍ତ୍ୱେ ସେ ଉଲ୍ଲେଖ କରିବାକୁ ଭୁଲିନାହାନ୍ତି ଯେ ନଜୀରଙ୍କ ବ୍ୟକ୍ତିତ୍ୱ ସୀମିତ ଓ ଅତି ସାଧାରଣ ଥିଲା । ସେ ଆହୁରି ବି କହିଚନ୍ତି ଯେ ଗୁରୁପାଖରେ ସଂକୀର୍ଣ୍ଣତା, ତତ୍‌କାଳୀନ ସାମାଜିକ ଅବସ୍ଥା ଓ ପରିବେଶର ସୀମା ମଧ୍ୟରେ ବରାବର ନଜୀର ଅଭିଭୂତ ରହୁନଥିଲେ ଏବଂ ସେ ସବୁକୁ ଗଭୀର ଭାବରେ ସମୀକ୍ଷା କରିବା ଲାଗି ତାଙ୍କର ବୌଦ୍ଧିକ ବିଚକ୍ଷଣତା ନ ଥିଲା । ସେ ଏହା ବି ଲେଖିଛନ୍ତି ଯେ ଘଟଣା ପ୍ରବାହର ବର୍ଣ୍ଣନା ସହିତ ସେ ସବୁକୁ ବିଶ୍ଳେଷଣ ଓ ବିଚାର କରିବା ପାଇଁ ନଜୀରଙ୍କ କଳ୍ପନା ଶକ୍ତି ଏତେ ଗଭୀର ଓ ବ୍ୟାପକ ନଥିଲା । ତାଙ୍କ କାବ୍ୟ ରଚନାର କୌଶଳ ମଧ୍ୟ ତ୍ରୁଟିପୂର୍ଣ୍ଣ ଥିଲା ଏବଂ ସେ ସବୁ ବିଷୟର ସୁସମଞ୍ଜସ ଓ ସଂକ୍ଷିପ୍ତ ପ୍ରକାଶ କରି ପାରୁନଥିଲେ । ଫଳରେ ତାଙ୍କର ଅନେକ କବିତା ଗଜଲ୍ ପରି ଜଣାପଡ଼ୁଥିଲା ଏବଂ ସଂଗଠିତପୂର୍ଣ୍ଣ ସଂଯୋଜନାରେ ସାହାଯ୍ୟ ନକରି କେନ୍ଦ୍ରସ୍ଥ ବିଷୟଟିର ବାରମ୍ବାର ପୁନରାବୃତ୍ତି କରାଯାଉଥିଲା । ଏହି ପୁନରାବୃତ୍ତି କବିତାର ବିଷୟବସ୍ତୁର ଏକତ୍ରୀକରଣରେ ସହାୟକ ହୋଇଥିଲେ ମଧ୍ୟ, ଏହି କାରଣରୁ କବିତାର ପ୍ରତ୍ୟେକ ସ୍ତବକରେ ଗୋଟିଏ ଭାବର କ୍ରମାଗତ ବିକାଶ ହୋଇ ପାରି ନ ଥିଲା । ତାଙ୍କର କବିତା ଗୁଡ଼ିକ ଲମ୍ବା ଏବଂ ସେ ଗୁଡ଼ିକର ଗଠନରେ ଯେତିକି ସାବଧାନତା ଓ ନିପୁଣତା ଅବଲମ୍ବନ କରିବାର କଥା ତାହା ସେ କରିପାରି ନ ଥିଲେ ।

ନଜୀରଙ୍କ ପ୍ରତି ପୂର୍ବର ସମାଲୋଚକମାନଙ୍କର ଦୃଷ୍ଟିକୋଣ କିପରିଥିଲା ନିୟାଜ ଫତେହପୁରୀଙ୍କ ଅଭିମତ ତାର ଏକ ନିଦର୍ଶନ ମାତ୍ର । ତାଙ୍କଠାରେ କବୀର ଓ ଅମୀର ଖୁସରୋଙ୍କ ସମନ୍ୱୟ ଘଟିବାର ଯେଉଁ ଆଲୋଚକମାନେ କହନ୍ତି ତାହା ତାଙ୍କୁ ବହୁ ଖ୍ୟାତନାମା କ୍ଲାସିକ ଲେଖକମାନଙ୍କର ମର୍ଯ୍ୟାଦା ପ୍ରଦାନ କରେ । ଏହା ଦ୍ୱାରା ତାଙ୍କ ସାହିତ୍ୟକୃତି ଉପରେ ଅବାଧ ବିଚାର ଆଲୋଚନା ବାଧାପ୍ରାପ୍ତ ହୁଏ । 'ଶେର-ଇ-ହିନ୍ଦ୍'ର ଲେଖକ ଅବଦୁସ ସଲାମ ନଦଭୀ ଏବଂ ଗୁଲ-ଇ-ରାଣା'ର ଲେଖକ ଅବଦୁଲ ହାୟୃତ, ମୁହମ୍ମଦ୍ ହୁସେନ ଆଜାଦଙ୍କ ପଦାଙ୍କ ଅନୁସରଣ କରି ନଜୀରଙ୍କୁ ପ୍ରାୟ ଉପେକ୍ଷା କରିଥିଲେ । ଉର୍ଦ୍ଦୁ କବିତାର ପ୍ରଥମ ଇତିହାସ ଲେଖକ, ମୁହମ୍ମଦ ହୁସେନ ଆଜାଦ୍ ତାଙ୍କର ବିରାଟ ଗ୍ରନ୍ଥ 'ଆବେ ହୟାତ୍'ରେ ଉର୍ଦ୍ଦୁ କବିତାରେ ଯେଉଁସବୁ ଗୁରୁତ୍ୱିକ ଉପାଦାନ ପ୍ରକଟିତ ହେଲେ ତାହା ଉତ୍ତମ କବିତା ଭାବରେ ଗୃହୀତ ହୁଏ ବୋଲି ମତ ପ୍ରକାଶ କରିଚନ୍ତି ସେହି ସବୁ ଉପାଦାନ ନଜୀରଙ୍କ କବିତାରେ ପ୍ରଚୁର ପରିମାଣରେ ମିଳୁଥିଲେ ମଧ୍ୟ ସେ ନଜୀରଙ୍କୁ ଉପେକ୍ଷା କରିଥିଲେ ଉଦାହରଣ ସ୍ୱରୂପ, ଆଜାଦ ତାଙ୍କର 'ଯବାନେ ଉର୍ଦ୍ଦୁକୀ ତାରିଖ' (ଆବେ ହୟାତର

ପ୍ରଥମ ଅଧ୍ୟାୟ) ରେ ସେ କବିତାର ବର୍ଣ୍ଣନାତ୍ମକ ପ୍ରକାଶଭଙ୍ଗୀର ଶକ୍ତି ଓ ସରଳତା ଏବଂ ପ୍ରାଣବନ୍ତ ଚିତ୍ରାଙ୍କନ, ପର୍ଯ୍ୟବେକ୍ଷଣ ଓ ପ୍ରତ୍ୟକ୍ଷୀକରଣର ବ୍ୟାପ୍ତି, ସ୍ଥାନୀୟ ବିଷୟବସ୍ତୁ ଓ ପ୍ରକୃତି ବର୍ଣ୍ଣନାର ସତତା ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ଏସବୁ ଅନ୍ୟାନ୍ୟ କବିମାନଙ୍କ ତୁଳନାରେ ନଜୀରଙ୍କ କବିତାରେ ପ୍ରଚୁର ପରିମାଣରେ ଥିଲେ ମଧ୍ୟ, ସେ ନଜୀରଙ୍କ ଅବଦାନକୁ ସ୍ୱୀକାର କରିନାହାନ୍ତି । 'ଆବେ ହୟାତ'ରେ ସେ ନଜୀରଙ୍କ ସମ୍ପର୍କରେ ଏକ ଉପରଠଉରିଆ ମନ୍ତବ୍ୟ ଦେଇଛନ୍ତି ମାତ୍ର । ତାଙ୍କ ମତକୁ ପ୍ରମାଣ କରିବା ପାଇଁ ଆଜାଦ ଲେଖିଛନ୍ତି ଯେ ଜଣେ କବିର ମହାନତା କେବଳ କେତେକ ପଂକ୍ତିରୁ ବିଚାର କରାଯାଇ ନ ପାରେ ।

ନିଜର ମତ ପ୍ରମାଣ କରିବାକୁ ଯାଇ ଆଜାଦ ଲେଖିଚନ୍ତି ଯେ ଜଣେ କବିଙ୍କ ରଚନାର ସଂପୂର୍ଣ୍ଣ ମୂଲ୍ୟାଙ୍କନ ନକରି କେବଳ ସୁନିର୍ବାଚିତ କେତୋଟି ପଂକ୍ତି ବିଚାରକୁ ନେଲେ କବିଙ୍କର ମହାନତା ସମ୍ପର୍କରେ ଭ୍ରମାତ୍ମକ ସିଦ୍ଧାନ୍ତରେ ଉପନୀତ ହେବାକୁ ହୁଏ । ଉଦାହରଣ ସ୍ୱରୂପ ଆଜାଦ ଲେଖିଚନ୍ତି ‘‘ମୀରଙ୍କ ସହିତ ନଜୀରଙ୍କ କେତୋଟି ପଂକ୍ତି ତୁଳନୀୟ । କିନ୍ତୁ ଯଦି ଜଣେ କବିଙ୍କ ସମ୍ପର୍କରେ ସଂକ୍ଷିପ୍ତ ସୂଚନା ପ୍ରଦାନ କରି କେବଳ ଏହି ସୁନିର୍ବାଚିତ ପଂକ୍ତି କେତୋଟି ଉଦ୍ଧାର କରେ, ତାହା ଜଣେ ଅନଭିଜ୍ଞ ବ୍ୟକ୍ତିକୁ 'ମୀରଙ୍କ ସହିତ ନଜୀର ସମାନ' ବୋଲି ସିଦ୍ଧାନ୍ତରେ ପହଞ୍ଚାଇଦେବ । (୮)

ନଜୀରଙ୍କ ସଂର୍କରେ ଏପରି ମତ କେବଳ ଉପରଠଉରିଆ ନୁହେଁ ଉପହାସଜନକ ମଧ୍ୟ । ନିଃସଂଦେହରେ ମୀରଙ୍କ ପରି ନଜୀର ଏତେ ମହାନ କବି ନୁହଁନ୍ତି, କିନ୍ତୁ ତଥାପି ସେ ଯେ ଭିନ୍ନ ଏବଂ ତାଙ୍କ ନିଜ ବାଟରେ ସେ ବି ଯେ ମହାନ ଏହା ସ୍ୱୀକାର କରିବାକୁ ପଡ଼ିବ । କବିମାନଙ୍କର ମୂଲ୍ୟାୟନ କରିବା ପାଇଁ ମୀର ଯେଉଁ ନିୟାମକ ରଖିଥିଲେ ସେଇ ଅନୁସାରେ ଯଦି ନଜୀରଙ୍କୁ ବିଚାର କରାଯାଏ, ତାଙ୍କ ଉପରେ ବ୍ୟକ୍ତ କରାଯାଇଥିବା କେତେକ ସମାଲୋଚକଙ୍କ ମତ କେବଳ ପକ୍ଷପାତ ବୋଲି ମନେହେବ ।

ଆଲୋଚକମାନଙ୍କ ମଧ୍ୟରେ ନଓ୍ୱାବ ମୁସ୍ତାଫା ଖାଁ ସେଫତାଙ୍କର ସମୀକ୍ଷା ଉଚ୍ଚକୋଟିର । ତାଙ୍କର ସୂକ୍ଷ୍ମଦୃଷ୍ଟି ଏବଂ କବିତା ପ୍ରତି ଅଭିରୁଚି ଗାଲିବଙ୍କ ପରି ମହାନ କବିଙ୍କ ଦ୍ୱାରା ପ୍ରଶଂସିତ ହୋଇଚି । ଗାଲିବ ତାଙ୍କୁ ଏତେ ସମ୍ମାନ ଦେଉଥିଲେ ଯେ ତାଙ୍କ ନିଜ ରଚିତ ଦିଓ୍ୱାନରେ ମୁସ୍ତାଫା ଖାନ (୯) ଙ୍କ ଅନୁମୋଦନ ପାଇନଥିବା କୌଣସି କବିତା ସଂଯୋଜିତ କରିନଥିଲେ । ଏହାସତ୍ତ୍ୱେ ଏତିକି କୁହାଯାଇ ପାରେ ଯେ ନଜୀରଙ୍କ ସମ୍ବନ୍ଧରେ ଏହି ମହାନ ଓ ସୌନ୍ଦର୍ଯ୍ୟପ୍ରିୟ ସମାଲୋଚକଙ୍କ ଅଭିମତ ସର୍ବାପେକ୍ଷା ଉଦାରତା ହୀନ । ତାଙ୍କ ରଚିତ ପ୍ରସିଦ୍ଧ 'ତାଜକିରା' ରେ ସେ ଲେଖିଚନ୍ତି ଯେ;—

"ନଜୀର ବହୁସଂଖ୍ୟକ କବିତା ଲେଖିଚନ୍ତି । ତାଙ୍କ କବିତାର ଅନେକ ପଂକ୍ତି ବଜାରର ଜନ୍ମ ଓ ସାଧାରଣ ଲୋକଙ୍କ ମୁହଁରୁ ଶୁଣିବାକୁ ମିଳେ; କିନ୍ତୁ ଏହାର ଅର୍ଥ ନୁହେଁ ଯେ ମହାନ୍ କବିମାନଙ୍କ ମଧ୍ୟରେ ତାଙ୍କୁ ଜଣେ ବୋଲି ଗଣାଯିବ । ଏହାସତ୍ତ୍ୱେ ତାଙ୍କ କବିତାର ସୁନିର୍ବାଚିତ ପଂକ୍ତି ଗୁଡ଼ିକୁ ବିସ୍ମରିକୁ ନିଆଯାଇଛି ।" (୧୦)

ଏହାର ପ୍ରତିବାଦ ସ୍ୱରୂପ ନଜୀରଙ୍କ କେତେକ ଗୁଣିକ ଓ ପ୍ରଶଂସକମାନେ ନିଜ ନିଜର 'ତାଜକିରା' ସଂକଳିତ କରିଥିଲେ । ସେମାନଙ୍କ ମଧ୍ୟରେ ସବୁଠାରୁ ବେଶୀ ପ୍ରସିଦ୍ଧ ଥିଲେ କୁତବୁଦ୍ଦିନ ବାତିନ । ତାଙ୍କ ସଂକଳିତ ତାଜକିରା 'ଗୁଲିସ୍ତାନ ବେଖିଜାଁ' ରେ ସେ ନଜୀରଙ୍କୁ ସବୁ ସୀମା ଅତିକ୍ରମ କରି ପ୍ରଶଂସା କରିଛନ୍ତି ।

କଟୁସମାଲୋଚନାର ଏହି ଦୃଶ୍ୟ ତାଙ୍କ ସପକ୍ଷରେ ଅନୁକୂଳ ମୋଡ଼ ନବାରେ ସାହାଯ୍ୟ କରିଚି । ଏହାସତ୍ତ୍ୱେ ନଜୀରଙ୍କ କାବ୍ୟପ୍ରତିଭା ଓ ନୂତନ ନୂତନ ଶୈଳୀ ଉଦ୍ଭାବନ ସମାଲୋଚକମାନଙ୍କୁ ଅଭିଭୂତ କରିଚି । ଅନେକ ସମୟରେ ତାଙ୍କ କାବ୍ୟ ପ୍ରତିଭା ମଧ୍ୟ ଉପେକ୍ଷିତ ହୋଇଛି । ନିଃସନ୍ଦେହରେ ଏହା କୁହାଯାଇ ପାରେ ଯେ ପାରମ୍ପାରିକ କବିତା ରଚନାରୁ ନଜୀର ବିଦାୟ ନେଇଥିଲେ ଏବଂ ଏହା ତାଙ୍କର ପ୍ରତିଭା ଓ ନୂତନତ୍ୱକୁ ଆହୁରି ବୃଦ୍ଧି କରିଥିଲା; କିନ୍ତୁ ଜଣେ କବିର ପ୍ରତିଭା ନୂତନ ଉଦ୍ଭାବନ ଓ ପରୀକ୍ଷା ନିରୀକ୍ଷାରେ ଯେତେ ନଥାଏ, ସେତେ ଥାଏ ତାଙ୍କ କବିତାର ଅନ୍ତର୍ନିହିତ ମୂଲ୍ୟରେ ।

ନଜୀରଙ୍କ ସମ୍ପର୍କରେ ଯେଉଁ ସମାଲୋଚନା କରାଯାଏ ସେଥିରେ ତାଙ୍କ ଦ୍ୱାରା ରଚିତ ଦୁଇଟି ନିର୍ଦ୍ଦିଷ୍ଟ ଶ୍ରେଣୀର କବିତାର ମୂଲ୍ୟାୟନ କରାଯିବା ଆବଶ୍ୟକ । ଗୋଟିଏ ହେଉଚି ପ୍ରଚଳିତ ରୀତିରେ ଗଜଲ ରଚନା ଏବଂ ଅନ୍ୟଟି କବିତାରେ ପ୍ରତିଫଳିତ ତାଙ୍କ ବ୍ୟକ୍ତିତ୍ୱର ନିଶ୍ଚିତ ରୂପ । ତ୍ରୁଟି ସତ୍ତ୍ୱେ ପ୍ରଚଳିତ ରୀତିରେ ସେ ଯେଉଁ କବିତା ରଚନା କରିଚନ୍ତି ତାହା ଦ୍ୱିତୀୟ ଶ୍ରେଣୀର କବିତା ଭାବରେ ପର୍ଯ୍ୟାୟଭୁକ୍ତ ହେଲେ ମଧ୍ୟ ସଫଳତାର ରୂପ ବହନକରେ । ସମ୍ଭବତଃ ପ୍ରଚଳିତ ରୀତିରେ ରଚିତ କବିତା ଗୁଡ଼ିକର ମୂଲ୍ୟାୟନ ସେଫତାଙ୍କ ପରି ସାହିତ୍ୟର ଇତିହାସ ସମାଲୋଚକମାନଙ୍କୁ ନଜୀର ସେପରି ଜଣେ ପ୍ରତିଭାଶାଳୀ କବି ନୁହନ୍ତି ବୋଲି ଏହି ସିଦ୍ଧାନ୍ତରେ ଉପନୀତ କରାଇଛି । ନଜୀରଙ୍କ ରଚିତ ବହୁ ଗଜଲ ତାଙ୍କ ଧ୍ୱଂସନରୁ ଆବିଷ୍କାର କରି ମିର୍ଜା ଫରହତୁଲ୍ଲା ଏକ ସଙ୍କଳନ କରିଥିଲେ । ପ୍ରଚଳିତ ପଦ୍ଧତିରେ ଲିଖିତ ଏହି ଗଜଲ ଗୁଡ଼ିକର ପୁଙ୍ଖାନୁପୁଙ୍ଖ ଆଲୋଚନା ବେଳେ କବିଙ୍କର ଅସଲ ଅବଦାନର ମୂଲ୍ୟାୟନ କରିବାରୁ ପାଠକର ଦୃଷ୍ଟି ବ୍ୟାହତ କରେ ।

ନଜୀରଙ୍କ ଅସଲ କାବ୍ୟ ପ୍ରତିଭା ତାଙ୍କ ଦ୍ୱାରା ରଚିତ ଅନ୍ୟ ପ୍ରକାର କବିତାରୁ ମିଳେ । ଏହି କବିତା ଗୁଡ଼ିକ ତାଙ୍କର ନିଜସ୍ୱ ଏବଂ ସମସ୍ତର ବିଚ୍ଛିନ୍ନର । ଏହି କବିତା ସବୁ ସାହିତ୍ୟ ସମାଲୋଚକମାନଙ୍କୁ ବିସ୍ମିତ କରିଚି । ସେହି ସମସ୍ତର ରହସ୍ୟବାଦ ବା ଧାର୍ମିକତାର ସ୍ରୋତ୍ର ଏହି କବିତା ସବୁରେ ନାହିଁ କିମ୍ବା ଗଜଲର କଳ୍ପିତ ରୋମାଞ୍ଚ ଏଗୁଡ଼ିକର ମହତ୍ତ୍ୱକୁ ଘୋଡ଼ାଇ ଦେଇ ପାରନି । ଏଥିରେ ଶାସକମାନଙ୍କର ଶସ୍ତା ମନୋରଞ୍ଜନ ବା ଦରବାରରେ ଐଶ୍ୱର୍ଯ୍ୟ ବର୍ଣ୍ଣନା କରିବାଲାଗି ଉଦ୍ଦିଷ୍ଟ ଶବ୍ଦ କୌଶଳ ବା ବାକ୍‌ଚାତୁରୀର ବହୁଳତା ମଧ୍ୟ ନାହିଁ । ମିତ୍ରମାନଙ୍କୁ ପ୍ରୀତ କରିବାଲାଗି ବା ଶିଶୁ, ଗାୟକ, ଫେରିବାଲାମାନଙ୍କର ଆଗ୍ରହ ଚରିତାର୍ଥ କରିବା ପାଇଁ ଏହି କବିତା ଗୁଡ଼ିକ ରଚିତ ହୋଇଥିଲା ବୋଲି ସମକାଳୀନ ମାନଙ୍କର ମତ । ନଜୀରଙ୍କ ସହଜ ଶବ୍ଦାବଳୀ, ସ୍ପଷ୍ଟତା ଓ ବାସ୍ତବବାଦ ଉପରେ ଆଧାରିତ ଏହି କବିତା ଗୁଡ଼ିକ ଯେ ପ୍ରକୃତରେ ଉଚ୍ଚଦରର କବିତା ତାହା ବିଶ୍ୱାସ କରିବା ସେମାନଙ୍କ ପକ୍ଷରେ କଷ୍ଟକର ଥିଲା ।

ଘରପାଖର ଜୀବନ ଓ ବାସ୍ତବତା ପ୍ରତି ଆମକୁ ମୁହାଁମୁହିଁ କରିବା ଏଇ କବିତା ଗୁଡ଼ିକର ବିଶେଷତ୍ୱ । ଦବାନଖାନା ଓ ମହଲସରାଇର କାନ୍ଥସବୁ ଆମ ଆଖିଆଗରେ ଭାଙ୍ଗି ପଡେ ଏବଂ ବାହାରର ବିସ୍ତୃତ ଜଗତ ଆମର ଦୃଷ୍ଟି ଆକର୍ଷଣ କରେ । ଉର୍ଦ୍ଦୁ କବିତାରେ ପ୍ରଥମଥର ପାଇଁ ସୁନୀଳ ସ୍ୱଚ୍ଛ ଆକାଶ ଏହାର ବର୍ଣ୍ଣାଢ୍ୟ ସୌନ୍ଦର୍ଯ୍ୟ ସହିତ ଆଖିଆଗରେ ଉଦ୍ଭାସିତ ହୁଏ । ରବିନସନକ୍ରୁସୋଙ୍କ ପରି ଅନ୍ୱେଷଣ କରିବା ଉଦ୍ଦେଶ୍ୟରେ ନଜୀର ଆମ ସମକ୍ଷରେ ଆବିର୍ଭାବ ହୋଇ ଏପରି ଏକ ନୂତନ ଜଗତ ଉଦ୍‌ଘାଟନ କରନ୍ତି ଯାହା ପ୍ରକୃତରେ ନିଷ୍ପାପ ଓ ପବିତ୍ର । ସେହି ଜଗତରେ କବିଙ୍କ ମୁହଁରୁ କେବଳ ସାଧାରଣ ଲୋକର ଜୟଜୟକାର ଶୁଣାଯାଏ । ଯାହା ଆଡ଼ମ୍ବରପୂର୍ଣ୍ଣ ଓ କ୍ଷମତାଜଡ଼ିତ ତାହା ପ୍ରତ୍ୟାଖ୍ୟାନ କରି ସେ ସାଧାରଣ ଭାବରେ ବଂଚିବା ଉପଭୋଗ କରନ୍ତି । ବିଷୟବସ୍ତୁର ନିର୍ବାଚନ ଏହା ପ୍ରମାଣ କରେ । 'ଇଲ୍ଲାହା ନାମା', 'ବଞ୍ଜାରାନାମା', 'ବରସାତ୍ କି ବହାରେ', 'ଆଶିକ ନାମା', 'ଆଦମୀ ନାମା' 'ହଂସ ନାମା', 'ତାଜଗଞ୍ଜ', 'ଭନ୍ଦୁରସ୍ତି ନାମା', 'ଚଡ଼ିଆକା ତହବାନ୍ତି, 'ଫନା ନାମା', 'ଢଫଲ ନାମା', 'ଜଓ୍ୱାନୀ', ବୁଢ଼ାପା', 'ଖୁଶାମଦ', 'କଲିଯୁଗ', 'ମୁଫଲିସି', 'ଦିଓ୍ୱାଲି', 'ଇଦ', 'ହୋଲି', 'ଜନମ କନ୍ହେୟାଜୀ', 'ବରସାତ', 'ଆଗ୍ରା କୀ ତଇରାକୀ', 'କର୍', 'ଓମର', 'ଗୋବର୍ଦ୍ଧନ', 'ରାଖୀ', 'ରୀଛ୍ କା ବଚ୍ଚା', 'ଗୃହିନୀ ରାତ', 'ଯୋଗୀ ନାମା', 'ଯୋଗନ ନାମା', 'ରୋଟି ନାମା', 'ଅନ୍ଧୀ' 'ଭୁଗୋଲ', ଓ 'ବଲଦେବଜୀ କା ମେଲା' ଇତ୍ୟାଦି ।

ସାଧାରଣ ଲୋକଙ୍କର ହର୍ଷବିଷାଦ, ଆନନ୍ଦ ଉଲ୍ଲାସ ଓ ସେମାନଙ୍କୁ ନେଇ ଅନେକ ଲୋକପ୍ରିୟ ଛବି ଏହି କବିତା ଗୁଡ଼ିକର ବିଷୟବସ୍ତୁ । ବଲଦେବଜୀକା ମେଲା, ତୈରାକୀ ଇତ୍ୟାଦି ଯେଉଁସବୁ ମେଳା ମହୋତ୍ସବରେ ନିମ୍ନ ଓ ନିମ୍ନ ମଧ୍ୟବିତ୍ତ ଶ୍ରେଣୀର ଲୋକ ବହୁ ସଂଖ୍ୟାରେ ଅଂଶ ଗ୍ରହଣ କରନ୍ତି; ହୋଲି ଓ ଦୀପାବଳୀ ପରି ଧର୍ମୀୟ ପର୍ବପର୍ବାଣୀରେ ଏବଂ ଝଡ଼ତୋଫାନ, ବର୍ଷାଋତୁ ଓ ଭୂକମ୍ପ ପରି ଯେଉଁସବୁ ପ୍ରାକୃତିକ ବିପର୍ଯ୍ୟୟ ବା ତାଣ୍ଡବଲୀଳା ସହିତ ସେମାନଙ୍କର ଦୁଃଖସୁଖ ଓତପ୍ରୋତ ଭାବରେ ଜଡ଼ିତ, ବା କାକରି, କୋରାବର୍ତ୍ତିନ, ଶବେବରାତ ପରି ଆମୋଦ ପ୍ରମୋଦ ବଂଜାରାନାମା, ଫନାନାମା ଡଫଲି, ଜବାନୀ, ବୁଢ଼ାପା, ଆଶିକନାମା ,ଏବଂ ଆଦମୀ ପରି ବିଷୟବସ୍ତୁ ଯାହା ଯୁଗେ ଯୁଗେ ଧରି ପ୍ରେମ, ବାର୍ଦ୍ଧକ୍ୟ, ମୃତ୍ୟୁ ଜନିତ ସମସ୍ୟା ଓ ସାମାଜିକ ଅନ୍ୟାୟ ଓ ଯେଉଁସବୁ ଚିରନ୍ତନ ଘଟଣା ପ୍ରବାହ ସହିତ ସେମାନଙ୍କର ଦୈନନ୍ଦିନ ଜୀବନ ଘନିଷ୍ଠ ଭାବରେ ଜଡ଼ିତ ସେହି ସବୁର ବାସ୍ତବ ଚିତ୍ର ନଜୀରଙ୍କ କବିତାରେ ବୁଦ୍ଧିମନ୍ତ ଓ ସାବଲୀଳ ଭାବରେ ପ୍ରକାଶ ପାଇଛି । ଏସବୁ କବିତାରେ ନଜୀରଙ୍କ ସଚେତନତାର ଚିହ୍ନ ସୁସ୍ପଷ୍ଟ ଭାବରେ ବିଦ୍ୟମାନ ।

ଜଣେ ଦ୍ରଷ୍ଟାର ଉଚ୍ଚ ଆସନରେ ନ ବସି ସେ ଆନନ୍ଦର ସହିତ ଲୋକମାନଙ୍କ ସହିତ ମିଶୁଥିଲେ ଏବଂ ସେମାନଙ୍କ ଜୀବନର ସୁଖଦୁଃଖରେ ଅଂଶଗ୍ରହଣ କରୁଥିଲେ । ମରଣଶୀଳ ମଣିଷମାନଙ୍କର ଭୁଲତ୍ରୁଟିର ବିଚାର କରିବା ପାଇଁ ସେ ଦାର୍ଶନିକର ବା ଏହି ଅନ୍ଧକାରାଚ୍ଛନ୍ନ ଗ୍ରହରେ ଘଟୁଥିବା ଘଟଣା ପ୍ରବାହର ଆଲୋଚକଙ୍କର ଭୂମିକା ଗ୍ରହଣ କରିନଥିଲେ । ଏବଂ ଛଳନା ରହିତ ଜଣେ ସାଧାରଣ ବ୍ୟକ୍ତିପରି ବଞ୍ଚିବାରେ ସେ ସନ୍ତୁଷ୍ଟ ଥିଲେ । କୌଣସି ଧର୍ମ ବା ପଦପଦବୀରୁ ମୁକ୍ତରହି ସାଧାରଣ ଜୀବନ ଜୀଇଁବାଲାଗି ତାଙ୍କୁ ଭଲ ଲାଗୁଥିଲା । ଅନ୍ୟସବୁ ବିଚାର ତାଙ୍କ ପକ୍ଷରେ ଥିଲା ପ୍ରହେଳିକା ପରି ବା ପରିଧାନ ପରିବର୍ତ୍ତନ କରିବା ପରି ଅସ୍ଥାୟୀ ଓ ଆକସ୍ମିକ । ଅଭିନେତାମାନେ ସର୍ବଦା ଏକାପରି ରହନ୍ତି । କେବଳ ସାଜସଜ୍ଜା ଓ ପରିଧାନ ବଦଳାଇ ଦିଆଯାଏ । ନିୟତି ସେମାନଙ୍କୁ ବହୁପ୍ରକାର ଭୂମିକାରେ, ବହୁପ୍ରକାର ବେଶରେ, କେତେବେଳେ ଭୀତିସୃଷ୍ଟି କରୁଥିବା ଆଡ଼ମ୍ବରପୂର୍ଣ୍ଣ ବେଶଭୂଷାରେ ତ ଆଉ କେତେବେଳେ ଜୀର୍ଣ୍ଣଶୀର୍ଣ୍ଣ ବସ୍ତ୍ରରେ ଆବଦ୍ଧ କରାଏ । ଏହି କାରୁକାର୍ଯ୍ୟପୂର୍ଣ୍ଣ ସାଜପୋଷାକ କେତେକଙ୍କ ମନରେ ଭ୍ରମସୃଷ୍ଟି କରିପାରେ, କିନ୍ତୁ ପ୍ରଭେଦ ନିର୍ଣ୍ଣୟ କରି ପାରୁଥିବା କବିଙ୍କ ମନରେ ନୁହେଁ । ପରିଧାନର ଆବରଣ ତଳେ ପ୍ରଚ୍ଛନ୍ନରେ ଥିବା ମଣିଷହିଁ ଥିଲା ତାଙ୍କ ଚିନ୍ତାର ବିଷୟ । ଏହି ବାସ୍ତବତାହିଁ ସାଧାରଣ ମଣିଷର ଜୀବନ । ଭଲ ସ୍ୱାସ୍ଥ୍ୟ ଓ ଶକ୍ତି, ଖଣ୍ଡେ ରୋଟି, ଭଲ ଜଳବାୟୁ, କିଛି ପ୍ରେମ, ସାମାଜିକ ନ୍ୟାୟ ଏବଂ ବନ୍ଧୁବାନ୍ଧବଙ୍କ ସହିତ ଆନନ୍ଦରେ ବଞ୍ଚିବାହିଁ ତାର ଏକମାତ୍ର କାମନାବାସନା । ଅନ୍ୟସବୁ ଛଳନା ନତୁବା

ପ୍ରତ୍ୟାଶା । ବଡ଼ ବଡ଼ ବା ପ୍ରତିପତ୍ତିଶାଳୀମାନଙ୍କ ପାଇଁ ତାହା ଛାଡ଼ିଦେଇ କବି ଜନସାଧାରଣଙ୍କ ମଧ୍ୟରେ ହଜାଇ ଦେଇଥିଲେ ନିଜକୁ ।

ନଜୀରଙ୍କ କାବ୍ୟର ପ୍ରଥମ ଓ ସର୍ବାଧିକ ମହତ୍ତ୍ୱପୂର୍ଣ୍ଣ ବିଶେଷତ୍ୱ ଥିଲା ମନଖୋଲା ଉନ୍ମୁକ୍ତତା ଏବଂ ସାଂସାରିକ ସଂଗଲିପ୍ସା । ଜୀବନକୁ ଏପରି ସାମଗ୍ରିକ ଭାବରେ ଅତି ଅଳ୍ପ ଉର୍ଦ୍ଦୁ କବି ଗ୍ରହଣ କରିଚନ୍ତି । କବିଙ୍କର ସମାଲୋଚକ ଫିରାକ୍‌ଙ୍କ ମତରେ କପାଳରେ ଚିନ୍ତାର ରେଖା ନଥାଣି, ପ୍ରତିବାଦ ବା ଅସନ୍ତୋଷ ପ୍ରକାଶ ନକରି ଜୀବନକୁ ସାମନା କରିବା ପାଇଁ କେବଳ ନଜୀରଙ୍କ ଏପରି ସାହସ ଥିଲା । ଏହାର ସୀମା ଭଲଭାବରେ ଜାଣି ମଧ୍ୟ ସେ ବଡ ଆନନ୍ଦରେ ଜୀବନଯାପନ କରୁଥିଲେ ।

ଜୀବନର ଅକ୍ଷମତାର ପରିସୀମା ତାଙ୍କ ଚେତନାରେ କିପରି ପ୍ରଭାବ ପକାଇଥିଲା ତାହା ସଂପୂର୍ଣ୍ଣ ଭାବରେ ଜାଣିବା ପାଇଁ ହେଲେ ନଜୀରଙ୍କ ସମୟର ଜଣେ ବୁଦ୍ଧିଜୀବି ଆଗରେ ବଂଚିବାର ଯେଉଁ ବିକଳ୍ପ ସବୁ ରହିଥିଲା ସେସବୁର ବିଶ୍ଳେଷଣ ଆବଶ୍ୟକ । ସାମନ୍ତବାଦର ତାହା ଥିଲା ଅବକ୍ଷୟର ସମୟ । ଏକ ପାଖରେ ଥିଲା ସମ୍ଭ୍ରାନ୍ତମାନଙ୍କର ସଂସ୍କୃତିକ ପରିବେଶ, ଅନ୍ୟ ପାଖରେ ଥିଲା ମେହେନତ କରୁଥିବା କୋଟି କୋଟି ଲୋକଙ୍କର ପୃଥିବୀ । କ୍ଷମତାର ସବୁ ସ୍ଥାନ ସମ୍ଭ୍ରାନ୍ତମାନଙ୍କର ଦଖଲରେ ଥିଲା ଏବଂ ସେମାନେ ମଧ୍ୟ ସଂସ୍କୃତିର ପ୍ରଧାନ ସଂରକ୍ଷକ ଥିଲେ । ସେମାନେ ସୁସଜ୍ଜିତ ହର୍ମ୍ୟ ଓ ଦିବାନଖାନାମାନଙ୍କରେ ବାସ କରୁଥିଲେ । ସେମାନଙ୍କର ଜୀବନ ଥିଲା ସୀମିତ ପରିସର ମଧ୍ୟରେ ଆବଦ୍ଧ । ବୈଠକଖାନାର ସୁଖ ଓ ମନୋରଞ୍ଜନରେ ତାହା ପୂର୍ଣ୍ଣ ଥିଲେ ବି ଜୀବନର ଆନନ୍ଦଉଲ୍ଲାସ, ବ୍ୟାପକତା ଓ ବିବିଧତା ସହିତ କୌଣସି ସଂପର୍କ ନଥିଲା । ଦରବାରର ଏହି ସୀମାବଦ୍ଧ ପରିସର ମଧ୍ୟରେ ପାରସୀ ଗୁଣଜ୍ଞମାନଙ୍କ ପରି କବିମାନେ ପ୍ରେମ ଓ ସୌନ୍ଦର୍ଯ୍ୟର ଗୀତ ଗାଉଥିଲେ । ଏହିପରି ଅବସ୍ଥାରେ ସମାଜରେ ଅଳ୍ପ କେତେ ଜଣଙ୍କ ମଧ୍ୟରେ ନିଜ ନିଜର ସ୍ଥାନ ନିରୂପଣ କରିନେବା ଉଦ୍ଦେଶ୍ୟରେହିଁ ଅନେକ କବି ଓ ବିଦ୍ୱାନ ସାହିତ୍ୟରେ ବିଚକ୍ଷଣତା ହାସଲ କରିବା ଲାଗି ନିଜକୁ ଶୃଙ୍ଖଳିତ କରୁଥିଲେ । ସେତେବେଳେ ନିର୍ଦ୍ଦିଷ୍ଟ ଧରାବନ୍ଧା ମୂଲ୍ୟବୋଧ, ବିଚାର, ଭାବନା ଏବଂ ଏପରିକି କାବ୍ୟିକ ରଚନାଶୈଳୀ ଅନୁସରଣ କରୁଥିବା ଜଣେ ବୁଦ୍ଧିଜୀବିକୁ ମଧ୍ୟ ଏହା ନିଃସ୍ୱ କରି ନେଉଥିଲା ।

ଏହି ସୀମାର ବାହାରେ ରହିଯାଇଥିଲେ ଅସଂଖ୍ୟ ମେହନତି ମଣିଷ । ସଂସ୍କୃତି ଓ ସଭ୍ୟତାରୁ ବହିଷ୍କୃତ ହୋଇ ମଧ୍ୟ ସେମାନେ ସମୃଦ୍ଧ ଜୀବନର ଅଧିକାରୀ ଥିଲେ । ବଂଚିବା ପାଇଁ ଜୀବନ ସଂଗ୍ରାମରେ ସଦାବେଳେ ବ୍ୟସ୍ତରହି ଅବସର ଓ ଅଧ୍ୟୟନର ସୁଯୋଗ

ନପାଇ ମଧ୍ୟ ଏବଂ ସାହିତ୍ୟ ଓ କଳା ଜଗତରେ ସ୍ୱୀକୃତିର କୌଣସି ସମ୍ଭାବନା ନଥିଲେ ସୁଦ୍ଧା, ସେମାନେ ନିଜ ଢଙ୍ଗରେ ନିଜ ନିଜର ଗୀତ ଗାଉଥିଲେ ଓ ଅନ୍ତରର ସବୁ ଅନୁଭୂତି, ଅକୃପଣ ଭାବରେ ବ୍ୟକ୍ତ କରୁଥିଲେ । ଯୁଗ ଯୁଗ ଧରି ମୁହଁରୁ ମୁହଁକୁ ସଂକ୍ରମିତ ହୋଇଥିବା ଲୋକଗୀତ, ଲୋକନୃତ୍ୟ, ମନୋରଞ୍ଜନ, ଖେଳ ଓ କାହାଣୀ ସେମାନଙ୍କୁ ମଗ୍ନ କରି ରଖିଥିଲା । ସେଥିରେ ଥିଲା ଅପର୍ଯ୍ୟାପ୍ତ ମୁକ୍ତ ଆନନ୍ଦ ଓ ପ୍ରଚୁର ଜୀବନୀଶକ୍ତି ଯାହା ଅତି ପ୍ରତିକୂଳ ଅବସ୍ଥାରେ ମଧ୍ୟ ସେମାନଙ୍କର ବଂଚିବାର ଆଗ୍ରହକୁ ଜୀବନ୍ତ କରି ରଖିଥିଲା ।

ସଂସ୍କୃତିର ଏହି ବିଭିନ୍ନ ଧାରା କୌଣସି ନିର୍ଜନ କୋଠରୀରେ ଆବଦ୍ଧ ନଥିଲା, ତଥାପି ଅଲିଖିତ ଲୋକସାହିତ୍ୟ ଦରବାରୀ ସାହିତ୍ୟର ପ୍ରଭାବରୁ ଊଣା ଅଧିକେ ମୁକ୍ତ ଥିଲା ଏବଂ ନିଜ ଗତିରେ ବିକାଶଲାଭ କରିଥିଲା ।

ଏଇ ଦୁଇଧାରାର ମଝିରେ ଠିଆ ହୋଇଥିଲେ ନଜୀର । ତାଙ୍କ କବିତାରେ ଲୋକ କଳା ଓ କ୍ଲାସିକ କାବ୍ୟର ତତ୍ତ୍ୱ ଉଭୟ ଥିଲା । କିନ୍ତୁ ଏଇ ଦୁଇଧାରାର ସମ୍ମିଶ୍ରଣ କରିବା ଦ୍ୱାରା ସାହିତ୍ୟରେ ତାଙ୍କ ସମୟର ବାସ୍ତବତା ଅଧିକ ବିଶ୍ୱାସଯୋଗ୍ୟ ହୋଇପାରିଥିଲା । ତାଙ୍କ ସଂଦର୍ଭରେ ଜନଗଣ ଶବ୍ଦର ଗଣତାନ୍ତ୍ରିକ ବା ସମାଜବାଦୀ ଅର୍ଥ ନଥିଲା । ତାଙ୍କ ଦୃଷ୍ଟିରେ ଜନଗଣ ଦେଶର ସର୍ବଭୌମ ସତ୍ତା ନଥିଲେ ବା ଇତିହାସର ଆତ୍ମସଚେତନ ନାୟକ ନଥିଲେ । ନିଜକୁ ଜାହିର କରୁନଥିବା ଆମର କବି ଜନସାଧାରଣଙ୍କଠାରେ ଏପରି କୌଣସି ଗୁଣଥିବାର ଅନୁମାନ କରୁନଥିଲେ, ତଥାପି ରାଜମହଲର ବିଳାସପୂର୍ଣ୍ଣ ପରିବେଶ ଅପେକ୍ଷା ସେ ସାଧାରଣ ଲୋକଙ୍କ ସୁଖଦୁଃଖରେ ଭାଗୀ ହେବା ଲାଗି ନିଷ୍ପତ୍ତି କରିଥିଲେ ।

ସାମାଜିକ ଶ୍ରେଣୀକରଣ ବିଷୟରେ ନଜୀର ସଚେତନ ଥିଲେ ଏବଂ ଏହା ପ୍ରତ୍ୟାଖ୍ୟାନ କରିଥିଲେ । ସେ ଜଣେ ସନ୍ଥ ବା ସମାଜ ସଂସ୍କାରକ ନଥିଲେ ସୁଦ୍ଧା, ଜୀବନ ଓ ମୃତ୍ୟୁରେ ମାନବ ସମାଜର ସମତା ଲକ୍ଷ୍ୟ କରିଥିଲେ । ଘୂର୍ଣ୍ଣିବାତ୍ୟା, ଭୂକମ୍ପ ବା ଏକ ସାଧାରଣ ଜ୍ୟୋତ୍ସ୍ନାସ୍ନାନ ରାତ୍ରି ପରି ପ୍ରାକୃତିକ ବ୍ୟାପାର, ଧନୀ ଓ ଗରୀବ ଉଭୟଙ୍କୁ ପ୍ରଭାବିତ କରେ । ମୃତ୍ୟୁ ମଣିଷର ଅହମିକାକୁ ଧ୍ୱଂସ କରେ । ସବୁ ସନ୍ତାନ ନିଷ୍ପାପ ଓ ସୁନ୍ଦର । ଜାତି ଓ ଧର୍ମ ନିର୍ବିଶେଷରେ ସବୁ ତରୁଣ ମାନେ ପ୍ରେମ କରନ୍ତି ଏବଂ ଆନନ୍ଦ ପାଆନ୍ତି, ବାର୍ଦ୍ଧକ୍ୟରେ ସ୍ତ୍ରୀ ଓ ପୁରୁଷ ସମସ୍ତଙ୍କର ବଂଚିବାର ମୋହ ତୁଟିଯାଏ । ସଂସାରରେ ଅର୍ଥର ପ୍ରବଳ ପ୍ରଭାବ ସଂପର୍କରେ ସଚେତନ ଥାଇ ମଧ୍ୟ ସେ ଧନ ବା ଜାତିକୁ ଭିତ୍ତିକରି ମଣିଷମାନଙ୍କୁ ବିଭିନ୍ନ ଶ୍ରେଣୀରେ ବିଭକ୍ତ କରୁନଥିଲେ । ତେଣୁ ଅନେକ

ସମୟରେ ନିଜ ବୟସର ପୁରୁଷ ଓ ମହିଳାମାନଙ୍କୁ ବିଚାର ନକରି ସେମାନଙ୍କୁ ସେ ସ୍ୱତନ୍ତ୍ର ଦୃଷ୍ଟିରେ ଦେଖୁଥିଲେ । ଏହାହିଁ ତାଙ୍କୁ ପ୍ରତିଷ୍ଠିତ କରିଥିଲା ସର୍ବକାଳର କବି ଓ ମାନବବାଦୀ ଭାବରେ ।

କେବଳ ଏକ ମୁଖ୍ୟ ପାର୍ଥକ୍ୟ ବ୍ୟତୀତ ନଜୀର ପ୍ରକୃତରେ କବୀର ଓ ନାନକ ପ୍ରଭୃତିଙ୍କ ପରମ୍ପରା ଅନୁସରଣ କରିଥିଲେ । ତାଙ୍କର ମାନବବାଦୀ ଚିନ୍ତାଧାରା ଧର୍ମୀୟ ଭାବନା ଦ୍ୱାରା ପ୍ରଭାବିତ ହୋଇନଥିଲା । ସେ ନିଜେ କୌଣସି ଧର୍ମ ପ୍ରଚାର କରିନଥିଲେ । ସେ ଥିଲେ ଜଣେ ନିଷ୍ଠାବାନ ମୁସଲମାନ ଓ ପୟଗମ୍ବର ମହମ୍ମଦଙ୍କ ପୁତୁରା ଓ ଜ୍ୱାଇଁଙ୍କର ଅଲୌକିକ ଶକ୍ତି ସମ୍ବନ୍ଧରେ ସେ ପଦ୍ୟ ରଚନା କରିବା ସଙ୍ଗେ ସମାନ ଉତ୍ସାହର ସହିତ ଗୁରୁ ନାନକ, ବଳଦେବ ଓ ଶ୍ରୀକୃଷ୍ଣ ତଥା ଅନ୍ୟାନ୍ୟ ସନ୍ଥ ଓ ଧର୍ମ ପ୍ରବର୍ତ୍ତକ-ମାନଙ୍କର ଗୁଣକୀର୍ତ୍ତନ ମଧ୍ୟ କରିଥିଲେ । ଏହାସତ୍ତ୍ୱେ,ଖାଲି ଧର୍ମବିଶ୍ୱାସ ବା ଆଧ୍ୟାତ୍ମିକତାର ବିଚାରକରି ସେ ମଣିଷକୁ ଭଲ ପାଉନଥିଲେ, ବରଂ ମଣିଷକୁ ସେ ଭଲ ପାଉଥିଲେ ଜୀବନ ପ୍ରତି ତାଙ୍କର ଅସୀମ ପ୍ରେମ ଥିଲା ବୋଲି । ଏକ ସାମନ୍ତବାଦୀ ସମାଜରେ ଧର୍ମ-ଧାରଣା ପ୍ରବଳ ଥିଲାବେଳେ ଧର୍ମ ବା ଆଧ୍ୟାତ୍ମିକତାର ଆଶ୍ରୟ ନନେଇ ଏପରି ଉଚ୍ଚକୁ ଉଠିବା କମ ଗୌରବର ବିଷୟ ନୁହେଁ !

ମଣିଷ ଓ ସଂସାର ପ୍ରତି ତାଙ୍କର ଦୃଷ୍ଟିକୋଣ ଜଣେ ଦାର୍ଶନିକର ଦୃଷ୍ଟିକୋଣ ବା ଦର୍ଶନ ଭାବରେ କେବେହେଁ ଗ୍ରହଣ କରାଯାଇ ନପାରେ । ସେ ପ୍ରଚାର କରିବାକୁ ଘୃଣା କରୁଥିଲେ । ପ୍ରବଚନ ଦେବା ପସନ୍ଦ କରୁନଥିଲେ । ସମକାଳୀନ ଜୀବନର ବାସ୍ତବତା ଓ ଉନ୍ମୁଖତା ତାଙ୍କ କବିତା ଓ ଗାନର ବିଷୟବସ୍ତୁ ଥିଲା । ଗୃହସ୍ଥର ସତତା, ସରଳତା, ସାଧାରଣତା ଓ ଆଡମ୍ବରହୀନତା ଉପରେ ତାଙ୍କ ନିଜର ସତତା ଆଧାରିତ । ସେ ସାଧାରଣ ଜୀବନର ଛୋଟ ଛୋଟ ଘଟଣା ଓ ଦୁଃଖସୁଖର ବର୍ଣ୍ଣନାରେ ଯେପରି ଅସାମାନ୍ୟ ସଫଳତା ପ୍ରଦର୍ଶନ କରିଛନ୍ତି, ତାହା ଅନ୍ୟ କୌଣସି ଉର୍ଦ୍ଦୁ କବି ଦାବୀ କରି ନ ପାରନ୍ତି ।

ମାତୃଭୂମି ସହିତ ଏପରି ନିକଟତମ ସମ୍ପର୍କ ଅଳ୍ପ ଲୋକଙ୍କ ଭାଗ୍ୟରେ ଘଟେ । ଚାରିପାଖର ଜୀବନପ୍ରତି ଗଭୀର ମମତା ଦ୍ୱାରାହିଁ ଜଣେ ଏପରି ବିଚକ୍ଷଣ ପର୍ଯ୍ୟବେକ୍ଷଣ କ୍ଷମତା ଅର୍ଜନ କରିପାରେ । ଜୀବନକୁ ସେ ଠିକ୍, ନିର୍ଭୁଲ ଓ କୁଶଳତାର ସହିତ ଚିତ୍ରଣ କରିଛନ୍ତି । ଅସାଧାରଣ ଓ ନିର୍ଭୁଲ ପର୍ଯ୍ୟବେକ୍ଷଣ ଶକ୍ତିର ପ୍ରମାଣ ମିଳେ ତାଙ୍କ ରଚନାର ଘଟଣା ପ୍ରବାହ ସହିତ ପ୍ରତିବିମ୍ବ ପରେ ପ୍ରତିବିମ୍ବର ଆବିର୍ଭାବରେ । ବିଷୟବସ୍ତୁର

ବାସ୍ତବ ଓ ଠିକଣଖି ବର୍ଣ୍ଣନା ତାଙ୍କ ରଚନାର ଉତ୍କର୍ଷତାର ଶୀର୍ଷ ଦେଶରେ ପହଂଚିଛି । ଏଥିରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ ସେ କେବଳ ଜଣେ ନିଲିପ୍ତ ଦର୍ଶକ ବା ଚିତ୍ରଗ୍ରହଣକାରୀ ଫଟୋଗ୍ରାଫର ନୁହନ୍ତି । ଗୃହପାଖରେ ଅଭିନୀତ ହେଉଥିବା ନାଟକର ଦୃଶ୍ୟ ଓ ସଂଳାପର ମଧ୍ୟ ସେ ଜଣେ ଅନ୍ତରୀଣ ଅଂଶୀଦାର । ମେଳାମହୋତ୍ସବ, ପେଶା ଓ ଅବସର ବିନୋଦନ, ବର୍ଣ୍ଣାଢ୍ୟ ପ୍ରାଣୀ ଓ ଉଦ୍ଭିଦ ଜଗତ ସମ୍ପର୍କରେ ତାଙ୍କର ପ୍ରଚୁର ଜ୍ଞାନ ଥିଲା । ତାଙ୍କ ରଚନା ପାଠକରି ଏହା ନିଃସନ୍ଦେହରେ କୁହାଯାଇପାରେ ଯେ ସେ ଯାହା ଦେଖୁଥିଲେ ତାର ଏକ ନିଷ୍ପ୍ରାଣ, ନୀରସ ତାଲିକା ନଦେଇ କେବଳ ତାଙ୍କ ଗୃହପାଖରେ ଘଟିବା ଓ ଘଟୁଥିବା ଦୃଶ୍ୟ ସହିତ ନାଗରିକ ଜଗତ ସମ୍ପର୍କରେ ସଚେତନଭାବରେ, ଏକ ପ୍ରାଣବନ୍ତ ଚିତ୍ର ଅଙ୍କନ କରି ଯାଇଛନ୍ତି ।

ତାଙ୍କ କାବ୍ୟ ପ୍ରତିଭାର ଭୂରି ଭୂରି ଦୃଷ୍ଟାନ୍ତ ନଜୀରଙ୍କ କାବ୍ୟକୃତିରେ ଦେଖିବାକୁ ମିଳେ । ଗଜଲର ଦିବାନ ବାଦ ଦେଇ ମଧ୍ୟ, ତାଙ୍କ କବିତାର ସାମଗ୍ରିକ ସମୀକ୍ଷା ମୁସଦ୍ଦସ ଗୀତରେ ଲିଖିତ ଛଅଧାଡ଼ି ବିଶିଷ୍ଟ ସ୍ତବକ, ମୁଖମ୍ମସ ଗୀତରେ ଲିଖିତ ପାଞ୍ଚଧାଡ଼ି ବିଶିଷ୍ଟ ସ୍ତବକ, ମୁସମ୍ମନ ଗୀତରେ ଲିଖିତ ଆଠଧାଡ଼ି ବିଶିଷ୍ଟ ସ୍ତବକ ବା ସେହିପରି ଢଙ୍ଗରେ ତାଙ୍କ ଦ୍ୱାରା ଲିଖିତ ଅନ୍ୟାନ୍ୟ ଲମ୍ବା କବିତାବଳୀର ସମବେତ ନିରୀକ୍ଷଣ ଓ ମୂଲ୍ୟାୟନ ଉପରେ ନିର୍ଭର କରେ । ଉର୍ଦ୍ଦୁ କବିତାରେ ଗଜଲପରି, କବିତା ଲେଖିବାର ଏକ ସ୍ୱତନ୍ତ୍ର ଧାରା ଭାବରେ, 'ନଜମ' ମଧ୍ୟ ପରିଚିତ । ଏଥିରେ ଭାବ ଓ ଆବେଗ ଉପରେ ଆଧାରିତ ପ୍ରତ୍ୟେକ ପଦାବଳୀ ଗଜଲଠାରୁ ସ୍ୱତନ୍ତ୍ର ଏବଂ ଏହା ଅଠରଶହ ସତୁରି ସାଲ ଆଗରୁ ପ୍ରଚଳିତ ନ ଥିଲା । ଇଂରେଜ ପ୍ରଭାବ ସାହିତ୍ୟରେ ପ୍ରବେଶ କରିବା ପରେହିଁ ଏହି ଧରଣର କବିତାର ଉଦ୍ଭବ ହେଲା । ପାଶ୍ଚାତ୍ୟ ସାହିତ୍ୟର ପ୍ରଭାବରେ ପଡ଼ି କବିତା ରଚନାର ମୋଡ଼ ବଦଳିବା ଆଗରୁ ନଜୀର ନୂତନ ରଚନାଧାରା ପ୍ରବର୍ତ୍ତନ କଲେ । ଗୋଟିଏ ସୂତାରେ ମାଳ ଗୁନ୍ଥା ହେଲାପରି ବହୁ ଭାବ ଓ ଆବେଗକୁ ଗୋଟିଏ ସୁସଙ୍ଗଠିତ କବିତାରେ ଆମୂଳଚୂଳ ବ୍ୟକ୍ତ କରିବାର ପ୍ରଥମ ପଥପ୍ରଦର୍ଶକ ଭାବରେ ସେ ପରିଚିତ ।

ଏହି କାରଣରୁ ନଜୀରଙ୍କ ଦ୍ୱାରା ରଚିତ ସବୁ ପ୍ରକାର କବିତାରୁ ସୁନିର୍ବାଚିତ କିଛି କବିତା ଇଂରାଜୀ ଭାଷାରେ ପାଠକମାନଙ୍କ ଆଗରେ ଉପସ୍ଥାପିତ କରିବା ଉଚିତ ହେବ । ଏହି ଉଦ୍ଦେଶ୍ୟରେ ମଂଟମୁର ଅକବରାବାଦୀଙ୍କ ଦ୍ୱାରା ସଂକଳିତ 'ରୂହେ ନଜୀର' (୧୧) (ଗୟା ପ୍ରସାଦ ଏଣ୍ଡ ସନ୍ସଙ୍କ ଦ୍ୱାରା ଅଗ୍ରାରେ ୧୯୪୬ରେ ପ୍ରକାଶିତ) ଏବଂ ମର୍ଜାଫର-ହତୁଲ୍ଲା ବେଗଙ୍କ ଦ୍ୱାରା ରଚିତ 'ଦୀୱାନେ-ନଜୀର ଆକବରାବାଦୀ' (ଅଞ୍ଜୁମନେତରକ୍କୀଏ ଉର୍ଦ୍ଦୁ, ହିନ୍ଦୀ ଦିଲ୍ଲୀରେ ୧୯୪୨ରେ ପ୍ରକାଶିତ)ଙ୍କ ସଂକଳନରୁ କେତେକ ନିର୍ବାଚିତ

କବିତା ଉଦ୍ଧାର କରାଯାଇଛି । କାରଣ ଏହି ଦୁଇଟି ସଙ୍କଳନରେ ଉଦ୍ଧୃତ କବିତା ଗୁଡ଼ିକ ନଓ୍ୱଲ କିଶୋରଙ୍କ ସଙ୍କଳନର କବିତା ଗୁଡ଼ିକ ଅପେକ୍ଷା ଅଧିକ ନିର୍ଭୁଲ ଓ ଶୁଦ୍ଧ ।

'ରିହ୍ନେ ନଜୀର ସଂକଳନରେ ଏକାବନଟି କବିତା ଏବଂ ଅନେକ ଗୁଡ଼ିଏ ଗଜଲ ଅଛି । ଫରହତୁଲ୍ଲା ବେଗଙ୍କ ଦିଓ୍ୱାନରେ କେବଳ ଗଜଲ ଅଛି । (୧୭୬ ପୃଷ୍ଠାର ଦିଓ୍ୱାନରେ ରଚିତ ୧୫୬ଟି ଗଜଲ ଏବଂ ଏଥି ସହିତ ସଂଯୁକ୍ତ କରାଯାଇଥିବା ୩୭ପୃଷ୍ଠାରେ ଅଛି ୫୮ଟି ଗଜଲ ଓ ଆଉ କେତେକ ପଦାବଳୀ) ।

ତାଙ୍କର ପ୍ରଥମ କବିତା 'ଇଲହାମନାମା' ସାଂସାରିକ ଐଶ୍ୱର୍ଯ୍ୟ, ଜ୍ଞାନ ସମ୍ପତ୍ତି ଓ ଶକ୍ତିର ନଶ୍ୱରତା ଉପରେ ଆଧାରିତ । ଏହା ସହିତ ଈଶ୍ୱରଙ୍କ ଅନିତ୍ୟତା ସମ୍ବନ୍ଧରେ ଆଭାସ ମଧ୍ୟ ରହିଛି :

"ଆଖିର ଓ୍ୱହୀ ଅଲ୍ଲାହ କା ଏକ ନାମ ରହେଗା ।"

ସାଧୁ ଓ ପାପୀ, ଦୃଢ଼ବିଶ୍ୱାସୀ ଓ ଅବିଶ୍ୱାସୀ, ପ୍ରଚଳିତ ବିଧିବ୍ୟବସ୍ଥାର ସମର୍ଥକ ଓ ସ୍ୱାଧୀନଚେତା, ଧନବ୍ୟବସାୟୀ ଓ କ୍ଷମତାମତ୍ତ ସମ୍ରାଟ ସମସ୍ତେ ନିୟତି ଓ ମୃତ୍ୟୁ ଆଗରେ ସମାନ ବିବେଚିତ ହୁଅନ୍ତି । ଗଗନଚୁମ୍ବି ସୌଧ, ସୁନ୍ଦରୀ ପ୍ରେମିକା ଓ ନିଷ୍ଠାବାନ ପ୍ରେମିକ ସମସ୍ତେ ଶେଷରେ ମୃତ୍ୟୁମୁଖରେ ପଡ଼ନ୍ତି । କିନ୍ତୁ ନଜୀରଙ୍କ ବିଶେଷତ୍ୱ ଏହି ଯେ ସେ ସଂସାରର ଅନିତ୍ୟତାକୁ ଅଧିକ ପ୍ରାଧାନ୍ୟ ନଦେଇ, ଏହି କାରଣରୁ, ତାଙ୍କ ପ୍ରତି ଅଧିକ ସଦୟ ଦୃଷ୍ଟି ଦିବା ପାଇଁ ସେ ନିଜର ପ୍ରେମିକାକୁ ବୁଝାଇବାକୁ ପ୍ରୟାସ କରିଛନ୍ତି ।

"ମିଲନେ ସେ ହମାରେ ଯୋ ତୁମ୍ହେ ଆତା ହେ ଇଲଜାମ
ଆନେ ଦୋ ପର ତୁମ ହମସେ ମିଲ ଯାଓ ସହର ସୀମା
ଫିର ହୁସ୍ନ କହାଁ; ଅପନେ ରଖୋ କାମ ସେ ତୁମ କାମ
ଝକ ମାରତେ ହୈ, ଓ୍ୱ ଯୋ ତୁମ୍ହେ କରତେ ହେଁ ବଦନାମ ।"(୧୧)

ଆଶା ବିଷାଦ ଓ ପ୍ରସନ୍ନତାର ଏହି ଅପୂର୍ବ ସମନ୍ୱୟ ତାଙ୍କୁ ସମସ୍ତ ରହସ୍ୟବାଦୀ ଓ ସନ୍ଥସାଧକ ମାନଙ୍କଠାରୁ ସ୍ୱତନ୍ତ୍ର ଭାବରେ ପରିଚିତ କରାଏ । ଏହି ବିଶେଷତ୍ୱ ମଧ୍ୟ ତାଙ୍କର ଧର୍ମନିରପେକ୍ଷ ଦୃଷ୍ଟିକୋଣ ଏବଂ ସାଂସାରିକତା ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରେ ।

ଅଣ୍‌ଷଠି ପରିଚ୍ଛେଦ ବିଶିଷ୍ଟ 'ବରସାତ କୀ ବାହାରେଁ', ତାଙ୍କର ପର୍ଯ୍ୟବେକ୍ଷଣ କରିବାର କ୍ଷମତା ଓ ଜୀବନପ୍ରତି ଗଭୀର ପ୍ରେମକୁ ପ୍ରମାଣିତ କରେ । ଗଜଲ ପ୍ରଭୃତି ଉର୍ଦ୍ଦୁ କବିତାବଳୀ ଆତ୍ମମୁଖୀତ୍ୱ ଓ ବିଷାଦଗ୍ରସ୍ତ ମାନସିକତା ଦୋଷଦୁଷ୍ଟ ବୋଲି ଅଭିଯୋଗ ହୋଇଥାଏ । କିନ୍ତୁ ନଜୀରଙ୍କ କବିତା ସୌନ୍ଦର୍ଯ୍ୟର ଚିତ୍ରାଙ୍କନ ପରି ମହିମାନ୍ୱିତ ଓ ଚମତ୍କାର । ମନ୍ଦ ମନ୍ଦ ମଳୟ, ଗଜୁରୁଥିବା ଘାସ, ପଡୁଥିବା ବର୍ଷାର ସଂଗୀତ, ମେଘମାଳା, ହ୍ରଦ ଏବଂ ପୁଷ୍କରିଣୀ ପ୍ରଭୃତି ପ୍ରକୃତିର ପୃଷ୍ଠଭୂମିକୁ ଆହୁରି ଅଧିକ ସାବଲୀଳ କରେ ଯେଉଁଠାରେ ଅସଂଖ୍ୟ ପକ୍ଷୀଙ୍କର କଳରବର ସଂଗୀତ ଆହୁରି ଅଧିକ ଆନନ୍ଦମୟ ମନେହୁଏ ।

'ବରସାତ କୀ ବାହାରେଁ' କବିତା ମୁଖ୍ୟତଃ ବର୍ଣ୍ଣନାତ୍ମକ, କିନ୍ତୁ ଏହା ସମକାଳୀନ ସଂସ୍କୃତିର ସୁନ୍ଦର ଦୃଶ୍ୟରେ ପୂର୍ଣ୍ଣ । ଲନ ଉପରେ, ବଗିଚାରେ ବା ସବୁଜ ବନସ୍ପତି ଉପରେ ପଡୁଥିବା ବର୍ଷାର ବର୍ଣ୍ଣନା ଅତି ଜୀବନ୍ତ ଭାବରେ କବି ଚିତ୍ରଣ କରିଛନ୍ତି । ମେଘର ବଜ୍ରନିର୍ଘୋଷ ତାଙ୍କୁ ଅରକେଷ୍ଟ୍ରାର ଧ୍ୱନି ପରି; ଘନ କଳାମେଘ ସବୁଜ ଶ୍ରୀମଣ୍ଡିତ ଲନ୍ ଜଣେ କଳାକାରର ରଙ୍ଗଜଗତ ଏବଂ ପକ୍ଷୀମାନଙ୍କର କିଚିରିମିଚିରି ତାଙ୍କୁ ପ୍ରକୃତିର ମାଦକଭରା ସଂଗୀତ ପରି ଶୁଣାଯାଏ । ଏହା ମଧ୍ୟ ଦେଖାଯାଏ ଯେ ପ୍ରାୟ ସବୁଠାରେ ନଜୀର ମଣିଷ ଜୀବନର ପୃଷ୍ଠଭୂମିରେ ପ୍ରକୃତିର ସୌନ୍ଦର୍ଯ୍ୟ ବର୍ଣ୍ଣନା କରିଛନ୍ତି । ପ୍ରକୃତିର ନୈସର୍ଗିକ ସୌନ୍ଦର୍ଯ୍ୟରେ ସେ ମଣିଷର ସାନ୍ନିଧ ଉପଭୋଗ କରନ୍ତି ଏବଂ ଗାଲିଚା ଓ ବିଛଣା ଚଦରର ସାଦୃଶ୍ୟ ଶସ୍ୟକ୍ଷେତ ଓ ଲନ୍‌ର ବର୍ଣ୍ଣନା କଲାବେଳେ, ସବୁ ଯେ ଈଶ୍ୱରଙ୍କ ସୃଷ୍ଟି, ତାହା ଅନୁଭବ କରନ୍ତି । ସ୍ଥିର ଜୀବନରୁ ସେ ଚାଲି ଯାଆନ୍ତି କୋଇଲି ଓ ପକ୍ଷୀମାନଙ୍କ ପାଖକୁ ଏବଂ ତାପରେ ବର୍ଷାଦିନର ଜୀବନର ଅନୁଭବକୁ । ପ୍ରେମିକମାନେ ପ୍ରଥମେ ଆସନ୍ତି । ସେମାନଙ୍କ ମଧ୍ୟରୁ ପ୍ରଥମ କେତେକ ପରସ୍ପରକୁ ଆଲିଙ୍ଗନ ଓ ଚୁମ୍ବନ କଲାବେଳେ ଆଉ କେତେକ, ଯେଉଁମାନଙ୍କର ପ୍ରିୟଜନ ଦୂରରେ ଥାଆନ୍ତି, ସେମାନଙ୍କ ପାଇଁ ବେଦନାରେ ମ୍ରିୟମାଣ ହୁଅନ୍ତି । ପ୍ରିୟର ବିରହରେ ତରୁଣୀ ବଧୂ ମଥାର ଓଢ଼ଣୀରେ ରଂଗ ଲଗାଏ ନାହିଁ କିମ୍ବା ଗୃହାଙ୍ଗନରେ ଝୁଲି ବାନ୍ଧେ ନାହିଁ ବା ବର୍ଷାଦିନେ ଉପଭୋଗ କରିବା ଲାଗି ଖେଚେଡ଼ି ପରି ବିଶେଷ କିଛି ସୁସ୍ୱାଦୁ ଖାଦ୍ୟ ରାନ୍ଧେ ନାହିଁ । ବିରହ, ଜୀବନକୁ ମ୍ଳାନ ଓ ପ୍ରାଣକୁ ବ୍ୟାଥାତୁର କରିଦିଏ । ଏହାର ଅଜସ୍ର ପ୍ରାଣବନ୍ତ ବର୍ଣ୍ଣନା ମିଳେ ନଜୀରଙ୍କ କବିତାରୁ ।

କିନ୍ତୁ ବର୍ଷା ସମସ୍ତଙ୍କ ପକ୍ଷରେ ସମାନ ଭାବରେ ସୁଖପ୍ରଦ ନୁହେଁ । ଧନୀ ଓ ଦରିଦ୍ର ଭିନ୍ନ ଭିନ୍ନ ଭାବରେ ବର୍ଷାର ସମ୍ମୁଖୀନ ହୁଅନ୍ତି । ଧନୀମାନେ ନିଜନିଜର ଅଟ୍ଟାଳିକାରେ ବସି ବର୍ଷାର ଦୃଶ୍ୟ ଉପଭୋଗ କଲାବେଳେ ଦରିଦ୍ରମାନେ କୁଡ଼ିଆ ଭିତରେ ଆଶ୍ରୟ

ଦିଅନ୍ତି । ବର୍ଷାରେ ଭାଙ୍ଗି ପଡୁଥିବା ଘର ଓ ଚାଳର ଛିଦ୍ର ଦେଇ ପଡୁଥିବା ବର୍ଷା ପାଣି ସେମାନଙ୍କର ଜୀବନକୁ ଆହୁରି ଯନ୍ତ୍ରଣାରେ ଭରିଦିଏ ।

ଏହି ପୃଷ୍ଠଭୂମିରେ ଜୀବନର ଅନ୍ୟପାଖର ଚିତ୍ର ଉଦ୍‌ଭାସିତ ହୁଏ । ଅସଂଖ୍ୟ କୀଟ ପତଙ୍ଗ ଆଖିରେ ପଡନ୍ତି । କଙ୍କଡ଼ାବିଛା ଶୁଙ୍ଗ ଟେକେ ଚାଲିବାର ଦୃଶ୍ୟ ଭୟଙ୍କର ଲାଗେ । ମଶା ମାଛି ଉପଦ୍ରବରୁ ମେଲେରିଆ ଓ ଅନ୍ୟାନ୍ୟ ରୋଗ ବ୍ୟାପିଯାଏ । ଗୁଳୁଗୁଳି ଯୋଗୁ ଦେହରେ ଘିମିରି ବାହାରେ । କିନ୍ତୁ ଜୀବନର ଏଇସବୁ ଯନ୍ତ୍ରଣାରେ ମଧ୍ୟ ମୁହଁରେ ହସ ନେଇ କବି ଉପଭୋଗ କରନ୍ତି । ଏପରିକି ପ୍ରବଳ ବର୍ଷାରେ ଭାଙ୍ଗି ପଡ଼ୁଥିବା ଘରର ଦୃଶ୍ୟ ଜୀବନକୁ ଆହୁରି ଚଂଚଳ ଓ ବ୍ୟସ୍ତ କରିଦିଏ । ଯୌବନର ଆନନ୍ଦ ଓ ଉଲ୍ଲାସ ପୁଣି ଉଦ୍‌ଭାସିତ ହୁଏ । ଏହି ଦୃଶ୍ୟ ସାମନ୍ତମାନଙ୍କ ଗୃହାଙ୍ଗନରୁ ବେଶ୍ୟା ମାନଙ୍କ ଶଯ୍ୟା ପର୍ଯ୍ୟନ୍ତ ପ୍ରସାରିତ ହୁଏ । ଆକର୍ଷଣୀୟ ଓ ଲୋଭନୀୟ ବେଶଭୂଷା ପରିଧାନ କରି ଦ୍ୱାରମୁହଁରେ ଛିଡ଼ା ହୋଇ ମନକୁ ଉତ୍ତେଜିତ କରୁଥିବା ସେଇ ବାରାଙ୍ଗନା ମାନଙ୍କ ପାଖକୁ ଯାଇ ଆଦିମ ପ୍ରବୃତ୍ତି ଚରିତାର୍ଥ କରିବାଲାଗି କିପରି ନାଟକ ଅଭିନୀତ ହୁଏ ତାହା ମଧ୍ୟ ତାଙ୍କ ବର୍ଣ୍ଣନାରୁ ବାଦ ପଡ଼ିନାହିଁ । ତରୁଣ ଓ ଦମ୍ପତ୍ତିମାନଙ୍କୁ ମୁଗ୍ଧ ଓ ବିପଥଗାମୀ କରି ସେମାନେ ବୃଦ୍ଧ ଓ ଗରିବ ମାନଙ୍କୁ ଘୃଣାରେ ଦୂରେଇ ଦିଅନ୍ତି । ଶେଷ ଛଅଟି ପଦାବଳୀରେ କାଦୁଅ ଓ ପାଣିରେ ଚାଲିବା ବେଳେ କିପରି ପଥଚାରୀ ମାନଙ୍କର ପାଦ ଖସିଯାଏ ଓ ଦର୍ଶକମାନେ ସେଇ ଦୃଶ୍ୟ ଉପଭୋଗ କରନ୍ତି ତାର ଜୀବନ୍ତ ଚିତ୍ର ଫୁଟାଇଛନ୍ତି । କାଦୁଅ ଓ ପାଣି ଲାଗି ଅପରିଷ୍କାର ହୋଇଥିବା ପରିଧାନ ବର୍ଷାଦିନର ରଙ୍ଗୀନ ଦୃଶ୍ୟକୁ ଆହୁରି ସଜୀବ କରିଦିଏ ଏବଂ ଧନୀ ଦରିଦ୍ର, ତରୁଣ ବୃଦ୍ଧ, ପ୍ରେମିକ ପ୍ରେମିକା ସମସ୍ତଙ୍କର ହୃଦୟ ଆନନ୍ଦରେ ଭରି ଯାଏ ।

କବିତାର ସଙ୍ଗଠନ ଶକ୍ତିଶାଳୀ ନୁହେଁ ଏବଂ ଏହାର ସମାପ୍ତି ହଠାତ୍ ହୋଇଯିବା ପରି ଲାଗେ । ନିପୁଣତାର ଓ ସଚେତନତାର ସହିତ କବିତାର ଶୀର୍ଷ ବିନ୍ଦୁରେ ବା ଭାବର କେନ୍ଦ୍ରବିନ୍ଦୁରେ ପହଂଚିବାକୁ ଚେଷ୍ଟା କରାଯାଇ ନାହିଁ । ଗୋଟିଏ ବର୍ଷାଦିନର ବିଭିନ୍ନ ଦୃଶ୍ୟ କବି କ୍ୟାମେରାରେ ଉଠାଇନବା ପରି ଲାଗୁଛି ଏବଂ ଫଟୋଗ୍ରାଫରେ ସେଇ ଦୃଶ୍ୟଟି ଧରା ଦେଇଥିଲେ ବି ହଠାତ୍ ତାହା ଶେଷ ହୋଇଯାଇଛି, ତାପରେ ଭାବ ବା ଆବେଗର ଅନୁଭବ ଆଉ ରହୁନାହିଁ । କିନ୍ତୁ କବିତାର ଐଶ୍ୱର୍ଯ୍ୟ ଏହାର ଅନ୍ତର୍ନିହିତ ଶକ୍ତି ବା ଉଚ୍ଚତର ଅର୍ଥପୂର୍ଣ୍ଣତାରେ ସନ୍ନିହିତ ନହୋଇ ହୋଇଛି ଜୀବନକୁ ସାମଗ୍ରିକ ଭାବରେ ପର୍ଯ୍ୟବେକ୍ଷଣ ଓ ଏହାର ସାମଗ୍ରିକ ଚିତ୍ର ଅଙ୍କନ କରିବାରେ ।

ତୃତୀୟ ଓ ଅତ୍ୟନ୍ତ ପ୍ରସିଦ୍ଧ କବିତା 'ବଂଜାରା ନାମା' ଏକ ରୂପକ ଅଟେ । ଗୋଟିଏ ସ୍ଥାନରେ ବସବାସ ନକରି ବା ଧନସଂପଦ ଠୁଳ ନକରି ବଂଜାରାମାନେ ଯାଯାବରମାନଙ୍କ ପରି ବିଭିନ୍ନ ସ୍ଥାନରେ ସାମୟିକ ଭାବରେ ଜୀବନ ଯାପନ କରନ୍ତି । ନଜୀରଙ୍କ ଦୃଷ୍ଟିରେ ସେମାନେ କ୍ଷଣଭଙ୍ଗୁର, ମରଣଶୀଳ ଜୀବନର ପ୍ରତିନିଧିତ୍ୱ କରନ୍ତି, କାରଣ ମରଣଶୀଳ ମଣିଷ ପ୍ରାୟ ଭୁଲିଯାଏ ଯେ ସଂପଦ ଅର୍ଜନ କରିବା ନିରର୍ଥକ । ଏହି କବିତା ଅନୁବାଦ ଯୋଗ୍ୟ ନୁହେଁ । ଏଥିରେ ବଂଜାରାର ଜୀବନଧାରା ବର୍ଣ୍ଣିତହୋଇଥିଲେବି ସାଂସାରିକ ସୁଖ ଓ ସମୃଦ୍ଧିପାଇଁ ଲାଳାୟିତ ବ୍ୟବସାୟୀ, ଦୋକାନୀ, ସୈନିକ, କୃଷକ, ବଡବଡ଼ କୋଠାରେ ରହୁଥିବା ବିତ୍ତଶାଳୀ ଲୋକମାନଙ୍କର ଜୀବନଧାରା ଓ ଦୃଷ୍ଟିକୋଣ ପ୍ରତି ସେବଦା ସେମାନେ ତୁଚ୍ଛ ତାଚ୍ଛଲ୍ୟ କରୁଥିବାର ବର୍ଣ୍ଣନା ରହିଛି । କବିତାର ସ୍ୱର ସାବଲୀଳ ତଥା କରୁଣତାରେ ପୂର୍ଣ୍ଣ । ଦୈନନ୍ଦିନ କଥାକୁହା ଭାଷାରେ ଲିଖିତ ମଣିଷର ଗର୍ବ ଓ ଅହମିକା କିପରି ନିରର୍ଥକ ତାହା ଏଠାରେ ତୀକ୍ଷ୍ଣତାର ସହିତ ଦର୍ଶାଇ ଦିଆ ଯାଇଛି । ମଧ୍ୟଯୁଗରେ ବଳଦ ଉପରେ ବିଭିନ୍ନ ସାମଗ୍ରୀ ଲଦି ବ୍ୟବସାୟ କରିବାପାଇଁ ପୂର୍ବ ଓ ପଶ୍ଚିମକୁ ଯାଉଥିବା ବ୍ୟବସାୟୀ; ପରିଚାରକ ମାନଙ୍କ ଦ୍ୱାରା ପରିବେଷ୍ଟିତ ହୋଇ ଯାତ୍ରା କରୁଥିବା ସାମନ୍ତ, ବ୍ୟାଣ୍ଡବାଜାର ତାଳେ ତାଳେ ପାଦ ପକାଇ ଚାଲୁଥିବା ସୈନିକ, ଚକ୍‌ଚକ୍ କରୁଥିବା ଅସ୍ତ୍ରଶସ୍ତ୍ର ଧରି ବୀରଦର୍ପରେ ଚାଲୁଥିବା ଯୋଦ୍ଧା, ମୀନାରଥିବା ଆକାଶଚୁମ୍ବି ଅଟ୍ଟାଳିକା ଏବଂ ଦୁର୍ଗର ଦ୍ୱାରଦେଶରେ ଖଞ୍ଜା ଯାଇଥିବା କମାଣର ପ୍ରାଞ୍ଜଳ ବର୍ଣ୍ଣାଢ୍ୟ ଦୃଶ୍ୟ ଏହି କବିତାରେ ସୁନ୍ଦର ଭାବରେ ଓ ସଫଳତାର ସହିତ ବର୍ଣ୍ଣନା କରାଯାଇଛି । ଏଥିରେ ପ୍ରସ୍ଫୁଟିତ ଚମତ୍କାର ରୂପକଳ୍ପ ଗୁଡ଼ିକ ଦୈନନ୍ଦିନ ଜୀବନ ଉପରେ ଆଧାରିତ ।

ଏହି କବିତାର ସଂଗଠନରେ ଅକୃତ୍ରିମତାର ଆଭାସ ରହିଥିବା ପରି ମନେହୁଏ । କାରଣ ଏହାର ରୂପ ଆପେ ଆପେ ବଢ଼ିଥିବା ଏକ ଲତାପରି ସ୍ୱାଭାବିକ ଦେଖାଯାଏ । ଆଧିଭୌତିକ ସମୃଦ୍ଧି ଓ ଏହାର ପ୍ରଭାବ ପଛରେ ଦୌଡ଼ୁଥିବା ସବୁଶ୍ରେଣୀର ଲୋକ ମାନଙ୍କର ସମନ୍ୱୟ ସହିତ ଏହି କବିତାରେ ଜୀବନର ଅକୃତ୍ରିମ, ସରଳ ଓ ଅବିକୃତ ରୂପ ସୁନ୍ଦର ଭାବରେ ପ୍ରସ୍ଫୁଟିତ ହୋଇଛି । କବି କୌଣସି ସିଦ୍ଧାନ୍ତରେ ପହଂଚିବାର ଚେଷ୍ଟା କେବଳ ଜୀବନ ଯେଉଁପରି ନକରି, ସେହିପରି ଭାବରେ ଏହାର ଚିତ୍ର ପ୍ରଦାନ କରିଚନ୍ତି ।

"ସବ ଠାଟ୍ ପଡ଼ା ରହି ଯାଏଗା, ଯବ ଲଦ ଚଲେଗା ବଂଜାରା ।"

ଏହା ପରେ ଦଶ ପଂକ୍ତି ପଦରେ ଲେଖା ଯାଇଥିବା କବିତା ହେଲା 'ଅଡୀକନାମା' । ଏହି କବିତାର ନଅ ପଂକ୍ତିରେ ଜଗତର ଆଧିଭୌତିକ ବିଭିନ୍ନତା ମଧ୍ୟରେ କବି ନୈସର୍ଗିକ

ଏକତାର ଅନୁସନ୍ଧାନ କରିଛନ୍ତି । ଇସ୍‌ଲାମୀୟ ରହସ୍ୟବାଦର ଗ୍ରନ୍ଥରେ ଚାଲା ହୋଇଥିବା ଏହି କବିତାରେ ପ୍ରାଣପ୍ରିୟର ଅସଂଖ୍ୟ ପ୍ରକାର ରୂପାନ୍ତର ମଧ୍ୟରେ ତାଙ୍କୁ ଚିହ୍ନିବାର ଆବଶ୍ୟକତା ଉପରେ ଏଥିରେ ଗୁରୁତ୍ୱ ଦିଆ ଯାଇଛି । କାରଣ ସେ (ଈଶ୍ୱର) ବହୁ ରଂଗରେ ନିଜକୁ ପ୍ରକାଶ କରନ୍ତି । ଏହି କବିତାରେ ସବୁ ମଣିଷମାନଙ୍କର ସମାନତା ଉପରେ କବି କେବଳ ଯୋର ଦେଇ ନାହାନ୍ତି, ଉଦ୍ଭିଦ ଓ ପ୍ରାଣୀ ଜଗତ, ଏପରିକି ଜଡ଼ ଜଗତରେ ବିଭିନ୍ନ ପ୍ରକାର ଶିଳା ଖଣ୍ଡରେ ଥିବା ସମାନତା ଉପରେ ମଧ୍ୟ ଗୁରୁତ୍ୱ ଦେଇ ଛନ୍ତି । ଚତୁର୍ଦ୍ଦିଗରେ ବିକ୍ଷିପ୍ତ ଭାବରେ ପ୍ରକଟିତ ହୋଇଥିବା ମଣିଷ ଜୀବନ ଓ ବିଭିନ୍ନ ପ୍ରକାର ଦୃଶ୍ୟରେ କବି ଆନନ୍ଦ ଉଲ୍ଲାସ ଅନୁଭବ କରିଛନ୍ତି । ଜଣେ ରହସ୍ୟବାଦୀ ପରି ସବୁଥିରେ ଐଶ୍ୱରୀୟ ସତ୍ତାର ପ୍ରକାଶ ନ ଦେଖି ମାନବୀୟ ରୂପର ବିଚିତ୍ର ପ୍ରକାଶ ଦେଖି ଉଲ୍ଲସିତ ହୋଇଛନ୍ତି ସିଏ । କବିତାର ଅନ୍ତିମ ପଦରେ 'ଦିଲବାର'(ଈଶ୍ୱରଙ୍କୁ ସମ୍ବୋଧନ କରିବା ଅର୍ଥରେ) ପ୍ରୟୋଗ କରି କବିତାର ଯଥାର୍ଥ ପରିସମାପ୍ତି କରିଚନ୍ତି ।

'ଆଦମୀ ନାମା' ତାଙ୍କର ପାଞ୍ଚଧାଡ଼ି ବିଶିଷ୍ଟ ଉଣେଇଶ ପଂକ୍ତିର ପଞ୍ଚମ କବିତା । ମାନବ ଜାତିର ରୂପାନ୍ତର ଓ ବିଭିନ୍ନତା ଏହି କବିତାର ମୂଳ ବିଷୟ ବସ୍ତୁ । ନଜୀରଙ୍କ ଦୃଷ୍ଟିରେ ମଣିଷମାନେ ଦେବତା ନୁହନ୍ତି । ନୀଚତା, କ୍ରୂରତା, ବଦମା, ପ୍ରବଞ୍ଚନା ଓ ଲମ୍ପଟ୍ୟ ପ୍ରଭୃତି ଦୋଷ ଦୁର୍ବଳତା ସତ୍ତ୍ୱେ ସେ ସେମାନଙ୍କୁ ଭଲ ପାଆନ୍ତି । ମନୁଷ୍ୟ-ମାନଙ୍କର ପ୍ରେମ ଅର୍ଜନ କରିବା ମନୁଷ୍ୟ ଜୀବନର ବଡ଼ ସାର୍ଥକତା ।

ମନୁଷ୍ୟ ପ୍ରକୃତିକୁ ଗଭୀର ଭାବରେ ନିରୀକ୍ଷଣ କରିବା ଓ ବୁଝିବା ପରି ବିଶେଷତ୍ୱ ବ୍ୟତୀତ, ମନୁଷ୍ୟ ଉପରେ ତାଙ୍କର ଅବିଚଳିତ ବିଶ୍ୱାସର ନିଦର୍ଶନ ଏହି କବିତାରେ ଅଛି । ଏହା ନଜୀର ଅକବରାବାଦୀଙ୍କର ଉଦାରତା ଓ ମାନବିକତାର ଉଜ୍ଜ୍ୱଳ ଦୃଷ୍ଟାନ୍ତ ଦିଏ ।

ମନୁଷ୍ୟ ମସ୍‌ଜିଦ୍ ନିର୍ମାଣ କରେ
ସେଇ ମଣିଷ ପ୍ରାର୍ଥନା ସଭାରେ ପ୍ରବଚନ ଦିଏ
ସେଇ ମଣିଷ କୋରାନ ପଢ଼େ ଓ ପ୍ରାର୍ଥନା କରେ
ପୁନଶ୍ଚ ସେଇ ମଣିଷ ହିଁ ବିଶ୍ୱାସ ଓ ଭକ୍ତିର ଯୋତା ଚୋରି କରେ
ଏବଂ ସେଇ ମଣିଷ ବି ତା ଉପରେ ନଜର ରଖେ ।

ପ୍ରବଳ ପ୍ରଚ୍ଛନ୍ନ ହାସ୍ୟ ରସର ପ୍ରବାହ ତାଙ୍କ କବିତାରେ ଆଉ ଏକ ଉଲ୍ଲେଖ ଯୋଗ୍ୟ ବିଶେଷତ୍ୱ । ଏହା ମନୁଷ୍ୟକୁ ନ୍ୟୂନ ବା ଅପମାନିତ କରେ ନାହିଁ । ବରଂ ଅନ୍ତର୍ନିହିତ ବିରୋଧାଭାସ ସତ୍ତ୍ୱେ ମନୁଷ୍ୟ ନିଜର ଭୂମିକାକୁ ଭଲ ପାଏ । ପ୍ରକୃତରେ, ତାଙ୍କ କବିତାରେ

ଥିବା ବଳିଷ୍ଠ ହାସ୍ୟ ରସହିଁ ନଜୀରଙ୍କ କବିତାକୁ ସୌନ୍ଦର୍ଯ୍ୟ ଓ ସରସତା ପ୍ରଦାନ କରିଛି । ଏହା ହୋଇ ନଥିଲେ ଜୀବନର ଦୁଃଖକୁ ଖେଳାଳି ପରି ଗ୍ରହଣ କରିନବା କଷ୍ଟକର ହୋଇଥାନ୍ତା । ସମସ୍ତ ଶାସ୍ତ୍ରରେ ଦାବୀ କରାଯାଇଛି ଯେ ଈଶ୍ୱରଙ୍କ ପ୍ରତିଛବିରେ ମଣିଷକୁ ସୃଷ୍ଟି କରାଯାଇଛି । ସମସ୍ତ ଶାସ୍ତ୍ର ଏହା ମଧ୍ୟ ଘୋଷଣା କରିଚନ୍ତି ଯେ ଈଶ୍ୱରଙ୍କ ସୃଷ୍ଟିରେ ମନୁଷ୍ୟ ସର୍ବଶ୍ରେଷ୍ଠ ପ୍ରାଣୀ । ସେ ବିଶ୍ୱର ନେତା ଏବଂ ଈଶ୍ୱରଙ୍କ ପରେ ହିଁ କେବଳ ତାର ସ୍ଥାନ । କିନ୍ତୁ କି ଆଶ୍ଚର୍ଯ୍ୟ ! ଭଗବାନଙ୍କର ଏହି ସୃଷ୍ଟିରେ କ୍ଷୁଧା ନିବାରଣ ଲାଗି ମଣିଷ ବଜାରରେ ନାଚେ, ବିଦୂଷକ ହୋଇ ହାସ୍ୟରସ ସୃଷ୍ଟି କରେ, ସମସ୍ତଙ୍କ ଆଗରେ ନିଜର ପୋଷାକ ଖୋଲିଦେଇ ନଗ୍ନ ହୁଏ ଏବଂ ନାନା ପ୍ରକାର କୁସ୍ତି ଓ ଖେଳ ପ୍ରଦର୍ଶନ କରେ । ଏବଂ ସେହି ମଣିଷ ହିଁ ମଣିଷର ନ୍ୟୁନତା ଓ କ୍ଷୁଦ୍ରତା ଦେଖି ହସେ ।

'ଆଦମୀ ନାମା' ମନୁଷ୍ୟ ସମ୍ପର୍କରେ ନଜୀରଙ୍କ ଅବବୋଧର ଶ୍ରେଷ୍ଠ ନିଦର୍ଶନ । ଏହା ମଧ୍ୟ ତାଙ୍କ ବିଶ୍ୱଦୃଷ୍ଟିର ସର୍ବୋଚ୍ଚ ଅଭିବ୍ୟକ୍ତି । ଏହି ଶ୍ରେଷ୍ଠ କବିତାରେ ଅନେକ ପ୍ରକାର ଚରିତ୍ର ଓ ସେମାନଙ୍କର ପରସ୍ପର ବିରୋଧୀ କ୍ରିୟାର ବର୍ଣ୍ଣନା କରି ଯାଇଛି । ଏଥିରେ ସ୍ୱୟଂ ଈଶ୍ୱର ବୋଲି ଦାବୀ କରୁଥିବା କ୍ଷମତାମତ୍ତ, ଫାରୁଆ ଓ ନାମରୋଦ, ହାସ୍ୟରସିକ, ମଲ୍ଲକ୍ରୀଡ଼ା କରୁଥିବା ବ୍ୟକ୍ତି, ରହସ୍ୟବାଦୀ ଓ ସୈନିକ, ଭକ୍ତ ଓ ଲମ୍ପଟ, ବାହାଘର ଶୋଭାଯାତ୍ରାରେ ଅଲୋକ ନେଇ ଆଗେ ଆଗେ ଚାଲୁଥିବା ଲୋକ, ଓ ବର, ବାଘୁରପଢ଼ ଓ ବେଣ୍ଡବାଦକ, ଦୋକାନୀ ଓ କ୍ରେତା, କଳା ରଙ୍ଗର କ୍ରୀତଦାସ ଏବଂ ପୂର୍ବ ଓ ପଶ୍ଚିମର ସୌନ୍ଦର୍ଯ୍ୟ ଫୁଟି ଉଠୁଥିବା ସଫା ରଙ୍ଗର ସମ୍ଭ୍ରାନ୍ତଗଣ, ଛିଣ୍ଡା ଓ ମଇଳା ପୋଷାକ ପିନ୍ଧିଥିବା ଫକୀର ଓ କବର ଖୋଳିଥିବା ଲୋକ ଏବଂ ଶବ ମାନଙ୍କର ବିଷୟରେ କୁହା ଯାଇଛି :—

ମୁଁ ଆଚମ୍ବିତ ହୁଏ ବନ୍ଧୁ, ଦେଖ
କିପରି ଅଦ୍ଭୁତ ଏଇ ଯୁଆଡ଼ି
ମଣିଷ ନିଜେ ଚୋର, ସେ ଚୋର ଦଳର ନେତା
ଏଠାରେ ସେମାନେ ନିଜ ନିଜର ଭାଗ୍ୟ ପାଇଁ କଳି କରନ୍ତି
ସେଠାରେ ସେମାନେ ଦାବୀ ଜଣାନ୍ତି
ଟିକେ ଭାବ, ଦେଖି ପାରିବ
ଏବଂ ସେଇ ଇସ୍ପାତ ପରି ଶକ୍ତ ହେଇ ସୈନିକ
ସେ ବି ଜଣେ ମଣିଷ ।

ଜୀବନ ସମ୍ବନ୍ଧରେ ସେକ୍‌ସ୍ପିଅରଙ୍କ ଦୃଷ୍ଟିକୋଣ ପରି ତାଙ୍କ କବିତାର କିୟଦଂଶ :—

ଜୀବନ ଏକ ଚଳନ୍ତା ଛାଇପରି
ଜଣେ ଅକୁଶଳ ଅଭିନେତା ପରି
ଯିଏ ଅଭିନୟର ଛଳନା କରି
ମଞ୍ଚ ଉପରେ କିଛି ସମୟ ବରବାଦ କରେ
ଏବଂ ତା ପରେ ଆଉ ତା ସ୍ୱର ଶୁଣାଯାଏ ନାହିଁ ।
ଏହା ଏକ ମୂର୍ଖ କହିଥିବା କାହାଣୀ
ଯେଉଁଥିରେ ଶବ୍ଦ ଥାଏ, ଉତ୍ତେଜନା ଥାଏ
କିନ୍ତୁ ଅର୍ଥ ନଥାଏ ।

ସେକ୍‌ସ୍ପିଅରଙ୍କ ଠାରୁ କେବଳ ଏତିକି ତଫାତ ଯେ ଜୀବନର ବିୟୋଗ ଓ ମିଳନ ନଜୀରଙ୍କୁ ଏକ ଅଦ୍ଭୁତ ଆନନ୍ଦ ପ୍ରଦାନ କରେ ।

ନଜୀରଙ୍କ 'ହଂସନାମା' ପଞ୍ଚତନ୍ତ୍ର ପରି ସରଳ ଓ ମଧୁର ଏକ ରୂପକ । ପଞ୍ଚତନ୍ତ୍ରରେ ବର୍ଣ୍ଣିତ ବହୁ ପ୍ରାଚୀନ କାଳରୁ ପ୍ରଚଳିତ ପଶୁପକ୍ଷୀଙ୍କ ମାଧ୍ୟମରେ ଦିଆଯାଇ ଥିବା ଉପଦେଶ ପରି ଏହାର ବର୍ଣ୍ଣନା ଶୈଳୀ । ମୃତ୍ୟୁ ଅନିବାର୍ଯ୍ୟ । ପ୍ରତ୍ୟେକ ଏକା ଏକା ଏହାର ସମ୍ମୁଖୀନ ହୁଅନ୍ତି । ଏହି ଚରମ ସଙ୍କଟ ସମୟରେ କୌଣସି ବନ୍ଧୁ ଯେ ଏଥିରୁ ଭାଗ ନେଇ ପାରନ୍ତି ନାହିଁ ଏହି ଚରମ ସତ୍ୟ ଫୁଟି ଉଠିଛି 'ହାସନାମା'ରେ ।

ତେପନ ପ୍ରକାର ପକ୍ଷୀମାନଙ୍କ ସମ୍ପର୍କରେ ନଜୀର ନିଜ କବିତାରେ ଉଲ୍ଲେଖ କରିଚନ୍ତି । ଏହା ପକ୍ଷୀ ଜୀବନ ପ୍ରତି କବିଙ୍କର ନିବିଡ ଆଗ୍ରହର ସୂଚନା ଦିଏ । ଏପରି ପୁଙ୍ଖାନୁପୁଙ୍ଖ ବର୍ଣ୍ଣନା କବିତାର ଗଠନ ଉପରେ ପ୍ରତିକୂଳ ପ୍ରଭାବ ପକାଇଛି । ଏକ ରୂପକ ଭାବରେ ଏହା ଯଦିବା ଦୃଷ୍ଟି ଆକର୍ଷଣ କରେ, ତଥାପି ଏହାକୁ ନଜୀରଙ୍କ ଉତ୍ତମ କବିତା ଭାବରେ ଗ୍ରହଣ କରିବା କଷ୍ଟକର ହେବ ।

ନଜୀରଙ୍କ ପ୍ରାୟ ସମସ୍ତ କବିତାରେ ଜୀବନର ନଶ୍ୱରତା ସମ୍ପର୍କରେ ବାରମ୍ବାର ଉଲ୍ଲେଖ କରାଯାଇଛି । ଏହା ପରେ ଯେଉଁ ବିଷୟ ଉପରେ ସେ ପ୍ରାଧାନ୍ୟ ଦେଇଚନ୍ତି ତାହା ଏହି ଯେ ପ୍ରକୃତ ଜ୍ଞାନ ମଣିଷର ଅବବୋଧର ବାହାରେ ଏବଂ ସୃଷ୍ଟିର ରହସ୍ୟ କେବଳ ସୃଷ୍ଟି କର୍ତ୍ତା ହିଁ ସମାଧାନ କରି ପାରିବେ ।

ଏହାର ପରବର୍ତ୍ତୀ କବିତାକୁ ଯିବାପୂର୍ବରୁ, ଏପର୍ଯ୍ୟନ୍ତ ଆଲୋଚିତ ହୋଇଥିବା ସବୁକବିତାର ସାଧାରଣ ସ୍ୱର ଓ ମର୍ମ ଉପରେ ଆଲୋଚନା କରିବା ସମ୍ଭବତ ଉଚିତ ଓ ପ୍ରାସଙ୍ଗିକ ହେବ । 'ବରସାତ୍ କୀ ଲହରେଁ', 'ବଞ୍ଜାରାନାମା' ଓ 'ଆଦମୀନାମା' ନିସନ୍ଦେହରେ ନଜୀରଙ୍କ ଶ୍ରେଷ୍ଠ କବିତା । ଯଦିବା 'ହଂସନାମା' ସେହି ଉତ୍କର୍ଷତା ଦାବୀ କରି ନ ପାରେ ତଥାପି ସାହିତ୍ୟର କୌଣସି ନିଷ୍ଠାବାନ ଗ୍ରନ୍ଥ ଏହାକୁ ଉପେକ୍ଷା କରି ନପାରେ । ଏଥିରେ ସନ୍ନିବେଶିତ ବିଚାର ସେଇକାଳର ଯାହା ଉଚ୍ଚ ଓ ନୀଚ ତାହା ସମାନ ଭାବରେ ନଜୀର ଗ୍ରହଣକରି ନେଇଥିଲେ । ଏପରିକି ଏହାକୁ ସେହି ସମୟର ସମବେତ ଅଜ୍ଞତାର ଅଂଶ ବୋଲି ମଧ୍ୟ ଧରିନିଆଯାଇପାରେ । ସାଂସାରିକ ଐଶ୍ୱର୍ଯ୍ୟ ଓ ଶୋଭାର ସ୍ଥିତି କିପରି ପରିବର୍ତ୍ତନଶୀଳ ତାହା ଏହି ଚେତନାରେ ପ୍ରାଧାନ୍ୟ ପାଇଥିଲା । ବୋଧହୁଏ ସେତେବେଳେ ଅନ୍ତର୍ବିପ୍ଳବ ଓ ବୈଦେଶିକ ଆକ୍ରମଣ ଯୋଗୁ ଦେଶର ରାଜନୈତିକ ଅବସ୍ଥା ଅନିଶ୍ଚୟତା ମଧ୍ୟରେ ଗତିକରୁଥିବାରୁ ସେ ତାହାଦ୍ୱାରା ପ୍ରଭାବିତ ହୋଇଥିଲେ । ଦିନେ ପ୍ରଭାତରେ ଯେଉଁ ଶାସକ ଓ ସୁବେଦାରମାନେ ଖ୍ୟାତିର ଉତ୍ତୁଙ୍ଗ ଶିଖର ଉପରେ ପହଞ୍ଚିଥିଲେ ପରଦିନ ନିଷ୍ଠୁରତାର ଧ୍ୱଂସସ୍ତୂପ ଉପରେ ସେମାନଙ୍କୁ ନିପତିତ ହେବାର ଦେଖା ଯାଉଥିଲା । ଏପରି ସାମାଜିକ ସ୍ଥିତି ଯେ କେବଳ ସେହି ସମୟର ମନ ଓ ଦୃଷ୍ଟିକୋଣ ଉପରେ ପ୍ରଭାବ ପକାଉଥିଲା ତାହା ନୁହେଁ, ମଧ୍ୟ ସାଂସାରିକ ଖ୍ୟାତି ଓ ଦୁଃଖ ଦୁର୍ଦ୍ଦଶା ଯେ ଅଳୀକ ଓ ଅସାର ଏହି ଧାରଣା ଗରିବ ଓ ନିପେଷିତଙ୍କ ମନରେ ସୃଷ୍ଟି କରାଉଥିଲା । ଭବିଷ୍ୟତ ଅନିଶ୍ଚିତ ଥିଲା ଏବଂ ପ୍ରତିକାର ପାଇଁ ଶୋଷିତ ଓ ଦଳିତମାନେ ଏକଜୁଟ ସଂଗ୍ରାମ କରିବାର ସଂଭାବନା ମଧ୍ୟ ଦେଖା ଯାଉନଥିଲା । ତେଣୁ ପରିବର୍ତ୍ତନ ଯେ ଅବଶ୍ୟମ୍ଭାବୀ ଏହାହିଁ ଥିଲା ଏକମାତ୍ର ଆଶା । ବର୍ତ୍ତମାନ ସ୍ଥିତି ଜଣକ ପକ୍ଷରେ ଯେତେ ନିଷ୍ଠୁର ଓ ଅନ୍ୟ ଜଣକ ପକ୍ଷରେ ଯେତେ ଗୌରବ ପୂର୍ଣ୍ଣ ହେଉନା କାହିଁକି ଏପରି ଅବସ୍ଥା ଯେ ଚିରଦିନ ରହିବ ନାହିଁ ଏହି ବିଶ୍ୱାସ ସେମାନଙ୍କୁ ଦେଉଥିଲା ଆଶ୍ୱାସନା । ଦାର୍ଶନିକ ଦୂରଦୃଷ୍ଟି ସଂପନ୍ନ ଭାବୁକ ବା ନୈତିକବାଦୀ ପ୍ରବଚକ ହେବା ଅପେକ୍ଷା ଜନତାର ଏହି ସାମୂହିକ ଅଚେତନତାର ପ୍ରବକ୍ତା ହେବାରେ ନଜୀର ସନ୍ତୁଷ୍ଟ ଥିଲେ । ଏହାହିଁ ଥିଲା ତାଙ୍କର ମହାନତା ଓ ସୀମାବଦ୍ଧତା ।

ଏହାପରେ 'ତାଜ' ତାଙ୍କର ଆଉ ଗୋଟିଏ କବିତା ଯାହା ବର୍ଣ୍ଣନାତ୍ମକ ଢଙ୍ଗରେ ଲେଖା । ଅମର ସମାଧି ଓ ଜୀବନର ନଶ୍ୱରତା ଉପରେ ଆଧାରିତ ଏହି କବିତାର କାବ୍ୟିକ ମହତ୍ତ୍ୱ ବେଶୀ ନୁହେଁ । ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଆରୋପ କରିବା ପାଇଁ ସେ 'ତନ୍ଦୁରସ୍ତିନାମା' କବିତା ରଚନା କରିଥିଲେ । ଜୀବନକୁ ଉପଭୋଗ କରିବା ଓ ସୁଖମୟ ଜୀବନ ଯାପନ କରିବା ଲାଗି ସମସ୍ତଙ୍କ ପକ୍ଷରେ ଉତ୍ତମ ସ୍ୱାସ୍ଥ୍ୟର ଆବଶ୍ୟକତା ରହିଛି । ସେଥିରୁ କେତେକ ପଂକ୍ତି ଏଠାରେ ଉଦ୍ଧାର କରାଯାଉଛି :—

ଆୟା ଯୋ ଦିଲମେ ଔର ଚମନ କୋ ଚଲାଗୟା
ବାଜାର, ଚୌକ, ଔର ତମାସେ ମେଁ ଖୁସ୍ ହୁଆ
ବୈଠେ ଉଠେ ଖୁସି ସେ, ହର ଏକ ଜା ଚଲେ ଫିରେ
ଜାମେ ମଜେ ମେଁ ରାତ କୋ ସୋ ଖୁସ ହୋ ସୋ ରହେ
ଜିତ୍‌ନେ ସୁଖନ ହୈ ସବମେଁ, ୟହି ହୈ ସୁଖନ ଦୁରୁସ୍ତ
ଆଲ୍ଲାହ ଆବରୁ ସେ ରଖେ ଔର ତଂଦୁରସ୍ତ ।

ଜଣେ ଯଦି ଇଚ୍ଛା କରେ ସେ ବଗିଚାକୁ ବୁଲିବା ପାଇଁ ଯାଇପାରେ କିମ୍ବା ବଜାରକୁ ବା ଚକ ସ୍ଥାନକୁ ଯାଇ ସେଠାରେ ଦୃଶ୍ୟ ଦେଖି ହୃଦୟଭରା ଆନନ୍ଦ ପାଇପାରେ । ନିଜ ଇଚ୍ଛାନୁସାରେ ଜଣେ ଆରାମ କରିପାରେ ବା ଠିଆ ହୋଇପାରେ ବା ବୁଲିପାରେ କିମ୍ବା ସାରାରାତି ବୁଲିପାରେ ବା ନିଜର ସୁବିଧା ଅନୁସାରେ ଶୋଇପାରେ ।

କିନ୍ତୁ ଯିଏ ଯାହା କରୁନା କାହିଁକି ଆଲ୍ଲା ତାକୁ ଉତ୍ତମ ସ୍ୱାସ୍ଥ୍ୟ ପ୍ରଦାନ କରନ୍ତୁ ।

'ଚଡ଼ିୟୋଁ କୀ ତସବୀହ' ସେଇ ଲୋକକଥାକୁ ପ୍ରମାଣ କରିବାପାଇଁ ରଚିତ ଯେଉଁଥିରେ ଏହା କୁହା ଯାଇଛି ଯେ ପକ୍ଷୀମାନେ ଯେତେବେଳେ ସେମାନଙ୍କ ନିଜ ଭାଷାରେ ଈଶ୍ୱରଙ୍କ ଗୁଣଗାନ କରନ୍ତି । ଏହି କବିତାରେ ସେ ପଞ୍ଚଶୀ ପ୍ରକାର ପକ୍ଷୀ ଓ ପତଙ୍ଗ ମାନଙ୍କର ଓ ସେମାନଙ୍କର ନାନାପ୍ରକାର ଅବୋଧ ଶବ୍ଦ ସମ୍ବନ୍ଧରେ ଉଲ୍ଲେଖ କରିଛନ୍ତି ।

ଏପର୍ଯ୍ୟନ୍ତ ଆଲୋଚିତ ହୋଇଥିବା କବିତା ଗୁଡ଼ିକର ଧାରା ଅନ୍ୟ କବିତା ଗୁଡ଼ିକରେ ମଧ୍ୟ ପ୍ରତିଫଳିତ ହୋଇଛି । କେବଳ 'ଇଲାହିନାମା', 'ବଂଜାରାନାମା' ଏବଂ 'ହଂସନାମା'ରେ ଜୀବନର ନଶ୍ୱରତା ସଂପର୍କରେ ଉଲ୍ଲେଖ କରାଯାଇ ନାହିଁ, କିନ୍ତୁ 'ଫନାନାମା' ଏବଂ 'ଫକୀରୋଁ କୀ ସଦା', 'କଲିଯୁଗ'ରେ ମଧ୍ୟ ପ୍ରାକୃତିକ ନ୍ୟାୟରେ ମୃତ୍ୟୁ ଯେ ଅନିବାର୍ଯ୍ୟ ଏହି ଧାରଣା ଅଭିବ୍ୟକ୍ତ ହୋଇଛି । ସଂସାରରେ ଭଲକର୍ମର ଫଳ ଭଲ ଓ ମନ୍ଦ କର୍ମର ଫଳ ଯେ ମନ୍ଦହୁଏ ତାହା ଦର୍ଶାଇ ଦିଆଯାଇଛି । ଯିଏ ଯେପରି ବୁଣିବ ସେହିପରି ଫଳ ପାଇବ । ସେହି ସମୟର ଚଳନ୍ତି ଜୀବନଧାରା ଓ ସେଥିରେ

ଆତଯାତ ହେଉଥିବା ବିଭିନ୍ନ ପ୍ରକାର ସହସ୍ରଲୋକ ଯଥା ବ୍ୟବସାୟୀ, ଫଳବିକାଳି, ଢେଳବିଚ ଦୋକାନି, କୃଷକ ପ୍ରଭୃତିଙ୍କ ଜୀବନରୁ ପ୍ରଚୁର ପ୍ରତିବିମ୍ବ ସଂଗ୍ରହ କରିଚନ୍ତି ।

ଏହାର ପରବର୍ତ୍ତୀ ପର୍ଯ୍ୟାୟର କବିତାଗୁଡ଼ିକ ପଶୁ ଓ ପକ୍ଷୀମାନଙ୍କ ଉପରେ ଲିଖିତ । ବହୁ ସମୟରେ ରୂପକର ପ୍ରୟୋଗ ଦ୍ୱାରା ସେହି ସବୁର ବର୍ଣ୍ଣନା ଓ ପ୍ରକାଶଭଙ୍ଗୀ ସହଜ ଓ ସୁନ୍ଦର ହୋଇଛି । ଏହି ପ୍ରସଙ୍ଗରେ 'ହଂସ ନାମା', 'କଓ୍ୱା ଔର ହରିଣ କା ବଛା' ଏବଂ 'ଆଜଧେ କା ବଛା' ଉଲ୍ଲେଖଯୋଗ୍ୟ ।

ତୃତୀୟ ପର୍ଯ୍ୟାୟର କବିତା ଗୁଡ଼ିକ 'ଇନ୍ଦୁରସ୍ତି ନାମା' ଗ୍ରନ୍ଥରେ ଲିଖିତ । ଏଥିରେ ମଣିଷ ଶରୀରର ବିଭିନ୍ନ ବିଭାଗ ଉପରେ ବର୍ଣ୍ଣନା ରହିଛି । 'ତିଫଲନାମା' ନିର୍ଦ୍ଦୋଷ ବାଲ୍ୟାବସ୍ଥାର ଏକ ସୁନ୍ଦର ବର୍ଣ୍ଣନା । 'ଜବାନୀ', 'ବୁଢ଼ାପା', ଜବାନୀ-ବୁଢ଼ାପା କୀ ଲଢ଼ାଇ', 'ମୌତ' ଇତ୍ୟାଦି ଏହି ଶ୍ରେଣୀର କବିତା । ଏହି କବିତା ଗୁଡ଼ିକର ବିଶେଷତ୍ୱ ହେଲା ଏଥିରେ ମଣିଷ ଜୀବନର ବାଲ୍ୟ, ଯୌବନ, ଏପରିକି ବାର୍ଦ୍ଧକ୍ୟର ଚମତ୍କାର ଅନୁଭୂତି ସହିତ ଜୀବନର ଆନନ୍ଦ ଉଲ୍ଲାସ ପ୍ରକଟିତ କରାଯାଇ । ମୃତ୍ୟୁ ଉପରେ ଆଧାରିତ କବିତାରେ ମୃତ୍ୟୁର ଭୟଙ୍କରତା ସଂପର୍କରେ ଲେଖା ଯାଇଛି ।

'ମରିବା କଥା କିଛି ନାହିଁ, ମୃତ୍ୟୁ ଅତି ଭୟଙ୍କର'।

ଏହା ସତ୍ତ୍ୱେ ମୃତ୍ୟୁର ବିଭୀଷିକା ଅପେକ୍ଷା ଏହାର କାରୁଣ୍ୟର ବର୍ଣ୍ଣନାରେ କବି ଅଧିକ ସଫଳତା ପ୍ରଦର୍ଶନ କରିଛନ୍ତି ।

ତୃତୀୟ ପ୍ରକାର କବିତା ଗୁଡ଼ିକ ସଂସାରର ସୁଖଦୁଃଖ ହର୍ଷବିଷାଦ ଉପରେ ଆଧାରିତ । 'ମୁଫଲିସି' (ଦାରିଦ୍ର୍ୟ), 'ଖୁସାମଦ', 'ଦଖାବଟ' ଓ୍ୱଇସରତ (ଉଦାରତା ଓ ଗୌରବ) ଏହି ଶ୍ରେଣୀର । ଏହାପରେ ଋତୁ ଓ ପ୍ରାକୃତିକ ବିପର୍ଯ୍ୟୟ ଉପରେ ସେ ଲେଖିଚନ୍ତି 'ମୌସମ-ଇ-ଜମିସ୍ତାନ' (ଶୀତ ଋତୁ), 'ବରସାତ୍ କୀ ବାହାରେଁ' (ବର୍ଷା-ଋତୁ), 'ଉମସ' (ଗୁଳୁଗୁଳି), 'ଆନ୍ଧି' (ତୋଫାନ), 'ଭୌଞ୍ଚାଲ' (ଭୂମିକମ୍ପ) ଏବଂ 'ଗୁନ୍ଦନୀରାତ' (ଜହ୍ନରାତି) ପ୍ରଭୃତି କବିତା । ନଜୀରଙ୍କ ଦୃଷ୍ଟିରେ ଋତୁକେବଳ ଜଳବାୟୁ ପରିବର୍ତ୍ତନର ସୂଚନା ଦିଏ ନାହିଁ, କିନ୍ତୁ ଏହା ସହିତ ଆସେ ସେହି ଋତୁର ମେଳା ମହୋତ୍ସବ । 'ଦିଓ୍ୱାଲୀ', 'ହୋଲି','ଆଗ୍ରାକି ତଇରାକୀ'(ଆଗ୍ରାର ସନ୍ତରଣ ପ୍ରତିଯୋଗିତା) 'ରାଖୀ', ବଲଦେବଜୀ କୀ ମେଲ' ପ୍ରଭୃତି କବିତା ଗୁଡ଼ିକର ଧର୍ମୀୟ ମହତ୍ତ୍ୱ ଅପେକ୍ଷା ଋତୁପରିବର୍ତ୍ତନ ଜନିତ ଜନଜୀବନର ଆନନ୍ଦ ଉଲ୍ଲାସ ସହିତ ସମ୍ପର୍କ ଅଧିକ ।

ଋତୁ ପରିବର୍ତ୍ତନ ଜୀବନକୁ ସରସ ଓ ସୁନ୍ଦର କରେ । ଏହା ଆସେ ଜଗତକୁ ପ୍ରକୃତିର ଉପହାର ପରି । ଋତୁ ପରିବର୍ତ୍ତନ ସହିତ ବିଭିନ୍ନ ପ୍ରକାର ଫଳ ଓ ପରିବା ବଜାରକୁ ଆସେ କାକୁଡ଼ି ଉପରେ ଆଧାରିତ କବିତା ଏହାର ନିଦର୍ଶନ । ନୂଆ ମାଟି ହାଣ୍ଡି ଉପରେ ବର୍ଷା ପଡ଼ିଲେ ଯେଉଁ ମଧୁର ଶବ୍ଦ ସୃଷ୍ଟି ହୁଏ ତାର ଆକର୍ଷଣ ଅମୋଘ । 'କୋରାବର୍ତ୍ତନ' (ନୂତନ କଂସାବାସନ) ତାଙ୍କର ଏକ ଅନବଦ୍ୟ ସୃଷ୍ଟି । ଜୀବନକୁ ଚିକିନିଖି ଦେଖିବାର ପର୍ଯ୍ୟବେକ୍ଷଣ କ୍ଷମତା ସହିତ ପ୍ରାଣବନ୍ତ, ସଂବେଦନଶୀଳ ପ୍ରାଣୀବନ୍ତ ଉଜ୍ଜ୍ୱଳ ଛବି ଏଥିରେ ସୁନ୍ଦର ଭାବରେ ଫୁଟି ଉଠିଚି । ଉଦାହରଣ ସ୍ୱରୂପ:—

''କୋରେ ବର୍ତ୍ତନ ହୈ କ୍ୟା ଖୁ ଗୁଲସନ କୀ
ଜିସ ସେ ଖିଲତୀ ହେଁ ହର କଲୀ ତନକୀ,
ବୁଂଦ ପାନୀକୀ ଉନମେଁ ଜବ ଖନକୀ,
କ୍ୟାଓ୍ୱ ପାସ ସଦାହୈ ସନ ସନ କୀ,
ତାଜଗୀ ଦିଲ୍‌କୀ ଔର ତରୀ ତନକୀ
ହୈ କ୍ୟା ବାତ୍ କୋରେ ବର୍ତ୍ତନ କୀ ।

ନୂଆ ମାଟିହାଣ୍ଡିରେ ଫୁଲଗଛ ଲଗାଇ ବଗିଚାରେ ରଖିବା ଦ୍ୱାରା ହୃଦୟ ଉତ୍‌ଫୁଲ୍ଲିତ ହୁଏ । ଯେତେବେଳେ ବର୍ଷା ହାଣ୍ଡି ଉପରେ ପଡ଼େ, ଏହା ଏକ ମନଛୁଆଁ ମଧୁର ସଂଗୀତ ସୃଷ୍ଟି କରେ । ଏହା ହୃଦୟକୁ ସତେଜ ଏବଂ ଶରୀରକୁ ବିହ୍ୱଳ କରିଦିଏ । ନୂଆ ମାଟିହାଣ୍ଡି ସଂପର୍କରେ ଆଉ କଣ କୁହାଯାଇ ପାରେ ।

ଏହାଛଡ଼ା ଆଉ ଦୁଇ ପ୍ରକାର କବିତା ଅଛି— ହଜରତ ଅଲ୍ଲୀ (ଏବଂ ତାଙ୍କର ଚମତ୍କାରିତା, (କନ୍‌ହେୟାଜୀ (ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମ ଓ ତାଙ୍କ ବଂଶ ଉପରେ,) ଗୁରୁ ନାନକଜୀ ଏବଂ ହଜରତ ସେଲିମ ଚିସ୍ତି (ଆକବରଙ୍କ ସମୟର ବିଖ୍ୟାତ ମୁସଲମାନ ରହସ୍ୟବାଦୀ ଯାହାଙ୍କର କବର ଆଗ୍ରାରେ ଅଛି) ପ୍ରଭୃତି ଧର୍ମ ସଂକ୍ରାନ୍ତୀୟ ମହାପୁରୁଷ ମାନଙ୍କ ସଂପର୍କରେ । ଏଗୁଡ଼ିକ ରୁଚି ଅନୁକୂଳ ହେଲେ ମଧ୍ୟ କବିତା ଭାବରେ ଏଗୁଡ଼ିକର କିଛି ସ୍ୱତନ୍ତ୍ର ମହତ୍ତ୍ୱ ନାହିଁ । ଏହି ଦୃଷ୍ଟିରୁ ବିଚାର କଲେ ଏହା ସୁସ୍ପଷ୍ଟ ହୋଇଯାଏ ଯେ ଏହି ସନ୍ଥ ଓ ଅବତାରମାନଙ୍କ ପ୍ରତି ନଜୀରଙ୍କ ଗଭୀର ଅନୁରାଗ ନଥିଲା, ବରଂ ଏମାନଙ୍କର ସାମାଜିକ ମହତ୍ତ୍ୱ ପ୍ରତି ସେ ଅଧିକ ଆକୃଷ୍ଟ ଥିଲେ । କାରଣ କୋଟି କୋଟି ଲୋକ ସେମାନଙ୍କୁ ଶ୍ରଦ୍ଧା ଓ ଭକ୍ତି କରୁଥିଲେ ଏବଂ ସେମାନଙ୍କର ଜନ୍ମଦିନ ଅତି ପବିତ୍ରତା ଓ ଧୂମଧାମର ସହିତ ପାଳନ କରୁଥିଲେ ।

ଏହାପରେ ମାନବୀୟ ଗୌରବ ଓ ବିଧିଲିପି ଉପରେ ଆଧାରିତ ଆଉ କେତେକ କବିତା ରହିଛି । ନଜୀରଙ୍କ ଦୃଷ୍ଟିରେ ମାନବୀୟ ଗୌରବ ଯୌବନ, ପ୍ରେମ ଓ ସୌନ୍ଦର୍ଯ୍ୟରେ ସନ୍ନିହିତ । 'ପରୀକା ସରାପା' ଓ ମୋତି କବିତାରେ ଏହାର ନିଦର୍ଶନ ମିଳେ । ଏହି ରସାଳ କବିତା ଗୁଡ଼ିକରେ ନାରୀ ଶରୀରର ବିସ୍ତୃତ ବର୍ଣ୍ଣନା ସହିତ ନାରୀର ଆଭୂଷଣ, ଅଳଙ୍କାର ଏବଂ ମୋତିମାଣିକ୍ୟ ଦ୍ୱାରା ପରିଶୋଭିତ ଯୌବନର ଗୌରବ କାମଲାଳସାର ସାବଲୀଳ ଚିତ୍ର ରହିଛି । 'ପରୀକା ସରାପା'ରେ ନଜୀରଙ୍କର କେବଳ ଅଭିବ୍ୟକ୍ତି କୁଶଳତା ଓ ଶବ୍ଦ ଯୋଜନା ଉପରେ ତାଙ୍କର ଅଧିକାର ସାବ୍ୟସ୍ତ କରୁନାହିଁ, କିନ୍ତୁ ଧ୍ୱନି ଛନ୍ଦ ଓ ସ୍ୱର ଉପରେ ତାଙ୍କର ବିଚକ୍ଷଣ ପଟୁତ୍ୱ ମଧ୍ୟ ପ୍ରମାଣିତ କରୁଛି ଉଦାହରଣ ସ୍ୱରୂପ :—

"ଖୁଁରେଜ କରଶ୍ମା, ନାଁଜ-ଓ-ସିତମ, ଗମଜୋଁ କୀ ଝୁକାବଟ ଐସୀ ହୀ,
ମିଜଗାଁ କୀ ସନାଁ, ନଜରୋଁ କୀ ଅନୀ, ଅବରୂ କୀ ଖିଞ୍ଚାବଟ ଐସୀ ହୀ,
ଐୟାର ନଜର, ମକ୍କାର ଅଦା ତେ୍ୟାରୀ କୀ ଚଢ଼ାବଟ ଐସୀ ହୀ,
କତ୍ତାଲ୍ ନିଗାହ୍ ଔର ଦିଷ୍ଟ ଗଜବ, ଆଖୋଁ କୀ ଲଗାବଟ ଐସୀ ହୀ
ପଲ୍‌କୋଁ କୀ ଝପକ, ପୁତଲୀ କୀ ଫିରତ, ସୁରମେ କୀ ଘୁଲାବଟ ଐସୀ ହୀ ।"

'ଯୋଗୀନାମା' ଓ ଯୌବନ ନାମା' କବିତା ମଣିଷର ଦୁର୍ଭାଗ୍ୟପୂର୍ଣ୍ଣ ବିଧିଲିପି ଉପରେ ଲିଖିତ । ଏହି କବିତା ଦୁଇଟିରେ ପ୍ରଚଳିତ ମୂଲ୍ୟବୋଧ ଓ ବିଶ୍ୱର ଠାରୁ ଦର୍ଶନ, ଦୃଷ୍ଟିକୋଣ ଓ ପରିଧାନରେ ସ୍ୱତନ୍ତ୍ରତା ରକ୍ଷା କରୁଥିବା ସାଧକ ଓ ସନ୍ୟାସୀ-ମାନଙ୍କର ଜୀବନଧାରା ଆମ ସମାଜର ବିବିଧ ଓ ବର୍ଣ୍ଣାଢ୍ୟ ଦୃଶ୍ୟର ପରିଚୟ ଦିଏ । ରହସ୍ୟବାଦୀ ଆନନ୍ଦ ଉପରେ ଆଧାରିତ ଅନ୍ୟ ଏକ କବିତା 'ବଜଦ ଓ ହାଲ୍' । ଏଥିରେ ସଙ୍ଗୀତର ତରଙ୍ଗ ଓ ମୂର୍ଚ୍ଛନାରେ ବିହ୍ୱଳ ହୋଇ ସ୍ୱର୍ଗୀୟ ଆନନ୍ଦରେ ନୃତ୍ୟରତ ରହସ୍ୟବାଦୀ ସାଧକମାନଙ୍କର ଚିତ୍ର ପରିସ୍ଫୁଟ ହୋଇଛି । ପୁଣି, ସଙ୍ଗୀତର ସ୍ୱର ଓ ମୂର୍ଚ୍ଛନା ସୃଷ୍ଟି କରିବା ପାଇଁ ଏଥିରେ ଶବ୍ଦ ମାନଙ୍କର ବ୍ୟବହାର ଅତି ବିଚକ୍ଷଣତା'ର ସହିତ କରାଯାଇଛି ।

'ରୋଟିନାମା' ଓ 'କୌଡ଼ି ନାମା'କବିତା ନଜୀରଙ୍କ କାବ୍ୟଧାରାର ଅନୁରୂପ । ଜଣେ ରୋଟିର ପ୍ରଶଂସାରେ ମୁଖର ତ ଅନ୍ୟଜଣେ ସର୍ବଶକ୍ତିମାନ ଅର୍ଥର ପ୍ରଶଂସାରେ ମୁଖର । 'ରୋଟି ନାମା'ରେ ଜୀବନର ସମସ୍ତ ଆଡମ୍ବର ଓ ଗୌରବ, ସାଂସ୍କୃତିକ ମୂଲ୍ୟବୋଧ ଓ ଆଧ୍ୟାତ୍ମିକ ରହସ୍ୟବାଦ ପେଟର କ୍ଷୁଧା ଆଗରେ ତୁଚ୍ଛ ମନେହୁଏ ।

ଏପରିକି କ୍ଷୁଧାତୃଷାର ପରିତୃପ୍ତି ଉପରେ ହିଁ ପ୍ରକୃତିର ଉପଭୋଗ ଓ ଈଶ୍ୱରଙ୍କ ଉପାସନା ନିର୍ଭର କରେ । ଜଣେ କ୍ଷୁଧିତ ଭିକ୍ଷୁକର ଆଖିରେ ଚନ୍ଦ୍ର ଓ ସୂର୍ଯ୍ୟ

ଦୁଇଖଣ୍ଡି ରୋଟି ପରି ଦେଖାଯାନ୍ତି । ରୋଟି ଜୀବନରେ ସବୁ ସ୍ୱାଦ ଓ ମଧୁରତା ସୃଷ୍ଟି କରେ । ପେଟରେ ଆହାର ପଡ଼ିଲେ ବଗିଚା, ଶସ୍ୟକ୍ଷେତ୍ର ଓ ପୃଥିବୀର ସବୁ ଦୃଶ୍ୟ ସୁନ୍ଦର ଦିଶେ । "କେବଳ ଦୁଇଖଣ୍ଡ ରୋଟି ବିଶ୍ୱର ଚଉଦ ମହାକାଶର ରହସ୍ୟ ଉଦ୍‌ଘାଟନ କରିପାରେ । ସମସ୍ତ ଚମତ୍କାରିତା, ଉତ୍କର୍ଷତା ଏବଂ ସଫଳତା ଏହି ରୋଟିରୁ ହିଁ ଜନ୍ମ ।"

ଏହି ଭାବ ଓ ଦୃଷ୍ଟିକୋଣର ପ୍ରକାଶ ଘଟିଛି 'କଉଡ଼ି ନାମା' କବିତାରେ । କଉଡ଼ି (ପଇସା) ଓ ରୋଟି ଗୋଟିଏ ମୁଦ୍ରାର ଦୁଇ ପାଖ । ମଣିଷ ପଇସା ପାଇଁ ଉଲଗ୍ନ ହୋଇପାରେ ଏବଂ ଅର୍ଥ ବଳରେ ହିଁ ଏହି ଜଗତରେ ଖ୍ୟାତି ଓ ଅନ୍ୟ ଜଗତରେ ମୁକ୍ତି ଅର୍ଜନ କରାଯାଇ ପାରେ । ତାଙ୍କ କବିତାର କିୟଦଂଶ ସେକ୍ସପିଅରଙ୍କ କବିତାର କିୟଦଂଶ ସହିତ ତୁଳନୀୟ :—

ସୁନା, ପୀତାଭ, ଉଜ୍ଜ୍ୱଳ, ମୂଲ୍ୟବାନ ସୁନା···
ଏଥିରେ ତିଆରି ହୁଏ, ପରିଚିତ ହୁଏ
କଳା ଆଉ ଗୋରା,
ଭଲ ଓ ମନ୍ଦ
ଭୁଲ ଓ ଠିକ୍
ସାମନ୍ତ ଓ ଭିକାରି, ବୃଦ୍ଧ ଓ ତରୁଣ
ଏହି କଣ ଈଶ୍ୱର ?
ଏହା କିପରି ବିଡ଼ମ୍ବନା ଯେ
ଏଇ ସୁନା ପାଇଁ ସେବକ ଓ ପୁରୋହିତ
ଚାଲି ଯାଆନ୍ତି ଈଶ୍ୱରଙ୍କ ପାଖରୁ ।
ଏହା ଚାଲିଗଲେ ମଣିଷର ଗୌରବ ଓ ମର୍ଯ୍ୟାଦାବି ଚାଲିଯାଏ
ହଳଦୀ ରଙ୍ଗର ସୁନାର କ୍ରୀତଦାସ ସମସ୍ତେ ।
ଏହା ପାଇବାଲାଗି
ଧର୍ମଭାଙ୍ଗି ଦିଆଯାଏ ଓ ଯୋଡ଼ାଯାଏ
ଲୁଣ୍ଠନକାରୀ, ବିଧର୍ମୀମାନଙ୍କୁ ପୁରସ୍କୃତ କରାଯାଏ
ସୁନ୍ଦରୀ ତରୁଣୀ
କୁଷ୍ଠରୋଗ ଆକ୍ରାନ୍ତ ବେଶ୍ୟାମାନଙ୍କୁ ମହାନ କରିଦିଆଯାଏ ।
ଚୋର, ଡାକୁଙ୍କୁ ପଦବୀ, ସମ୍ମାନ
ଓ ପଦୋନ୍ନତି ଦ୍ୱାରା ଭୂଷିତ କରାଯାଏ ।

(ଟିମୋନ ଅଫ ଏଥେନ୍ସ, ସେକ୍ସପିଅରଙ୍କ ଚତୁର୍ଥ ଅଙ୍କ, ଦ୍ୱିତୀୟ ଦୃଶ୍ୟ)

ଅକବରାବାଦ ପର ନଜୀରଙ୍କ କେତୋଟି ବର୍ଣ୍ଣନାତ୍ମକ କବିତା 'ରୁହେ ନଜୀର' କବିତା ସଂକଳନର ଅନ୍ତର୍ଗତ କରାଯାଇ ନାହିଁ । ଏହା ବୋଧହୁଏ ଠିକ୍ । କିନ୍ତୁ 'ଶହର ଆଶୋବ', 'ଖୁଦାକୀ ବାତେଁ ଖୁଦାହୀ ଜାନେଁ' ଓ 'ବରସାତ୍'ର 'ରୁହେ ନଜୀର' ପରି କେତେକ ସୁରଚିତ ଓ ମହତ୍ତ୍ୱପୂର୍ଣ୍ଣ କବିତା ଏଥିରେ ସ୍ଥାନ ନ ପାଇବା ଆଶ୍ଚର୍ଯ୍ୟର ବିଷୟ ।

'ଶହର ଆଶୋବ' ସେହି ସମୟର ଉର୍ଦ୍ଦୁ ଓ ପାରସୀରେ ପ୍ରଚଳିତ ଲୋକପ୍ରିୟ ଏକ ସ୍ୱତନ୍ତ୍ର କାବ୍ୟରୂପ । ପ୍ରାରମ୍ଭରେ ଏଥିରେ ସମାଜର ବିଭିନ୍ନ ଶ୍ରେଣୀର ସୁନ୍ଦରୀ କୁମାରୀ ମାନଙ୍କର ବର୍ଣ୍ଣନାରେ ପୂର୍ଣ୍ଣ ଥିଲେ ମଧ୍ୟ, ପରେ ବିଭିନ୍ନ ପେଶା ଓ ଧନ୍ଦାର ଲୋକମାନଙ୍କର କରୁଣ ଜୀବନ ଯାତ୍ରା ଏଥିରେ ବିସ୍ତୃତ ଭାବରେ ବର୍ଣ୍ଣନା କରା ଯାଇଛି । ଅତୀତରେ ଭାରତର ରାଜଧାନୀ ଆଗ୍ରା ସହରର ଅର୍ଥନୈତିକ ଧ୍ୱଂସସ୍ତୁପ ଉପରେ ଲିଖିତ 'ସହର ଆସୋବ' କବିତା ଏକ ମର୍ମସ୍ପର୍ଶୀ ଚିତ୍ର ପ୍ରଦାନ କରେ । ସେତେବେଳେ ବ୍ୟବସାୟୀ ଓ ଦୋକାନୀମାନେ ବେକାର ବସିଥିଲେ । କାରିଗରମାନଙ୍କ ହାତରେ କାମ ନଥିଲା । ଭାବପ୍ରବଣତା ଓ ହୃଦୟତାର ସହିତ ଲେଖା ଯାଇଥିବା ଏହି କବିତା କେବଳ ସମୟର ଐତିହାସିକ ବିବରଣୀ ନଥିଲା, ବରଂ ଏହା ଥିଲା ସମକାଳୀନ ଅବସ୍ଥା ଓ ମାନବ ଚରିତ୍ରର ଏକ ଶୋଭନୀୟ ଚିତ୍ରଶାଳା ।

ସର୍ବୋପରି ଜୀବନ ପ୍ରତି ନଜୀରଙ୍କ ଦୃଷ୍ଟିକୋଣ 'ଖୁଦା କୀ ବାତେଁ ଖୁଦା ହୀ ଜାନେଁ' ଓ 'ଆୟନା' ରେ ସୁନ୍ଦର ଭାବରେ ଫୁଟି ଉଠିଛି । ଏଥିରେ ରହସ୍ୟବାଦୀ ଦର୍ଶନ ଅନୁସାରେ କିପରି ପରମ ସତ୍ୟ ନିଜ ଭିତରେ ହିଁ ଅବସ୍ଥାନ କରନ୍ତି ତାହା ଦର୍ଶାଇ ଦିଆ ଯାଇଛି । କେବଳ ଆତ୍ମ ଦର୍ଶନରେ ହିଁ ଈଶ୍ୱର ଦର୍ଶନ ହୁଏ ବା ଏଥିରେ ହିଁ ଶାଶ୍ୱତ ସତ୍ୟର ଉପଲବ୍ଧି କରାଯାଏ । କିନ୍ତୁ କବିତାରେ ବ୍ୟବହାର କରାଯାଇଥିବା ଅଭିବ୍ୟକ୍ତିର ଧାରାରୁ ଏହି ସୂଚନା ମିଳେ ଯେ କବି ସେହି ଚିରନ୍ତନ ଅତିପ୍ରାକୃତ ସତ୍ତା ଅପେକ୍ଷା ମାନବୀୟ ଶାରୀରିକ ସୌନ୍ଦର୍ଯ୍ୟର ଉଚ୍ଛ୍ୱସିତ ପ୍ରଶଂସା କରିଛନ୍ତି । ନଜୀରଙ୍କ 'ଆୟନା'ରେ ଶାରୀରିକ ସୌନ୍ଦର୍ଯ୍ୟର ଯେଉଁ ବର୍ଣ୍ଣନା ଦିଆଯାଇଛି ତାହା ଚମତ୍କାର । ତେଣୁ ଲୋକ କଥାରେ ପ୍ରଚଳିତ 'ଯିଏ ନିଜକୁ ଚିହ୍ନେ ସେ ଈଶ୍ୱରଙ୍କୁ ଚିହ୍ନେ' ଏଥିରେ ପୁନର୍ବାର ଉଦ୍ଘାଟିତ ହୋଇଛି ।

'ଖୁଦା କୀ ବାତେଁ ଖୁଦା ହୀ ଜାନେଁ' ରେ ନଜୀର ଅଜ୍ଞାବାଦ ଉପରେ ପୁନର୍ବାର ଯୋର ଦେଇଛନ୍ତି । ଏହି ପାର୍ଥିବ ଜଗତର ବାହାରେ ଆଉ କିଛି ତତ୍ତ୍ୱ ବା ଜ୍ଞାନ ଥାଇ ପାରେ ଏଥିରେ ସେ ବିଶ୍ୱାସ କରୁ ନଥିଲେ । ଯାହା ଶାଶ୍ୱତ ସତ୍ୟ ତାହା ଅଜ୍ଞାତ ଓ

ମଣିଷ ମନର ଉପଲବ୍ଧିର ବାହାରେ । ମାନବୀୟ ବୁଦ୍ଧିର ସୀମାବଦ୍ଧତା ସମ୍ପର୍କରେ ସଚେତନ ନଜୀର ଯେଉଁ ସାଂସାରିକ ପଦାର୍ଥ ଆଖି ଆଗରେ ପ୍ରତିଭାତ ଓ ଦୃଶ୍ୟମାନ କେବଳ ସେତିକି ଜାଣିବାରେ ସନ୍ତୁଷ୍ଟ ଥିଲେ । ଦୁଇଜଣ ପ୍ରସିଦ୍ଧ ପାରସୀ କବି ଖୟ୍ୟାମ ଓ ହାଫିଜଙ୍କ ଏହି ଦୃଷ୍ଟିକୋଣ ଓ ବିଶ୍ୱର ଉର୍ଦ୍ଦୁ କବିତାରେ ପ୍ରସାରଲାଭ କରିଥିଲି । ଦୁହେଁ ପ୍ରଚାର କରିଥିଲେ ଯେ ଯାହା ଶେଷ ଶାଶ୍ୱତ ସତ୍ୟ ତାହା ମଣିଷର ଅଜ୍ଞାତ । ତେଣୁ ତାହା ଜାଣିବାଲାଗି ବ୍ୟସ୍ତ ନ ରହି, ଯାହା ଦୃଶ୍ୟ ଓ ପ୍ରତିଭାତ ସେତିକରେ ମଗ୍ନ ରହିବା ଉଚିତ । ଯେଉଁମାନେ ସର୍ବଜ୍ଞାତା ବୋଲି ଦାବୀ କରନ୍ତି ସେମାନେ ବାସ୍ତବରେ ଅନ୍ୟମାନଙ୍କ ପରି ଅଜ୍ଞ । ଅଜ୍ଞାବାଦ, ରୀତିବାଦ ଓ ଔପଚାରିକତାକୁ ପ୍ରତ୍ୟାଖ୍ୟାନ କରେ । ଉଦାରତା ଓ ସହିଷ୍ଣୁତା ସହିତ ସାଧାରଣ ଚଳନ୍ତି ଜୀବନ ଧାରାରେ ଭୋଗବାଦୀ ଚିନ୍ତାଧାରାର ପ୍ରବର୍ତ୍ତନକୁ ଏହା ସମର୍ଥନ କରେ । ଯେଉଁମାନେ 'ସର୍ବଜ୍ଞାତା' ବା ସବୁ ଜାଣନ୍ତି ବୋଲି କହନ୍ତି ସେମାନଙ୍କୁ ନଜୀର ଉପହାସ କରି ମାନବୀୟ ବୁଦ୍ଧିର ସୀମାବଦ୍ଧତା ଓ ସ୍ୱଳ୍ପତା ସମ୍ବନ୍ଧରେ ସୂଚନା ଦେଇ କହିଚନ୍ତି ଯେ ଯେଉଁ ଦ୍ରଷ୍ଟା, ଦାର୍ଶନିକ ଓ ବିଦ୍ୱାନମାନେ ଶାଶ୍ୱତ ଏକମାତ୍ର ସତ୍ୟ ଜାଣନ୍ତି ବୋଲି ଦାବୀ କରନ୍ତି ସେମାନେ କିଛି ଜାଣନ୍ତି ନାହିଁ ।

ତାଙ୍କର 'ବରସାତ୍' କବିତା ପୂର୍ବରୁ ରଚିତ 'ବରସାତ୍ କୀ ବାହାରେଁ' କବିତାର ବିସ୍ତାରିତ ରୂପ । ବର୍ଷାଋତୁରେ କାଦୁଅପଙ୍କରେ ସାଧାରଣ ଲୋକ କିପରି ଅବସ୍ଥା ଓ ବିପର୍ଯ୍ୟୟର ସମ୍ମୁଖୀନ ହୁଏ ତାହା ହାସ୍ୟରସାତ୍ମକ ଢଙ୍ଗରେ ସେ ବର୍ଣ୍ଣନା କରିଛନ୍ତି । ଖସଡ଼ା ଅଗଣାରେ ବା ବଜାରର କାଦୁଅ ରାସ୍ତାରେ ଲୋକମାନଙ୍କର ଖସିକି ପଡ଼ିବାର ଦୃଶ୍ୟ ସେ ବେଶ୍ ଉପଭୋଗ କରୁଥିଲେ । ଏହି କବିତାଟି ଆନନ୍ଦଦାୟକ ଓ ଚତୁଃପାର୍ଶ୍ୱର ଜୀବନର ବ୍ୟଞ୍ଜନାତ୍ମକ ଅଭିବ୍ୟକ୍ତି ।

ନଜୀରଙ୍କ ରଚିତ ଗଜଲ ସମ୍ପର୍କରେ ବିଚାର କଲାବେଳେ ଗୋଟିଏ ବିଷୟରେ ଧ୍ୟାନ ଦେବା ଆବଶ୍ୟକ । ମିର୍ଜା ଫରହତୁଲ୍ଲା ବେଗ ଉର୍ଦ୍ଦୁରେ ତାଙ୍କର ଦୁଇଟି ଦିବାନରେ (ସଂଗ୍ରହରେ) ୧୫୬ଟି ଓ ୧୫୭ଟି ରଚନାର ସନ୍ଧାନ ପାଇଛନ୍ତି । ଗଜଲ ସମ୍ପର୍କରେ ଜାଣି ନ ଥିବା ଲୋକମାନଙ୍କୁ ଏହା କହିଦେବା ଉଚିତ ହେବ ଯେ ପ୍ରେମ ଓ ନୈତିକତା ଉପରେ ଆଧାରିତ ଗଜଲ ଏକ ପ୍ରକାର ଗୀତି କବିତା ଏବଂ ଏଥିରେ ଥିବା ପଦଗୁଡ଼ିକରେ ବିଭିନ୍ନ ଭାବ ଓ ପ୍ରତୀକାତ୍ମକ ଅଭିବ୍ୟକ୍ତି ଥାଏ । ଏଥିରେ ପ୍ରୟୋଗ କରାଯାଇଥିବା ଶବ୍ଦ ଓ ପ୍ରତୀକ ଗୁଡ଼ିକର ଅନ୍ତଃସ୍ୱର ଅନୁସାରେ ସଜାଡ଼ି ହୁଏ । ଏଥିରେ ପ୍ରଚଳିତ ସାଙ୍କେତିକତା ଅଧିକତର ନିଶ୍ଚିତ ଯାହା ବିଶିଷ୍ଟ ଗଜଲ ଲେଖକମାନଙ୍କ ଦ୍ୱାରା ରଚନା ପଦ୍ଧତିରେ ପରିଣତ ହୋଇଛି । ପରଂପରାର ଏହି ପ୍ରଭାବ କେବଳ ଏହାର ଅଭିବ୍ୟକ୍ତିରେ ଦୃଷ୍ଟି-

ଗୋଚର ହୁଏ ନାହିଁ, କିନ୍ତୁ ଏହା ମଧ୍ୟ ଗଜଲର ଶୈଳୀ, ପରିପାଟି ଓ ବିଷୟବସ୍ତୁ କିପରି ହେବ ତାହା ନିର୍ଣ୍ଣୟ କରିଥାଏ । ତେଣୁ ଜଣେ ଅତି ଉଚ୍ଚକୋଟିର କବି ହୋଇ ମଧ୍ୟ ପାରସ୍ପରିକ ଢଙ୍ଗରେ ଗଜଲ ଲେଖି ସଫଳତା ଅର୍ଜନ କରିବା ଓ ନିଜସ୍ୱ ବ୍ୟକ୍ତିତ୍ୱର ସୁସ୍ପଷ୍ଟ ଛାପ ରଖିବା ପ୍ରାୟ ଅସମ୍ଭବ କହିଲେ ଚଳେ । ଐତିହାସିକ ଦୃଷ୍ଟିରୁ ଉର୍ଦ୍ଦୁ ଗଜଲକୁ ମୁଖ୍ୟତଃ ତିନିଭାଗରେ ବିଭକ୍ତ କରାଯାଇ ପାରେ । ମୀର ତାକି ମୀରଙ୍କ ଗଜଲ ଗୋଟିଏ ପ୍ରକାର । ଏହା କୋମଳ, ରସାଳ, ଏହାର ସ୍ୱର ଅର୍ଥପୂର୍ଣ୍ଣ ଓ ମଧୁର, କିନ୍ତୁ ଭାବ ହତାଶା ଓ ବିଷର୍ଣ୍ଣତାରେ ପୂର୍ଣ୍ଣ । କିନ୍ତୁ ଗାଲିବଙ୍କର ଗଜଲ ଭିନ୍ନ ପ୍ରକାର । ବିଶ୍ୱ ସଂସାରକ ବାଧାବିଘ୍ନ ଓ ବିଷର୍ଣ୍ଣତା ମଧ୍ୟରେ ସୁଦ୍ଧା ତାଙ୍କ ଗଜଲ ଗୁଡ଼ିକରେ ଗତିମୟତା ସହିତ ପରମ ସତ୍ୟର ଅନୁସନ୍ଧାନ ପ୍ରବଣତା ଓ ଆଶାବାଦିତାର ସୁନ୍ଦର ସମନ୍ୱୟ ଘଟିଛି । ତୃତୀୟ ପ୍ରକାର ଗଜଲ ଗୁଡ଼ିକର ରଚୟିତା ହେଉଛନ୍ତି ଇନ୍‌ସା ଓ ଜୁରାତ । ଏ ଦୁହିଁଙ୍କର ଗଜଲ ଗୁଡ଼ିକରେ ଶିଳ୍ପଗୁରୁତ୍ୱ ସହିତ ସ୍ପର୍ଶ ସୁଖ ଜାଗ୍ରତ କରୁଥିବା ଉନ୍ମୁକ୍ତତାର ସମନ୍ୱୟ ଘଟିଛି । ସେ ଦୁହେଁ ପାର୍ଥିବ ପ୍ରେମର ସଙ୍ଗୀତ ସୁସଜ୍ଜିତ ଓ ବେଳେବେଳେ କାମନା ବାସନା ଉଦ୍ରେକ କରୁଥିବା ଭାଷାରେ ଗାନ କରିଛନ୍ତି ।

ନଜୀର ଶେଷ ଦୁଇଧାରାର ଅନୁସରଣ କରିଛନ୍ତି । ମୀରଙ୍କ ସମୟରେ ସେ ଲେଖୁଥିଲେ । ତେଣୁ ଦାକ୍ଷିଣାତ୍ୟର ବଲୀ ଏବଂ ଦିଲ୍ଲୀର ଫୈଜଙ୍କ ସରଳ ଓ ବାଧାବନ୍ଧନହୀନ ଧାରାର ପ୍ରଭାବ ସହିତ ସେମାନଙ୍କ ସରଳତା ଓ ସ୍ପର୍ଶକାତରତା ଓ ମୀରଙ୍କ ମାନସିକତାର ସ୍ୱର ଓ ଧାରା ନିଜ ରଚନାରେ ନଜୀର ପ୍ରବର୍ତ୍ତନ କରିଥିଲେ । ତଥାପି, ପାରମ୍ପରିକ ଶୈଳୀର ପ୍ରଭାବ ଏତେ ବେଶୀ ଅନୁଭୂତ ହେଉଥିଲା ଯେ ସେଥିରେ ସେ ନିଜର ବୈଶିଷ୍ଟ୍ୟ ଦେଖାଇବା ପାଇଁ ଅସମର୍ଥ ଥିଲେ । ଯଦିବା ଜଣେ ଦ୍ୱିତୀୟ ଶ୍ରେଣୀର ଗଜଲ ଲେଖକ ଭାବରେ ଲୋକମାନେ ତାଙ୍କୁ ସ୍ମରଣ କରିବେ, ତଥାପି ଆଜାଦଙ୍କ ଉକ୍ତି ଅନୁସାରେ ତାଙ୍କର କେତେକ ପଦାବଳୀ "ମୀରଙ୍କ ପରି ମହାନ ଗଜଲ ଲେଖକଙ୍କ ସହିତ ତୁଳନୀୟ ।"

ସ୍ପଷ୍ଟ ଭାବରେ କହିଲେ, ଗଜଲ ରଚନାରେ ସେ ନିଜର ବୈଶିଷ୍ଟ୍ୟ ପ୍ରମାଣିତ କରି ନ ଥିଲେ । ତେଣୁ ଏହି ଶ୍ରେଣୀର କବିତା ଉପରେ ତାଙ୍କର ବ୍ୟକ୍ତିତ୍ୱର ସୁସ୍ପଷ୍ଟ ଛାପ ପଡ଼ିନାହିଁ, ବରଂ ଅସ୍ପଷ୍ଟ ହୋଇଛି । ବଡ ବଡ ସମାଲୋଚକମାନଙ୍କ ମତରେ ଗୁଣାତ୍ମକ ଦୃଷ୍ଟିରୁ ତାଙ୍କ ଗଜଲ ଗୁଡ଼ିକ ଉଲ୍ଲେଖନୀୟ ନୁହେଁ, କିନ୍ତୁ ଗଜଲରେ ତାଙ୍କ ସ୍ଥିତି ଦୁର୍ବଳ ବୋଲି ମଧ୍ୟ କୁହାଯାଇନପାରେ ।

ସେ ରଚନା କରିଥିବା ଗଜଲ ଗୁଡ଼ିକର ବିସ୍ତୃତ ଆଲୋଚନା କରିବାର ସ୍ଥାନ ଏଠାରେ ନାହିଁ । ଏଠାରେ କେବଳ ସେ ସମ୍ପର୍କରେ କିଞ୍ଚିତ ଆଭାସ ଦିଆଯାଇଛି ।

ତାଙ୍କ ଗଜଲ ଗୁଡ଼ିକ ପ୍ରତି ଦୃଷ୍ଟି ଦେଲେ ସେ ଗୁଡ଼ିକରେ ଯେ ପାର୍ଥିବ ବିଷୟ ପ୍ରାଧାନ୍ୟ ପାଇଛି ତାହା ପାଠକମାନେ ଅନୁଭବ କରନ୍ତି । ନଜୀର ପ୍ରଧାନତଃ ପ୍ରେମ ଓ ସୌନ୍ଦର୍ଯ୍ୟର କବିଥିଲେ ଏବଂ ତାଙ୍କ ଦୃଷ୍ଟିରେ ଏଥିରେ ରହସ୍ୟବାଦୀ ଚେତନାର ସ୍ଥାନ ନାହିଁ । ସଂସାର ପ୍ରଚୁର ପ୍ରେମ ଓ ଆନନ୍ଦରେ ପୂର୍ଣ୍ଣ ଏବଂ ଏଥିରେ ଯେଉଁ ଯନ୍ତ୍ରଣା ଅଛି ତାହା ଅନୁଭବ ବା ଉପଭୋଗର ବିଷୟ ।

ଏହି ଗଜଲ ଗୁଡ଼ିକରେ ଯେଉଁ ସୌନ୍ଦର୍ଯ୍ୟ ବିଷୟରେ ବର୍ଣ୍ଣନା କରାଯାଇଛି ତାହା ଅତି ପ୍ରାକୃତ ବା ଆଧିଭୌତିକ ବିଷୟ ନୁହେଁ, କିନ୍ତୁ ତାହା ମାନବୀୟ ଶରୀରର ମାଦକତାଭରା କାମନା ବାସନାର ଆବେଦନ ।

ତାଙ୍କ ଗଜଲରେ ଏହି ମାଦକତାଭରା ଇନ୍ଦ୍ରିୟ ଉନ୍ମୁଖତା ସଙ୍କୋଚ ନକରି ବ୍ୟକ୍ତ କରାଯାଇଛି । ଏଥିରେ ପ୍ରେମିକ ଓ ପ୍ରେମିକାର ପ୍ରେମ ଓ ମିଳନର ଦୃଶ୍ୟ ଏବଂ ସେହି ସମ୍ପର୍କିତ ଚିତ୍ର ଅତି ରସାଳ ଭାବରେ ଏକା ନିଶ୍ୱାସରେ ପଢ଼ିବା ଭଳି ଶୈଳୀରେ ବର୍ଣ୍ଣିତ ହୋଇଛି । ନଜୀର ସେହି ରସାଳ ବର୍ଣ୍ଣନାରେ ଏତେ ନିମଗ୍ନ ଥିଲେ ଯେ ଗୋଟିଏ ଦୃଶ୍ୟ, ଘଟଣା ବା ଗୋଟିଏ ଭାବକୁ କେନ୍ଦ୍ର କରି ସେ ଏକାଧିକ ଗଜଲ ରଚନା କରିଛନ୍ତି । ତାଙ୍କର କେତେକ ସମକାଳୀନ କବିମାନଙ୍କ ପରି ସେ ମଧ୍ୟ ଉଚ୍ଛ୍ୱସିତ ଭାବରେ ପ୍ରିୟାର ସୌନ୍ଦର୍ଯ୍ୟ ବର୍ଣ୍ଣନା କରିଛନ୍ତି । ରୂପବର୍ଣ୍ଣନା କଲାବେଳେ ସେ ଯେଉଁ ସବୁ ଶବ୍ଦସମ୍ଭାର ଉପମା ବ୍ୟବହାର କରିଛନ୍ତି ତାହା ଜୀବନ ପ୍ରତି ଉଦ୍ଦାମ ଆକର୍ଷଣ ପ୍ରଦର୍ଶନ କରୁଛି । ଏହାହିଁ ଅନ୍ୟମାନଙ୍କଠାରୁ ତାଙ୍କର ବିଶେଷତ୍ୱ । ଗଜଲର କୃତ୍ରିମ କଳା ଓ କାରୁକାର୍ଯ୍ୟ କୁଶଳତାର ତୁଳନାତ୍ମକ ସମୀକ୍ଷା କରିବା ଅପେକ୍ଷା ଅନ୍ୟକବିମାନଙ୍କଠାରୁ ଜୀବନକୁ ଭିନ୍ନ ଦୃଷ୍ଟିରେ ଦେଖିବା ଓ ଉପଭୋଗ କରିବାର ସ୍ୱତନ୍ତ୍ରତା ନଜୀରଙ୍କୁ ଏକ ବିଶିଷ୍ଟ କବି ଭାବରେ ପରିଚିତ କରେ ।

ଉପସଂହାର

ଜଣେ କବିର ମହାନତା ତାଙ୍କ ଜୀବନକାଳରେ ସେ ଅର୍ଜନ କରିଥିବା ପ୍ରତିଷ୍ଠା ଉପରେ ନିର୍ଭର କରେ ନାହିଁ । କାରଣ ଏହି ପ୍ରତିଷ୍ଠା ଭିନ୍ନ କାରଣରୁ ମଧ୍ୟ ହୋଇଥାଇ ପାରେ ଯାହା ତାଙ୍କର ମହାନତା ବିଚାରକୁ ନେଲବେଳେ କେତେକାଂଶରେ ପ୍ରାସଙ୍ଗିକ ବା ଅଧିକାଂଶ ସ୍ଥଳରେ ଅପ୍ରାସଙ୍ଗିକ ମନେ ହୋଇପାରେ । ସମାଜରେ ତାଙ୍କର ମର୍ଯ୍ୟାଦା ତାଙ୍କ କବିତାର ପ୍ରକୃତି, କବିଙ୍କର ପ୍ରୀତିକର ବା ଅପ୍ରୀତିକର ବ୍ୟକ୍ତିତ୍ୱ, ତାଙ୍କ ସମୟରେ ତାଙ୍କଠାରୁ ମହାନ କବିଙ୍କର ଆବିର୍ଭାବ ବା ଅଭାବ ପ୍ରଭୃତି ବିଭିନ୍ନ ବିଷୟରେ ତାଙ୍କର ବ୍ୟକ୍ତିତ୍ୱ ଓ ପ୍ରତିଷ୍ଠା ନିର୍ଣ୍ଣୟ କରିବାରେ ସହାୟକ ହୁଏ । ସମକାଳୀନ ସମାଜରେ ସାହିତ୍ୟର ମୂଲ୍ୟାୟନ କରିବାରେ ସମାଲୋଚନାର ଯେଉଁ ମାନଦଣ୍ଡ ବ୍ୟବହୃତ ହୁଏ ବା ସେହି ସମୟର ସମାଲୋଚକମାନେ ସାହିତ୍ୟର ମୂଲ୍ୟାୟନ କଲାବେଳେ ଯେଉଁ ଦୃଷ୍ଟିକୋଣ ଗ୍ରହଣ କରନ୍ତି ତାହା ଓ ସେମାନଙ୍କ ସହିତ କବିଙ୍କ ସଂପର୍କ ମଧ୍ୟ କମ ତାତ୍ପର୍ଯ୍ୟପୂର୍ଣ୍ଣ ନୁହେଁ ।

କବିଙ୍କର ମହାନତା ଅନେକ ପରିମାଣରେ କାଳର ସିଦ୍ଧାନ୍ତ ଉପରେହିଁ ନିର୍ଭର କରେ । କାଳ ନିଷ୍ଠୁର ହେଲେ ମଧ୍ୟ ତାହାହିଁ ମୂଲ୍ୟାଙ୍କନ କରିବାର ପ୍ରକୃତ କଷଟି ପଥର । ତାଙ୍କ ସମାଜ ଅପେକ୍ଷା ଅନ୍ୟ ସମାଜରେ ବା ତାଙ୍କର ପରବର୍ତ୍ତୀ ସମାଜ ଓ ସମୟରେ କ୍ରମାଗତ ଭାବରେ ଯଦି କବି ଆଦୃତ ହୁଅନ୍ତି ତାହାହିଁ କବିଙ୍କର ମହାନତାର ପ୍ରକୃତ ନିଦର୍ଶନ ।

ପ୍ରାୟ ଅଧିକାଂଶ ସମକାଳୀନ କବିମାନଙ୍କ ଅପେକ୍ଷା ନଜାରଙ୍କର ସମୟର କଷଟି ପଥରରେ ଉତ୍ତୀର୍ଣ୍ଣ ହେବା ଭିନ୍ନ ପ୍ରକାର । ସେମାନଙ୍କ ମଧ୍ୟରୁ ଅଧିକାଂଶ ସମକାଳୀନ କବିମାନଙ୍କ ଦ୍ୱାରା ମହାନ କବି ଭାବରେ ସ୍ୱୀକୃତିଲାଭ କରିଥିଲେ । କାଳର କଷଟି ପଥରରେ ଏହା ପ୍ରମାଣିତ ହୋଇଥିଲା । ସେମାନଙ୍କର ପ୍ରତିଭା ଭିତ୍ତିରେ ସେମାନଙ୍କର ଯେଉଁ ତାଲିକା ପ୍ରସ୍ତୁତ କରା ଯାଇଥିଲା ସେଥିରେ କାଳର ସମୀକ୍ଷା ଦ୍ୱାରା କିଛି ପରିବର୍ତ୍ତନ ଘଟିଥିଲା । ତାଙ୍କ ଜୀବନ କାଳ ମଧ୍ୟରେ ଜଣେ ମହାନ କବି ଭାବରେ ନଜଙ୍କର ସ୍ୱୀକୃତି-

ଲାଭ କରିନଥିଲେ, କିନ୍ତୁ ସମାଲୋଚକ ମାନଙ୍କ ମତାମତର ଅପେକ୍ଷା ନରଖିବା ତାହା ଦ୍ୱାରା ପ୍ରଭାବିତ ନହୋଇ ତାଙ୍କର ପ୍ରଶଂସକ ଓ ଗୁଣମାନେ ତାଙ୍କୁ ଜଣେ ମହାନ କବିର ମର୍ଯ୍ୟାଦା ଦେଇଥିଲେ ।

ଜନଗଣଙ୍କ ଶତାବ୍ଦି ଭାବରେ ପରିଚିତ ବିଂଶ ଶତାବ୍ଦିରେ ସାମାଜିକ ପରିବର୍ତ୍ତନ ସହିତ ତାଙ୍କର ପ୍ରାସଙ୍ଗିକତା ବୃଦ୍ଧି ପାଇଥିଲା । ସମାଜର ନିମ୍ନସ୍ତରର ଲୋକମାନେ ସେମାନଙ୍କର ସଂସ୍କୃତି ପ୍ରତି ବା ସମାଜରେ ସେମାନଙ୍କର ଭୂମିକା ପ୍ରତି ସମ୍ଭବତଃ ପୂର୍ବରୁ କେବେ ଏତେ ସଚେତନ ନଥିଲେ ।

ଜନଜୀବନରେ ଉନ୍ମେଷିତ ହେଉଥିବା ଗଣତାନ୍ତ୍ରିକ ସଚେତନତା ସାମାଜିକ ବାସ୍ତବତାର ଯଥାର୍ଥ ଓ ନିପୁଣ ବର୍ଣ୍ଣନାକୁ ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ କରି ପାରିଥିଲା ! ଜୀବନର ସାମଗ୍ରିକତା ଉପରେ ବେଶୀ ଯୋର ଦିଆ ଯାଉଥିଲା ଏବଂ ସେଥିପାଇଁ ଜୀବନ ଦୁଃଖ ଯନ୍ତ୍ରଣା ଏବଂ ସୁଖସମ୍ଭୋଗର ସମିଶ୍ରଣ ବୋଲି ଉଦାରତାର ସହିତ ସ୍ୱୀକାର କରାଯାଉ ଥିଲା । ନଜୀରଙ୍କ କବିତା ଏକାଧାରରେ ସଂବେଦନଶୀଳ ଓ ବାସ୍ତବଧର୍ମୀ । ଜୀବନର ଉଲ୍ଲାସରେ ମଗ୍ନ ନଜୀରଙ୍କ ଆଗରେ ସୁଖ ଓ ଦୁଃଖ ଥିଲା ଜୀବନ ରଂଗମଂଚର ଏକ ଚଳମାନ ଦୃଶ୍ୟପଟ । ଏହି ଅତି ବାସ୍ତବତା ଏବଂ ଜୀବନକୁ ସଂପୂର୍ଣ୍ଣ ଭାବରେ ଗ୍ରହଣ କରିବାର କ୍ଷମତା ଏବର ସମାଜରେ ତାଙ୍କୁ କରିଚି ପ୍ରାସଙ୍ଗିକ ।

କେବଳ ଉର୍ଦ୍ଦୁ କବିତାରେ ନୁହେଁ, ସମଗ୍ର ଭାରତୀୟ ସାହିତ୍ୟରେ ମଧ୍ୟ ନଜୀରଙ୍କ ସାହିତ୍ୟ କୃତିର ମୂଲ୍ୟାଙ୍କନ ଏଯାଏ ହୋଇନାହିଁ କି ଉର୍ଦ୍ଦୁ ଓ ଭାରତୀୟ ସାହିତ୍ୟରେ ତାଙ୍କର ଠିକ ସ୍ଥାନ ନିରୂପଣ କରାଯାଇ ନାହିଁ । ନଜୀର କବୀର ଓ ନାନକଙ୍କ ସମୟର ନୁହଁନ୍ତି ଯେତେବେଳେ ତତ୍‌କାଳୀନ ସମାଜର ପାରିପାର୍ଶ୍ୱିକ ଅବସ୍ଥାରେ ବିଭିନ୍ନ ମତବାଦ ମଧ୍ୟରେ ସମନ୍ୱୟ ସାଧିତ ହୋଇ ପାରୁଥିଲା । ଏକ ମହାନ ଯୁଗ ପରେ ତାଙ୍କ ଯୁଗ ଥିଲା ଏକ ଅବକ୍ଷୟର ଯୁଗ । ତେଣୁ ସେତେବେଳେ ଚତୁର୍ଦ୍ଦିଗର ହତାଶା ଓ ସର୍ବନାଶର ପରିବେଶ ସତ୍ତ୍ୱେ ତାଙ୍କ ରଚନାର ଗତିଶୀଳତା ଓ ସଜୀବତା କବିତାକୁ କରିଥିଲା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ । ସେହି ସମୟରେ ରାଜାରାଣୀମାନଙ୍କର ଅଥବା ପ୍ରେମିକ ପ୍ରେମିକାମାନଙ୍କର ପ୍ରେମ କାହାଣୀ କହିବା ଥିଲା ସେତେବେଳର ଏକ ଫେସନ । ବେଳେବେଳେ କବିତାରେ ରହସ୍ୟବାଦର ସାଙ୍କେତିକତା ଉପରେ ପୁନଃବ୍ୟାଖ୍ୟା କରାଯାଉଥିଲାତ ଆଉ କେତେବେଳେ ରୂପକ ପ୍ରୟୋଗ କରି ବିଭିନ୍ନ କଥା-ବସ୍ତୁ ପାଠକମାନଙ୍କ ଆଗରେ ଉପସ୍ଥାପିତ କରାଯାଉଥିଲା । ତଥାପି ପ୍ରାୟ ସର୍ବତ୍ର ଏହି କୃତ୍ରିମତାର ସମାନ୍ତରାଳ ଭାବରେ ସୃଷ୍ଟି ହୋଇଥିଲା ଲୋକଗୀତର ଅଜସ୍ର ପ୍ରବାହ ।

ଲୋକଗୀତର ଏହି ପ୍ରାଚୁର୍ଯ୍ୟ ଓ ଐଶ୍ୱର୍ଯ୍ୟକୁ କୌଣସି କୌଣସି ସାହିତ୍ୟରେ ମାନ୍ୟତା ଦିଆଯାଇଥିଲେ ମଧ୍ୟ ଅନ୍ୟ ସାହିତ୍ୟରେ ଏଥିପ୍ରତି ବିମୁଖତା ପ୍ରକାଶ ପାଇଥିଲା । ଉଦାହରଣ ସ୍ୱରୂପ ପଞ୍ଜାବୀ, ବଙ୍ଗଳା, ମରାଠୀରେ ଲୋକଗୀତ ନିଜର ପ୍ରାଧାନ୍ୟ ବଜାୟ ରଖିଥିଲା ଓ ଜନ ସମୁଦାୟ ଏହା ଗ୍ରହଣ କରି ନେଇଥିଲେ । କିନ୍ତୁ ଯେତେବେଳେ ଉର୍ଦ୍ଦୁରେ ଦକ୍ଷିଣୀ ଓ ଗୁଜରୀ କବିତା ଲୋକଭାଷା ଓ ଲୋକ କଥାକୁ ଗ୍ରହଣ କରି ନେଇଥିଲା ଏବଂ ଅନେକ ସମୟରେ ସେଥିରେ ରହସ୍ୟବାଦୀ ଓ ନୈତିକତାବାଦୀ ଚେତନା ପ୍ରବଳ ହେଉଥିଲା, ସେତେବେଳେ ମୁହମ୍ମଦ ଶାହଙ୍କ ଯୁଗର ଆବ୍ରୁ, ନାଜି ଓ ଅନ୍ୟମାନେ ଉତ୍ତର ଭାରତରେ କବିତାରେ ନୂତନ କୃତ୍ରିମ ଭାଷା ପ୍ରୟୋଗ କରିଥିଲେ । ସେମାନଙ୍କର ପରବର୍ତ୍ତୀ ବଂଶଧର ଭାବରେ ନଜୀର ସେମାନଙ୍କ ପ୍ରଭାବରୁ ମୁକ୍ତ ରହି ଜନସାଧାରଣଙ୍କ ସହିତ ପ୍ରତ୍ୟକ୍ଷ ସଂପର୍କ ସ୍ଥାପନ କରି ସେମାନଙ୍କର କଥିତ ଭାଷାରେ ସେମାନଙ୍କର ସୁଖଦୁଃଖ ଉପରେ କବିତା ରଚନା କରିଥିଲେ ।

ନଜୀର ଗମ୍ଭୀର ତତ୍ତ୍ୱ ବା ଦର୍ଶନ ବା ଉଦଗ୍ର ଭାବପ୍ରବଣତା ଦେଖାଇ ନାହାଁନ୍ତି ସତ, କିନ୍ତୁ ଅଧିକ ଗଭୀରକୁ ନଯାଇ ମଧ୍ୟ ଯୁଗଯୁଗର ଉତ୍‌ଥାନପତନ ମଧ୍ୟ ଦେଇ ପ୍ରାୟ ଅପରିବର୍ତ୍ତିତ ରହିଥିବା ଭାରତ ଓ ଏହାର ଅସ୍ମିତାର ଚିତ୍ର ପ୍ରଦାନ କରିଚନ୍ତି । ଜଣେ ବିଦେଶୀ ପାଠକ ତାଙ୍କ କବିତାରେ ଶକ୍ତି ଓ ଧୈର୍ଯ୍ୟର ସହିତ ସମସ୍ତ ପ୍ରକାର ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମଧ୍ୟ ଜୀବନକୁ ଉପଭୋଗ କରୁଥିବା କୋଟି କୋଟି ଭାରତୀୟଙ୍କର ହୃଦ୍‌ସ୍ପନ୍ଦନର ପ୍ରତିଧ୍ୱନି ଶୁଣି ପାରିବ ।

ଏହି ଯନ୍ତ୍ରଚାଳିତ ଓ ଧ୍ୱନିଠାରୁ ଅଧିକ ବେଗରେ ଉଡୁଥିବା ବ୍ୟୋମଯାନ ଯୁଗରେ ଯେତେବେଳେ ନିଜ ଢଂଗରେ ବଂଚିବାପାଇଁ ମଣିଷର ସମୟ ନାହିଁ ଏବଂ ଏହି ଆଣବିକ ଯୁଗରେ ଯେତେବେଳେ ଯୁଦ୍ଧଭୟ ଓ ସଂପୂର୍ଣ୍ଣ ସର୍ବନାଶ ଡ଼ମୋକ୍ଲିସର ତରବାରୀ ପରି ପ୍ରତ୍ୟେକ ମଣିଷର ମୁଣ୍ଡ ଉପରେ ଝୁଲୁଚି, ସେତେବେଳେ ନଜୀରଙ୍କ କବିତା ପ୍ରବଳ ଉତ୍ତାପରେ ଜଳି ଯାଉଥିବା ସମୟରେ ଝଲକାଏ ସତେଜ ପବନ ପରି ବହିଆସି ଆମକୁ ସ୍ମରଣ କରାଇ ଦିଏ ଯେ ଜୀବନ ଏବେବି ସୁନ୍ଦର, ଉପଭୋଗ୍ୟ ଓ ବଂଚିବାରେ ହିଁ ଏହାର ସାର୍ଥକତା ।

ପରିଶିଷ୍ଟ-୧

ସଙ୍କେତ ସୂଚୀ

ଦ୍ୱିତୀୟ ପରିଚ୍ଛେଦ

୧ । ତାଜକିରାରେ କବିମାନଙ୍କର ରଚନା ଓ ଜୀବନୀ ଥାଏ । ଏଗୁଡ଼ା ନାମକ୍ରମ ଅନୁହାରେ ଅଥବା କାଳକ୍ରମ ଅନୁସାରେ ସଂଗୃହୀତ କରାଯାଏ । ନଜୀର ଅକବରାବାଦୀଙ୍କ ସମ୍ବନ୍ଧରେ କେତେକ ସୂଚନା ମୁଖ୍ୟତଃ ଅଜମୁଦ୍ଦୌଲା ସରଓ୍ୱରଙ୍କ ପୁସ୍ତକ 'ଉମଦା-ଏ-ମୁଣ୍ଟାଖିବା' ମୁସ୍ତାଫା ଖାଁ ସେଫଂତାଙ୍କ 'ଗୁଲଶନ-ଏ-ବେଖାର' ଓ କୁତବୁଦ୍ଦିନ ବାତୀନଙ୍କ ପୁସ୍ତକ 'ଗୁଲସନ-ଏ-ବେଖଜାନ'ରେ ସଂଗୃହୀତ ହୋଇଛି ।

୨ । ନିଜଉପରେ ଲିଖିତ ନଜୀରଙ୍କ କବିତା :—

କହତେ ହେଁ ଜିସ୍‌କୋ ନଜୀର, ସୁନିୟେ ଟୁକ୍ ଉସକା ବୟାନ,
ଥା ଓ୍ୱ ମୁଅଲ୍ଲିମ ଗରୀବ, ବୁଜଦିଲ ଚେ-ତରସନ୍ଦା ଜାନ୍ ।
ଫୈଜ ସେ ଅଲ୍ଲାହ କେ, ଉସକୋ ଦୟା ଉମର ଭର,
ଇଜ୍ଜତ ଓ ହୁରମତ କେ ସାଥ ପରଗ୍ସ ଔର ଆବୋ ନାନ୍ ।
ଫହମ ନଥା ଇଲମ୍ ସେ ଆରବୀକେ କୁଛ୍ ଭୀ ଉସେ,
ଫାରସୀ ମେଁ ହେଁ ମଗର ଜାନେଥା କୁଛ୍ ଇନ-ଓ-ନାନ୍ ।
ଫନେଁ ଗଜଲ କେ ସିବା, ଶୌକ ନାଥା କୁଛ୍ ଉସେ,
ଅପନେ ଇସୀ ଶୌକ ମେଁ ରହତା ଥା ଖୁସ୍ ହର ଜମାନ୍ ।
ସୁସ୍ତ ରଭିଶ, ପସ୍ତା କଦ, ସାଁବଲା, ହିନ୍ଦୀ ନଜାଦ,
ତନ ଭୀ କୁଛ ଐସାହୀ ଥା, କୁଦ୍‌କେ ମୁଆଫିକ୍ ମିଆଁ ।

ମାଥେ ପେ ଏକ ଖଲ ଥା ଗ୍ରେଶ୍ମା ସୀ ମସ୍ୱେସ୍ୱକେ ଭୌର,
ଥା ଓ୍ୱ ପଡ଼ା ଆଁଖ ଔର ଅବରୂ କେ ଦରମିୟ୍ୱା ।

ବଜା ସୁବକ ଉସକ୍କା ଥୀ, ଢସପେ ନା ରଖ୍ତା ଥା ଶସ,
ମୁଁଛେ ଥୀ ଅନ୍ଦ, କାନୌଁ ପେ ପଞ୍ଜେ ଖୁଥେ ପନଓ୍ୱାସନ ।

ପୀର ମେଁ ଥୀ ଜସ ତରହ ଉସକୋଦଲ ଅଫସୁର୍ଦଗୀ,
ଐସୀହି ଥୀ ଇନଦନୋ, ଜନଦନୌଁ, ମେ ଥା ଜବାନ ।

ଲିଖନେ କା ସୂହ ତର୍ଜ ଥୀ, କୁଛ ଯୋ ଲିଖେ ଥା କତାବ,
ପୁଖ୍ତାଗୀ-ଓ-ଖାମୀ କେ ଉସକେ ଥା ଝଚ ଦରମିୟାଁ ।

ଏଥିରେ ବର୍ଣ୍ଣିତ ହୋଇଥିବା ମୁଖ୍ୟ ବିଷୟ ହେଲା ଏହି ଯେ ନଜୀର ଥିଲେ ସାଧାରଣ ଆୟ ଉପାୟ ଥିବା ଜଣେ ଗରିବ ଶିକ୍ଷକ । ସେ ଆରବୀ ଜାଣିନଥିଲେ ଏବଂ କିଛି ପାରସୀ ଜାଣିଥିଲେ । ସେ କବିତା ଲେଖିଥିଲେ । ଏହାହିଁ ଥିଲା ତାଙ୍କର ମୁଖ୍ୟ ପେଷା । ଗହମ ରଙ୍ଗର ଏବଂ ହିନ୍ଦୁସ୍ଥାନରେ ଜନ୍ମି ସେ ଥିଲେ ଖଟକାୟ ମଧ୍ୟମ ଧରଣର । ତାଙ୍କର ଆଖି ଉପରେ ଓ ଆଖି ପତାତଳେ ଗୋଟିଏ କଳାକାଇ ଚିହ୍ନ ଥିଲା । ତାଙ୍କର ଦାଢ଼ୀ ନ ଥିଲା, କିନ୍ତୁ ନିଶ ଥିଲା, ମୁଣ୍ଡ ଉପରେ ଲମ୍ବା କେଶ ଥିଲା ଯାହା ତାଙ୍କର କାନ ଢାଙ୍କି ପକାଉଥିଲା । ଯୁବକ ବୟସରେ ଯେପରି ବାର୍ଦ୍ଧକ୍ୟ ମଧ୍ୟ ସେହିପରି ସେ ଥିଲେ ଏକୁଟିଆ । ତାଙ୍କ ଲେଖିବାର ଶୈଳୀ ଏପରି ଥିଲା ଯେ ତାଙ୍କ ହସ୍ତାକ୍ଷର ଅତି ଖରାପ ନ ଥିଲା ବା ସୁନ୍ଦର ମଧ୍ୟ ନ ଥିଲା ।

ଏହା ମଧ୍ୟଯୁଗୀୟ ଭାରତୀୟ ସୌଜନ୍ୟତାର ଫଳ । ତେଣୁ ନିଜକୁ ନ୍ୟୂନ କରି ନିଜ ସମ୍ବନ୍ଧରେ ସେ ଏପରି ମନ୍ତବ୍ୟ ଦେଇଛନ୍ତି । ଏଥିରୁ ଜଣାପଡ଼ୁଛି ଯେ ପାରସୀରେ ତାଙ୍କର ଭଲଜ୍ଞାନ ଥିଲା ଏବଂ ତାଙ୍କର ହସ୍ତାକ୍ଷର ସୁନ୍ଦର ଥିଲା । ତାଙ୍କର ଶାରୀରିକ ଗଠନ ମଧ୍ୟ ସୁନ୍ଦର ଓ ସ୍ୱାସ୍ଥ୍ୟ ଭଲଥିଲା ।

୩ । ଏହି ସଂକ୍ଷିପ୍ତ ଜୀବନୀ ଫରିଦ୍ଦୁଲ୍ଲା ବେଗଙ୍କ 'ଦୀବାନ-ଏ-ନଜୀର ଅକବରାବାଦୀ'ଙ୍କ ଭୂମିକାରେ ଉଦ୍ଧାର କରାଯାଇଛି । ଏହି ପୁସ୍ତକ 'ଅଂଜୁମନ-ଏ-ତରକ୍କୀ-ଏ-ଉର୍ଦ୍ଦୁ ହିନ୍ଦୀ', ଦିଲ୍ଲୀଙ୍କ ଦ୍ୱାରା ୧୯୪୨ (ଦିବାନରେ) ପ୍ରକାଶିତ ।

୪ । ଅଧ୍ୟାପକ ଅବଦୁଲ ଗଫୁର ଶାହବାଜଙ୍କ ଲିଖିତ 'ଜିନ୍ଦଗାନୀ-ଏ-ବେନାଜୀର', ୧୯୦୦

୫ । କୃଷ୍ଣଙ୍କ ଜନ୍ମ ସମୟରେ ପାଳିତ ଉତ୍ସବର ବର୍ଣ୍ଣନା । ଏହି ସମୟରେ କୃଷ୍ଣଙ୍କ ଜନ୍ମୋତ୍ସବ ପାଳନ କରିବା ପାଇଁ ପାଖପଡ଼ୋଶୀ ସ୍ତ୍ରୀଲୋକମାନେ ଏକାଠି ହୋଇ ଢୋଲକ ଓ ମଜିରା ବଜାଇ, ଶିଶୁର ପ୍ରଶଂସାରେ ଗୀତ ଗାଇ ଏବଂ ମିଷ୍ଟାନ୍ନ ବିତରଣ କରି ପାଳନ କରନ୍ତି ଏବଂ ଶୁଭକାମନା ଜଣାନ୍ତି ।

୬ । କୃଷ୍ଣଙ୍କ ଜନ୍ମ ସମୟରେ ପାଳିତ ଉତ୍ସବର ବର୍ଣ୍ଣନା, 'ଘୁଚ୍ଚି' ଏକ ପ୍ରକାର ମିଷ୍ଟାନ୍ନ । ନୂତନ ବସ୍ତ୍ର, ଫଳମୂଳ ଶିଶୁର ମା ପାଇଁ ଦିଆଯାଏ । ଶିଶୁକୁ ଘୁଚ୍ଚି ଦିଆଯାଏ । କାଳେ ଖରାପ ନଜର ଲାଗିଯିବ ତେଣୁ ହାତରେ ଓ ପାଦରେ କଳାସୂତା ବାନ୍ଧିଦିଆଯାଏ । ସ୍ତ୍ରୀଲୋକମାନେ ଶିଶୁକୁ କୋଳ କରନ୍ତି, କପାଳରେ ଚୁମା ଦିଅନ୍ତି ଏବଂ ଶୁଭମନାସି କହନ୍ତି—କାହ୍ନୁରେ ଶୀଘ୍ର ବଡ଼ହୋଇଯା...ବଡ଼ ହେଲେ ବାହାହୋଇ ଘରକୁ ସୁନ୍ଦରୀ ବୋହୂଟିଏ ଆଣ...।

୭ । ଶିଶୁ ଅବସ୍ଥାର ବର୍ଣ୍ଣନା । ଶିଶୁ ସମସ୍ତଙ୍କଠାରୁ ସ୍ନେହଯତ୍ନ ପାଇ ବଡ଼ ହୁଏ । ଖରାପ ନଜର ଏଡ଼ାଇବା ପାଇଁ ହାତ ଓ ପାଦରେ କଳାସୂତା ବନ୍ଧାଯାଏ । ଗୋରା ହେଉ ବା କଳା ହେଉ ଶିଶୁ ମା ସ୍ତନରୁ କ୍ଷୀର ପାନକରି ତୃପ୍ତିରେ ବଢ଼େ । ବାପାମା ତାକୁ ଲୁଗାପିନ୍ଧାଇ ସଜାନ୍ତି ଓ ଆଦର କରନ୍ତି ।

୮ । ବାଳକଗରର ପୋଷାକ ଓ ଖେଳ ସମ୍ବନ୍ଧରେ ସୂଚନା ।

୯ । ପକ୍ଷୀମାନଙ୍କର (ବୁଲ୍‌ବୁଲ୍, ତୋତା, ଶୁଆଦାରୀ ପ୍ରଭୃତିର) ବର୍ଣ୍ଣନା ।

୧୦ । (କ) 'ପ୍ରତ୍ୟେକ ନିଜକୁ ଜ୍ଞାନୀ ଗୁଣୀ କହୁଥିଲା ବେଳେ ସେମାନଙ୍କ ମଧ୍ୟରୁ କେତେକ ହୁଅନ୍ତି ଦାର୍ଶନିକ ଓ ଗଣିତଜ୍ଞ, ଆଉ କେତେକ ଧର୍ମୀୟ ନେତା ତ ଅନ୍ୟ କେତେକ ପଣ୍ଡିତ ଓ ଜ୍ୟୋତିଷ । କିନ୍ତୁ ପ୍ରକୃତରେ ଏମାନେ କେହି ବିଶ୍ୱର ରହସ୍ୟ ଜାଣନ୍ତି ନାହିଁ । କେବଳ ଈଶ୍ୱରହିଁ ତାହା ଜାଣନ୍ତି । ଲକ୍ଷ ଲକ୍ଷ ବିଜ୍ଞ ଲୋକ ବୃଥାରେ ଘାଣ୍ଟି ଚକଟି ହୁଅନ୍ତି ।'

୧୦ । (ଖ) 'ଯଦି ବି କେହି ବିଚକ୍ଷଣ ବିଦ୍ୱାନ ହୁଅନ୍ତି ବା ଉଟ ଉପରେ ସବୁ ପୁସ୍ତକ ବୋଝ ଆଣି ସେଥିରୁ ଅଧ୍ୟୟନ କରନ୍ତି ବା ସମସ୍ତ ଧର୍ମଶାସ୍ତ୍ର ଓ ଧର୍ମ ନିରପେକ୍ଷ ତଥା ବୈଜ୍ଞାନିକ ତଥ୍ୟ ଏବଂ ତର୍କଶାସ୍ତ୍ର ଅଧ୍ୟୟନ କରି ଜ୍ଞାନ

ରୂପକ ସବୁ ନଦୀ ଅନୁକରଣ କରନ୍ତି, ତଥାପି ସେସବୁ ନିଷ୍ଫଳ । କାରଣ ଯେତେବେଳେ ମୂର୍ଖ ଆଗେ ସେମାନେ ସମସ୍ତେ ନିଜ ନିଜକୁ ନିଃସହାୟ ମନେ କରନ୍ତି ।'

୧୧ । 'ଯଦିବା କେହି ପରାକ୍ରମୀ ଯୋଦ୍ଧା ବା ସେନାପତି ଅସ୍ତ୍ରଶସ୍ତ୍ର, ଶିରସ୍ତ୍ରାଣ, ହାତରେ ଧନୁଶର ଧରି ସାରଥିବରେ ବାଧା ପ୍ରତିବନ୍ଧକ ଅତିକ୍ରମ କରି ବହୁ ଦେଶ ଓ ବହୁ ପଥ ଅତିକ୍ରମ କରନ୍ତି, ତଥାପି ମୂର୍ଖ ଆଗରେ ସବୁ ସାହସିକତା ଓ ସାରଥିର କୌଣସି ମୂଲ୍ୟ ନାହିଁ ।

୧୨ । 'ଦଶବର୍ଷର ପକ୍ଷୀ ଭଳି ଜଣେ ଅନନ୍ୟ ସୁନ୍ଦରୀକୁ ଦେଖିଲି । କିନ୍ତୁ ହେ ଈଶ୍ୱର ! ପ୍ରଲୋଭିତ ଓ ମୋହିତ କରିବାର ସେ ଥିଲି ଅବିକଳ ପ୍ରତିମୂର୍ତ୍ତି ।

୧୩ । ଏହା ଅଧ୍ୟାପକ ଶାହବାଜ 'ଜିନ୍ଦ୍ଗାନୀ-ଏ-ବେନାଜୀର'ରେ ନଜୀରଙ୍କ ମାସିକ ଦରମା ସାତଟଙ୍କା ଥିବାର ଉଲ୍ଲେଖ କରିଛନ୍ତି । ଫରିଦ୍ଉଲ୍ଲା ବେଗ ମଧ୍ୟ ତାଙ୍କ ଦ୍ୱାରା ସଂକଳିତ 'ଦିବାନ'ରେ ଏହି ବିବରଣୀ ଦେଇଛନ୍ତି ।

୧୪ । ଗାର୍ସୀ ଦ ତାସୀ (GARCIN De Tassy)ଙ୍କ ଭାଷଣର ଉର୍ଦ୍ଦୁ ଅନୁବାଦ 'ଅଞ୍ଜୁମାନ-ଏ-ତରକ୍କୀ'ଙ୍କ ଦ୍ୱାରା ପ୍ରକାଶିତ ହୋଇଛି । ଏହି ଭାଷଣ ପ୍ରତିବର୍ଷ ହେଉଥିବା ସାହିତ୍ୟ ସମାବେଶ ଓ ଘଟଣାବଳୀ ସମ୍ପର୍କରେ ଦିଆଯାଉଥିଲା ଏବଂ ପରେ ବିନମସ୍ସ ଦ୍ୱାରା ଫରାସୀଭାଷାବିତ୍ ପାରିସରେ ଏହାର ସଙ୍କଳନ କରିଥିଲେ ।

୧୫ । ମୁଖମ୍ମସ (ପାଞ୍ଚଧାଡ଼ି ବିଶିଷ୍ଟ କବିତା ସ୍ତବକ)—ଏହାର ଅର୍ଥ ଏହିଯେ ମୁଖମ୍ମସ ନିଜର ମସ୍ତକ ଓ ପାଦ ହରାଇଛି । ପଦ ମିଳୁଥିବା ଦୁଇଧାଡ଼ିର କବିତା (ଦୋହା) ନିଜର ହୃଦୟ ଓ ପଂକ୍ତି ନିଜର ମସ୍ତକ ହରାଇଛି । ଏହାର ଅନ୍ତର୍ନିହିତ ଅର୍ଥ ଏହିଯେ ନଜୀରଙ୍କ ମୃତ୍ୟୁର ତାରିଖ ପାରସୀ ବର୍ଣ୍ଣମାଳାର ଗଣନ ପଦ୍ଧତି 'ଅବିଜଦ' ଅନୁସାରେ ବାହାର କରିହେବ ।

ତୃତୀୟ ପରିଚ୍ଛେଦ

୧ । ଏଫ୍. ବର୍ଣ୍ଣିୟର-ଟ୍ରାଭେଲସ୍ ଇନ ମୋଗଲ ଏମ୍ପାୟାର

୨ । ଶାହ ବଲୀଉଲ୍ଲାହ—ହୁଜ୍ଜାତୁଲ ଲାହୁଲ ବାଲଗା (ଆରବୀ) । ଏହାଛଡ଼ା ଉର୍ଦ୍ଦୁରେ ସମ୍ପାଦିତ ଖାଲିକ୍ ଅହମ୍ମଦ ନିଜାମୀଙ୍କ 'ଶାହ ବଲୀଉଲ୍ଲାହ କେ ସିଆସୀ ମକତୁବାତ' ର ଭୂମିକାରେ ମଧ୍ୟ ଏହା ଲେଖା ଯାଇଛି ।

୩ । ଇଫ୍ତାନ୍ ଏମ୍ ହବିବ—ଆଗ୍ରାରିଆନ୍ କଜେସ୍ ଅଫ ଦ ଫଲ ଅଫ୍ ଦ ମୋଗଲ ରୁଲ୍ ଇନ୍ ଇଣ୍ଡିଆ, ଦିଲ୍ଲୀ । ଦ୍ୱିତୀୟ ଓ ତୃତୀୟ ଖଣ୍ଡ ଏପ୍ରିଲ ୧୯୬୦ ।

ମୋରଲେଣ୍ଡ - ଆଗ୍ରାରିଆନ୍ ସିଷ୍ଟମ୍ସ୍ ଇନ୍ ମୁସ୍ଲିମ୍ ଇଣ୍ଡିଆ । ସେଣ୍ଟ୍ରାଲ୍ ବୁକ୍ ଡିପୋ, ଏହ୍ଲାବାଦରେ ମଧ୍ୟ ଲିଖିତ ଅଛି ପୃ-୧୫୬ ।

୪ । ଆର୍ନୋଲଡ୍ ଟଏନବି—ଫରଓ୍ୱାର୍ଡ଼ ଟୁ ସିଲେକ୍ସନ୍ସ୍ ଫ୍ରମ ଦ ସେକ୍ରେଡ଼୍ ରାଇଟିଙ୍ଗ୍ସ୍ ଅଫ ଦ ଶିଖ୍ସ୍ । (ଜର୍ଜ ଆଲେନ ଆଣ୍ଡ ଅନ୍‌ୱାଇନ୍ ଲିମିଟେଡ଼୍, ଲଣ୍ଡନ, ୧୯୬୦ । ପୃ-୯, ୧୦ ।

୫ । ରଲ୍ଫ ରସେଲ ଓ ଖୁର୍ସିଦୁଲ ଇସଲାମ—ଥ୍ରି ମୋଗଲ ପୋଏଟ୍ସ୍ ପ୍ରକାଶକ—ଜର୍ଜଆଲେନ୍ ଆଣ୍ଡ ଅନ ୱିନ ଲିମିଟେଡ଼୍, ଲଣ୍ଡନ ୧୯୬୮ ।

୬ । ରଲଫ୍ ରସେଲ ଓ ଖୁର୍ସିଦୁଲ ଇସଲାମ—ଦ ମୋଗଲ ପୋଏଟ୍ସ୍‌ର ପୃ-୨୫ରେ ପ୍ରକାଶିତ ମୀରଙ୍କ ପଦାବଳୀର ଇଂରାଜୀ ଅନୁବାଦ ।

୭ । ମୀରଙ୍କ ଶଇରର କିୟଦଂଶ :—

ଓ୍ୱ ଲୋଗ ତୁ ନେ ଏକ ହି ଶୋଖି ମେଁ ଖୋ ଦିୟେ,
ପାୟା ଥା ଆସମାଁ ନେ, ଜିନ୍ହେଁ ଖାକ୍ ଛାନ କେ ।

୮ । ଏସ୍. ଏମ୍. ଅବଦୁଲ୍ଲା—'ମୀର ଔର ମେଁ' ଉର୍ଦ୍ଦୁରେ ପ୍ରକାଶିତ ନିବନ୍ଧ 'ନକଦେ ମୀର' ଜାହାଙ୍ଗୀର ବୁକ୍ ଡ଼ିପୋ, ଦିଲ୍ଲୀ ୧୯୬୦ ପୃ-୪୨୪-୪୨୫

୯ । ଏହାର ଅର୍ଥ ଏପରିବି କରାଯାଇ ପାରେ ଯେ ସବୁ ଗୌରବ ଓ ଅହଙ୍କାର ମୁହମ୍ମଦ ସାହାଙ୍କ ସହିତ ସମାପ୍ତ ହେଲା ।

ଚତୁର୍ଥ ପରିଚ୍ଛେଦ

୧ । ମୁହମ୍ମଦ ଶାଦିକ—ହିଷ୍ଟ୍ରି ଅଫ ଉର୍ଦ୍ଦୁ ଲିଟରେଚର । ଅକ୍ସଫୋର୍ଡ଼ ୟୁନିଭରସିଟି ପ୍ରେସ୍, ଲଣ୍ଡନ, ୧୯୬୭ ।

୨ । ଇଂରାଜୀରେ କବିଙ୍କ ନାମ ଯେପରି ଲେଖା ଯାଇଛି ସେହିପରି ।

୩ । ରାମବାବୁ ସାକ୍ସେନା—ହିଷ୍ଟ୍ରି ଅଫ ଉର୍ଦ୍ଦୁ ଲିଟରେଚର । ରାମ ନାରାୟଣ ଲାଲ ଏହ୍ଲାବାଦ ୧୯୨୭ ।

୪। ମଜନୁ ଗୋରଖପୁରୀ -- ନକୁଶେ ଅଫକାର (ଉର୍ଦ୍ଦୁ) ଇଦାରାଫରୋଗ-ଏ-ଉର୍ଦ୍ଦୁ ଲକ୍ଷ୍ନୌ-୧୯୫୫ ପୃଷ୍ଠା ୨୨୭-୨୫୬।

୫। ତତ୍ରୈବ ପୃ-୧୬୫-୧୯୨।

୬। ଏହତେଶାମ ହୁସେନ—'ଜାଲେ ଅଦବ ଔର ଶଊର'। ଇଦାରାଫରୋଗ-ଏ ଉର୍ଦ୍ଦୁ-ଲକ୍ଷ୍ନୌ। ୧୯୫୫।

୭। ଆଲେ ଅହମଦ ସୁରୁର—ଅଦବ ଔର ନଜରୀୟା! (ଉର୍ଦ୍ଦୁ)
ଇଦାରାଫରୋଗ-ଏ-ଉର୍ଦ୍ଦୁ। ଲକ୍ଷ୍ନୌ-୧୯୫୪। ପୃ-୬୨-୭୪

୮। ମୁ. ହୁସେନ ଆଜାଦ—ଆବେ ହୟାତ,ଇସଲମିଆ ଷ୍ଟୀମ ପ୍ରେସ, ଲାହୋର ୧୯୧୭ ପୃ-୯୪।

୯। ଗାଲିବ ଙ୍କ ପାରସୀ ପଂକ୍ତିର ଉଦ୍ଧୃତାଂଶ :—
'ନାନବସ୍ତ ଦର ଦିବାନ ଗଜଲ ତା ମୁସ୍ତଫା ଖାନ୍ ଖୁସ ନା କର୍ଦ୍ଦ।

୧୦। ମଞ୍ଜୁର ଅକବରାବାଦୀ—'ରୁହେନଜୀର' ଶମ୍ସ ପ୍ରସାଦ ଆଣ୍ଡ ସନ୍ସ୍। ଆଗ୍ରା-୧୯୪୨।

୧୧। ନଜୀରଙ୍କ କବିତାର ଭାବାର୍ଥ—'ମୋ ସହିତ ମିଳିତ ହୋଇ ଯଦି ତମେ ବଦନାମ ହୁଅ ସେଥିରେ କଣ ଯାଏ। ସୌନ୍ଦର୍ଯ୍ୟ କ୍ଷଣିକ। ତେଣୁ ଅନ୍ୟମାନେ କଣ କହନ୍ତି ସେଥିରେ ବ୍ୟସ୍ତ ହୁଅନା। ଯାହା ଭଲ ଲାଗୁଚି ତାହା କର। ଯେଉଁମାନେ ତୁମର ବଦନାମ କରୁଚନ୍ତି ସେମାନେ ବୃଥାରେ ନିଜର ସମୟ ନଷ୍ଟ କରୁଛନ୍ତି।

ଗ୍ରନ୍ଥ ସୂଚୀ

ଇଂରାଜୀ

୧ । ମୁହମ୍ମଦ ସାଦିକଙ୍କ ଦ୍ୱାରା ରଚିତ ଓ ଅକ୍ସଫୋର୍ଡ଼ ବିଶ୍ୱବିଦ୍ୟାଳୟ ଲଣ୍ଡନଙ୍କ ଦ୍ୱାରା ପ୍ରକାଶିତ ଉର୍ଦ୍ଦୁ ସାହିତ୍ୟର 'ଇତିହାସ' ୧୯୬୭ ।

୨ । ରାମବାବୁ ସାକସେନାଙ୍କ ଦ୍ୱାରା ରଚିତ ଓ ରାମନାରାୟଣ ଲାଲ ଓ ସନ୍ସ, ଏହ୍ଲାବାଦ ୧୯୨୭ ରେ ପ୍ରକାଶିତ 'ଉର୍ଦ୍ଦୁ' ସାହିତ୍ୟର ଇତିହାସ ।

୩ । ଏସ ଡବଲ୍ୟୁ ଫାଲ୍ଲୋନଙ୍କ ଦ୍ୱାରା ରଚିତ (୧୮୭୯) ନୂତନ ହିନ୍ଦୁସ୍ଥାନୀ-ଇଂରାଜୀ ଶବ୍ଦକୋଷ ।

୪ । ଟି. ଗ୍ରାହାମ ବେଲିଙ୍କ ଦ୍ୱାରା ରଚିତ 'ଉର୍ଦ୍ଦୁ ସାହିତ୍ୟ'—ଭାରତୀୟ ଐତିହ୍ୟ ସିରିଜ୍—ଓ୍ୱାଇ. ଏମ୍. ସି. ଏ. ପବ୍ଲିସିଂ ହାଉସ, କଲିକତା, ୧୯୫୦ ।

ଉର୍ଦ୍ଦୁ

୫ । ଅବଦୁଲ ଗଫୁର ଶାହବାଜଙ୍କ ଦ୍ୱାରା ରଚିତ 'ଜିନ୍ଦଗାନୀ-ଏ-ବେ-ନଜୀର' ୧୯୦୦ ।

୬ । ସଲୀମ ଜାଫରଙ୍କ ଦ୍ୱାରା ରଚିତ ଓ ହିନ୍ଦୁସ୍ଥାନୀ ଏକାଡେମୀ ଏହ୍ଲାବାଦ ଦ୍ୱାରା ପ୍ରକାଶିତ ଗୁଲଜାର-ଇ-ନଜୀର ।

୭ । ଫତେହଉଲ୍ଲା ବେଗଙ୍କ ଦ୍ୱାରା ରଚିତ ଓ ଅଞ୍ଜୁମନ ତରକ୍କୀ-ଏ-ଉର୍ଦ୍ଦୁ, ଦିଲ୍ଲୀ ଦ୍ୱାରା ୧୯୪୨ ରେ ପ୍ରକାଶିତ ଦିଓ୍ୱାନ-ଇ-ନଜୀର ଆକବରାବାଦୀ ।

୮ । ମୁକମ୍ମଲ ଅକବରାବାଦୀଙ୍କ ଦ୍ୱାରା ରଚିତ ଓ ଗୟା ପ୍ରସାଦ ଏଣ୍ଡ ସନ୍ସ, ଆଗ୍ରାଙ୍କ ଦ୍ୱାରା ୧୯୪୨ ରେ ପ୍ରକାଶିତ 'ରୁହେ ନଜୀର' ।

Indian I... ...vance ...
117789
SIMLA

ନଜୀର ଅକବରାବାଦୀ (୧୭୩୫-୧୮୩୦) ଜଣେ ଅସାଧାରଣ ଉର୍ଦ୍ଦୁ କବି । ମଧ୍ୟଯୁଗୀୟ ଉର୍ଦ୍ଦୁ କବିତାର କଳ୍ପନା ବିଳାସ ଓ ରହସ୍ୟବାଦର ମୁଖ୍ୟ-ସ୍ରୋତରୁ ତାଙ୍କର ସ୍ଵତନ୍ତ୍ରତା ଅତି ସ୍ପଷ୍ଟ । ଗୃହଶିକ୍ଷକ ଭାବରେ ସେ କାର୍ଯ୍ୟ କରୁଥିଲେ ଏବଂ ଅନେକ ପ୍ରଲୋଭନ ସତ୍ତ୍ୱେ ସେ କବିତାକୁ ବ୍ୟବସାୟରେ ପରିଣତ କରି ନ ଥିଲେ ।

ନଜୀରଙ୍କ କବିତା ଥିଲା ଏକାଧାରରେ ବିଷୟଗତ ଓ ଉଦାର । ଜୀବନୋଚ୍ଛ୍ୱାସରେ ସେ ସଦା ଥିଲେ ମଗ୍ନ । ଆନନ୍ଦ ଓ ଦୁଃଖ ତାଙ୍କ ପକ୍ଷରେ ଥିଲା ଜୀବନ ମଞ୍ଚର ଚଳମାନ ପ୍ରତିଛବି । ଏହି କଠୋର ବାସ୍ତବତା ଏବଂ ଜୀବନକୁ ସମ୍ପୂର୍ଣ୍ଣଭାବେ ସ୍ୱୀକାର କରିବା ଦ୍ୱାରା ହିଁ ଆଜି ଆମ ସମାଜରେ ସେ ପ୍ରାସଙ୍ଗିକ । ସେ ଏକ ନୂତନ ପ୍ରକାଶଭଙ୍ଗୀ ଗ୍ରହଣ କରିଥିଲେ ଯାହାର ପ୍ରତ୍ୟକ୍ଷ ସମ୍ପର୍କ ଥିଲା ଏହି ଭୂମି ଓ ଏହାର ମଣିଷମାନଙ୍କ ସହିତ ।

ଡକ୍ଟର ମହମ୍ମଦ ହସନ (ଜନ୍ମ ୧୯୨୬) ଜଣେ ସମାଲୋଚକ ଓ ନାଟ୍ୟକାର । ସେ କାଶ୍ମୀର ବିଶ୍ୱବିଦ୍ୟାଳୟରେ ଉର୍ଦ୍ଦୁ ବିଭାଗର ମୁଖ୍ୟ ଥିଲେ ଏବଂ ବର୍ତ୍ତମାନ ଜବାହରଲାଲ ନେହେରୁ ଟ୍ରଷ୍ଟର ସଦସ୍ୟ ଅଛନ୍ତି । ସେ ଉର୍ଦ୍ଦୁରେ ଅଠରଟି ପୁସ୍ତକର ରଚୟିତା ଏବଂ ସାହିତ୍ୟ ଅକାଦେମି ସାଧାରଣ ପରିଷଦର ସଭ୍ୟ ।

Library IIAS, Shimla
OR 819.18 N 23 M
00117789

ପ୍ରଚ୍ଛଦ : ସତ୍ୟଜିତ୍ ରାୟ

ମୂଲ୍ୟ : ୧୫ ଟଙ୍କା

ISBN 81-7201-252-7